80th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

The Prajatantra

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୮୦ବର୍ଷ ■ ସଂଖ୍ୟା-୯୦ ● କଟକ ● ଗୁରୁବାର ● ୫ ନଭେମ୍ବର ୨୦୨୬ ● ବିଚ୍ଛା- ୮ ● ସାଲ୍ ୧୪୩୧

CUTTACK ● THURSDAY ● 5 NOVEMBER-2026 ● RNI Regd.No.4001/57

ମୂଲ୍ୟ: ₹ ୫ ଟଙ୍କା

ବାତ୍ୟା 'ଅର୍ଣ୍ଣବ' କ୍ଷୟକ୍ଷତି ଆକଳନ କଲା କେନ୍ଦ୍ରୀୟ ଟିମ୍

କ୍ଷତିଗ୍ରସ୍ତଙ୍କ ପାଇଁ ୧୦୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର





ବ୍ରହ୍ମପୁର,(ପିପିଏସ୍):

ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ଯୋଗୁଁ ଗଞ୍ଜାମ ଜିଲ୍ଲାରେ ହୋଇଥିବା ବ୍ୟାପକ କ୍ଷୟକ୍ଷତିର ସ୍ଥଳୀୟ

ପୁରୁଷୋତ୍ତମପୁର, ହିଞ୍ଜିଳି, ଆସିକା ଓ ଧରାକୋଟର ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ କେନ୍ଦ୍ରୀୟ ଟିମ୍‌ର ପରିଦର୍ଶନ

ଅନୁଧ୍ୟାନ କରିଛି ଆଠଜଣିଆ ଅନ୍ତଃମନ୍ତ୍ରାଳୟ କେନ୍ଦ୍ରୀୟ ପ୍ରତିନିଧି ଦଳ। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ରବି ଶଙ୍କରଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତିର ବିସ୍ତୃତ ଆକଳନ କରିଛନ୍ତି।


କେନ୍ଦ୍ରୀୟ ଟିମ୍ ପୁରୁଷୋତ୍ତମପୁର ବ୍ଲକ୍‌ର ଆଚୁଲି, ହାଣ୍ଡିଘର ଓ ହୀରାଧରବାଟି ଜଳସେଚନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ସେହିପରି ହିଞ୍ଜିଳି ବ୍ଲକ୍‌ର ଘୋଡ଼ାହାଡ଼ ପୋଲ ଓ ଜୟମଙ୍ଗଳ ଜଳସେଚନ ପ୍ରକଳ୍ପର କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ଆସିକାର ଲକ୍ଷ୍ମୀ ବଜାର, ନବରତ୍ନପୁର ଓ ଉପଖଣ୍ଡ ଚିକିତ୍ସାଳୟ ସମେତ ଧରାକୋଟ ବ୍ଲକ୍‌ର ଜାହାଡ଼ା ଗ୍ରାମ ଓ ଜାନିବିଲି ଆନିକଟ ମଧ୍ୟ ପରିଦର୍ଶନ କରିଥିଲେ।

ଅନୁଧ୍ୟାନ ସମୟରେ ଚାଷଜମିରେ ବାଲିଚର ମାଡ଼ିଯିବା, ନଦୀବନ୍ଧ ଓ ଜଳସେଚନ ପ୍ରକଳ୍ପର କ୍ଷତି, ଗ୍ରାମ୍ୟ ରାସ୍ତା, ବିଦ୍ୟୁତ୍ ଭିତ୍ତିଭୂମି, ବାସଗୃହ, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର କ୍ଷୟକ୍ଷତି ସମ୍ପର୍କରେ ଟିମ୍ ସବିଶେଷ ତଥ୍ୟ ସଂଗ୍ରହ କରିଥିଲା। ଏଥିସହ ବନ୍ୟା ବିପନ୍ନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ। ଚାଷଜମିକୁ ଯାଇ ଫସଲ ନଷ୍ଟର ପରିମାଣ ଅନୁଧ୍ୟାନ କରିବା ସହ ଆବଶ୍ୟକ ନମୁନା ମଧ୍ୟ ସଂଗ୍ରହ କରିଥିଲେ।

ଏହା ପୂର୍ବରୁ ସକାଳେ ଗୋପାଳପୁର ସର୍କିଟ୍ ହାଉସ୍‌ଠାରେ ଜିଲ୍ଲା ପ୍ରଶାସନ ସହ କେନ୍ଦ୍ରୀୟ ପ୍ରତିନିଧି ଦଳର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ବିଜୟ ଅମୃତ କୁଲାଙ୍ଗେ ଓ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଜିଲ୍ଲାର ବିଭିନ୍ନ ବିଭାଗର କ୍ଷୟକ୍ଷତି ସମ୍ପର୍କରେ ପ୍ରତିନିଧି ଦଳକୁ ଅବଗତ କରାଇଥିଲେ। ବିଭାଗୱାରୀ କ୍ଷତିର ବିବରଣୀ ଓ ପୁନରୁଦ୍ଧାର କାର୍ଯ୍ୟର ସ୍ଥିତି ଉପସ୍ଥାପନ କରାଯାଇଥିଲା।

ପ୍ରାଥମିକ ଆକଳନ ଅନୁଯାୟୀ, ବାତ୍ୟା ଓ ପରବର୍ତ୍ତୀ ବନ୍ୟା ଯୋଗୁଁ ଗଞ୍ଜାମ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ପ୍ରାୟ ୫୦୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି। ଏହି ଗସ୍ତ ସମୟରେ ରାଜସ୍ୱ ଆୟୁକ୍ତ ବିଜୟ ଅମୃତ କୁଲାଙ୍ଗେ ଓ ଜିଲ୍ଲାପାଳ ଭି. କୀର୍ତ୍ତି ଭଷାନ ଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ଜନପ୍ରତିନିଧି, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର ଜେନା , ଉପଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାରମାନେ ଉପସ୍ଥିତ ରହି କେନ୍ଦ୍ରୀୟ ଟିମ୍‌କୁ ଆବଶ୍ୟକ ସହଯୋଗ କରିଥିଲେ।

ମଧ୍ୟବର୍ତ୍ତୀ ନିର୍ବାଚନରେ ଟ୍ରମ୍ପ୍‌ଙ୍କୁ ଝଟ୍‌କା



ୱାସିଂଟନ୍: ଆମେରିକାର ମଧ୍ୟବର୍ତ୍ତୀ ନିର୍ବାଚନରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟିକୁ ବଡ଼ ଝଟ୍‌କା ଲାଗିଛି। ନଭେମ୍ବର ୩ ତାରିଖରେ ଅନୁଷ୍ଠିତ ନିର୍ବାଚନରେ ଡେମୋକ୍ରାଟିକ୍ ପାର୍ଟି ଉଭୟ ପ୍ରତିନିଧି ସଭା (ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍) ଓ ସିନେଟ୍‌ରେ ବହୁମତ ହାସଲ କରିଛି। ଏହାଦ୍ୱାରା ଟ୍ରମ୍ପଙ୍କ ଦ୍ୱିତୀୟ ପାଳିର ଶେଷ ଦୁଇବର୍ଷ ପାଇଁ ଆମେରିକା ଶାସନ ବ୍ୟବସ୍ଥାରେ ନୂଆ ରାଜନୈତିକ ସମୀକରଣ ସୃଷ୍ଟି ହୋଇଛି। ସିନେଟ୍‌ରେ ଡେମୋକ୍ରାଟ୍‌ଙ୍କ ଆସନ ସଂଖ୍ୟା ୫୪ରେ ପହଞ୍ଚିଛି। ଏହି ଦଳ ଟେକ୍ସାସ୍, କାନ୍ସାସ୍, ଆଇଓ୍ୱା, ଓହିଓ, ନର୍ଥ କରୋଲିନା ଓ ସାଉଥ୍ କରୋଲିନା ଭଳି ରିପବ୍ଲିକାନ୍‌ଙ୍କ ପ୍ରଭାବଶାଳୀ ରାଜ୍ୟରେ ବିଜୟୀ ହୋଇଛି। ଦୀର୍ଘ ୯୪ ବର୍ଷ ପରେ କାନ୍ସାସ୍‌ରେ ଡେମୋକ୍ରାଟିକ୍ ପାର୍ଟିର ପ୍ରାର୍ଥୀ ଆଡାମ୍ ହାମିଲଟନ୍ ରିପବ୍ଲିକାନ୍ ସାଂସଦ ରୋଜର ମାର୍ଶାଲ୍‌ଙ୍କୁ ପରାସ୍ତ କରି ସିନେଟ୍ ଆସନ ହାତେଇଛନ୍ତି। ନର୍ଥ କରୋଲିନାରେ ରୟ କୁପର ଟ୍ରମ୍ପଙ୍କ ସମର୍ଥିତ ପ୍ରାର୍ଥୀଙ୍କୁ ହରାଇଥିବା ବେଳେ ଜର୍ଜିଆରେ ଜନ୍ ଓସଫ୍ ପୁନର୍ବାର ସିନେଟ୍ଟ ନିର୍ବାଚିତ ହୋଇଛନ୍ତି। ମେନ୍ ରାଜ୍ୟରେ ପାଞ୍ଚଥରର ସିନେଟର୍ ସୁଜାନ୍ କଲିନ୍ସ ଡେମୋକ୍ରାଟିକ୍ ପ୍ରାର୍ଥୀ ଟ୍ରୟ ଜ୍ୟାକ୍‌ସନ୍‌ଙ୍କଠାରୁ ପରାସ୍ତ ହୋଇଛନ୍ତି।

ବଢ଼ିଲା ଅମୂଲ, ଘିଅ ଓ ବଟର ଦାମ୍

ନୂଆଦିଲ୍ଲୀ : ଦୀପାବଳି ପାଖେଇ ଆସୁଛି, ଏବଂ ବିଭିନ୍ନ ପ୍ରକାରର ମିଠା, ଖାଦ୍ୟ ଏବଂ ସ୍ୱାଦିଷ୍ଟ ଖାଦ୍ୟ ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଏହି ସମୟରେ, ରୋଷେଇ ଘରେ ପୁଣି ହୋଇଛି ମହଙ୍ଗାମାଡ। ଦେଶର ସବୁଠାରୁ ବିଶ୍ୱସ୍ତ ଡାଏରୀ ବ୍ରାଣ୍ଡ ଅମୂଲ, ପର୍ବ ପୂର୍ବରୁ ଘିଅ ଏବଂ ବଟରର ମୂଲ୍ୟ ବୃଦ୍ଧି କରିଛି। କମ୍ପାନୀ ସିଧାସଳଖ ୧ କିଲୋଗ୍ରାମ ଅମୂଲ ଘିଅ ପ୍ୟାକେଟର ମୂଲ୍ୟ ୫୦ ଟଙ୍କା ବୃଦ୍ଧି କରିଛି, ୫୦୦ ଗ୍ରାମ ବଟର ପ୍ୟାକେଟ ମଧ୍ୟ ୧୫ ଟଙ୍କା ମହଙ୍ଗା ହୋଇଛି। ଏହା ବ୍ୟତୀତ ଗୁଜରାଟ ସମେତ ଦେଶର ଅନେକ ପ୍ରମୁଖ ସହରରେ ଅମୂଲ ଘିଅ ଅଭାବ ଦେଖାଯାଇଥିବା ଜଣାପଡ଼ିଛି।

୨ ବର୍ଷ ବଢ଼ିଲା ଅଗ୍ନିବୀରଙ୍କ କାର୍ଯ୍ୟକାଳ



ନୂଆଦିଲ୍ଲୀ : କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାରେ ସେନାରେ ନିଯୁକ୍ତି ପାଇଥିବା ଅଗ୍ନିବୀରମାନଙ୍କ କାର୍ଯ୍ୟକାଳ ଆଉ ୨ ବର୍ଷ ବୃଦ୍ଧି କରିଛନ୍ତି । ଏହି ସ୍କିମରେ ନିଯୁକ୍ତି ପାଇଥିବା ପ୍ରାୟ ୭୫ ଭାଗ ଅଗ୍ନିବୀର ଚଳିତ ବର୍ଷ ଅବସର ନେବାର ଥିଲା । ଯୋଜନାକୁ ଆଉ ୨ ବର୍ଷ ବୃଦ୍ଧି କରିବା ଦ୍ୱାରା ୧୮,୦୦୦ ଅଗ୍ନିବୀର ଲାଭବାନ ହେବେ । ୨୦୨୨ରେ କେନ୍ଦ୍ର ସରକାର ଅଗ୍ନିବୀର ଯୋଜନା ଆରମ୍ଭ କରିଥିଲେ । ଏହା ୪ ବର୍ଷର ସ୍କିମ୍ ଥିଲା । ଚଳିତ ବର୍ଷ ସ୍କିମର ଅବଧି ଶେଷ ହେଉଥିବାରୁ ପ୍ରାୟ ଏବେ ଏଥିରେ କାର୍ଯ୍ୟରତ ୧୮୦୦୦ ଅଗ୍ନିବୀର ଚାକିରି ହରାଇବାର ଆଶଙ୍କା ପ୍ରକାଶ ପାଇଥିଲା । ତେବେ ସ୍କିମ୍କୁ ୨ ବର୍ଷ ବୃଦ୍ଧି କରିବା ଦ୍ୱାରା ଏହି ଆଶଙ୍କା ଦୂର ହୋଇଛି । ଏ ସମ୍ପର୍କରେ ସୂଚନା ଦେଇ ଚିଫ ଅଫ ଡିଫେନ୍ସ ଷ୍ଟାଫ (ସିଡିଏସ) ଏନଏସ ରାଜାସୁବ୍ରମନି କହିଛନ୍ତି, ଅଗ୍ନିବୀରଙ୍କ କାର୍ଯ୍ୟକାଳ ଆଉ ୨ ବର୍ଷ ବଢାଇବାର ଉଦ୍ଦେଶ୍ୟ ସେମାନଙ୍କୁ ସେନାରେ ଭର୍ତ୍ତି ହେବାକୁ ଆଉ ଏକ ସୁଯୋଗ ଦେବା। ଯେଉଁ ଅଗ୍ନିବୀରମାନେ ଏହି ସମୟରେ ଭଲ କାମ କରିବେ, ସେମାନଙ୍କୁ ସେନାରେ ଭର୍ତ୍ତି ହେବାର ସୁଯୋଗ ମିଳିବ । ପ୍ରତିବର୍ଷ ଅଗ୍ନିବୀରମାନଙ୍କ କାର୍ଯ୍ୟଦକ୍ଷତାର ସମୀକ୍ଷା କରାଯଇ ପର୍ଯ୍ୟାୟ କ୍ରମେ ସେମାନଙ୍କୁ ସେନାରେ ଭର୍ତ୍ତି କରାଯାଉଛି । କାର୍ଯ୍ୟକାଳରେ ଆଉ ୨ ବର୍ଷ ବୃଦ୍ଧି ଦ୍ୱାରା ବଳି ପଡିଥିବା ଅଗ୍ନିବୀରମାନେ ସେନାରେ ଯୋଗଦେବାର ଶେଷ ସୁଯୋଗ ପାଇବେ ।

୪୩ ବର୍ଷ ପରେ ସରକାରୀ ଖାତାକୁ ଫେରିଲା ୮୦୦ କୋଟିର ଜମି

କଟକ,(ପିପିଏସ୍): କଟକ ମହାନଗର ନିଗମ ଅନ୍ତର୍ଗତ ଟାଙ୍ଗୀ-ଚୌଦ୍ୱାର ତହସିଲର ଜଗତପୁର ଗୋଲେଇଛକ ସନ୍ନିକଟ ତରୋଳ ମୌଜାରେ ଥିବା ୬୨.୭୨ ଏକର ସରକାରୀ ଜମିକୁ ନେଇ ଦୀର୍ଘ ୪୩ ବର୍ଷ ଧରି ଚାଲିଥିବା ଆଇନଗତ ବିବାଦର ଅବସାନ ଘଟିଛି। ରାଜସ୍ୱ ପର୍ଷଦ ସଦସ୍ୟ ସତ୍ୟବ୍ରତ ସାହୁ ଏହି ଜମି ଉପରେ ଦାବି କରିଥିବା ଆବେଦନକାରୀଙ୍କ ରିଭିଜନ୍ ମାମଲାକୁ ଖାରଜ କରିବା ସହ ଜମିକୁ ସରକାରୀ ଖାତାରେ ପୂର୍ବବତ୍ କାଏମ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ପର୍ଷଦ ସଦସ୍ୟଙ୍କ ଅଦାଲତର ନଭେମ୍ବର ୩ ତାରିଖର ରାୟ ଅନୁଯାୟୀ, ଏହି ଜମିକୁ ନେଇ ଆବେଦନକାରୀଙ୍କ ପକ୍ଷରୁ ଉପସ୍ଥାପିତ ଦଲିଲ ଓ ତଥ୍ୟ ଆଇନଗତ ମାଲିକାନା କିମ୍ବା ରାୟତି ଅଧିକାର ପ୍ରମାଣ କରିବାରେ ସକ୍ଷମ ହୋଇନାହିଁ। ଫଳରେ କଟକ ଅତିରିକ୍ତ ଜିଲ୍ଲାପାଳଙ୍କ ପୂର୍ବ ଆଦେଶକୁ ବଳବତ୍ତର ରଖାଯାଇଛି। ଆବେଦନକାରୀମାନେ ୧୯୪୫ ମସିହାର ଏକ ପଞ୍ଜୀକୃତ ଲିଜ୍ ଆଧାରରେ ଅନାବାଦୀ ଜମି ଉପରେ ଅଧିକାର ଦାବି କରିଥିଲେ। ଏହି ଲିଜ୍ ଜଣେ ଘରୋଇ ବ୍ୟକ୍ତିଙ୍କ ସପକ୍ଷରେ ଏକ ଝୋଟ କଳ ପ୍ରତିଷ୍ଠା ଉଦ୍ଦେଶ୍ୟରେ କରାଯାଇଥିବା ଦାବି ହୋଇଥିଲା। କିନ୍ତୁ ଅଦାଲତ ତାଙ୍କ ପକ୍ଷରୁ ଉପସ୍ଥାପିତ ୧୯୦୫ ମସିହାର ଇଚ୍ଛାପତ୍ର ଓ ଅନ୍ୟାନ୍ୟ ଦଲିଲକୁ ବିଚାର କରି ଦର୍ଶାଇଛନ୍ତି ଯେ, ପୂର୍ବତନ ଜମିଦାରଙ୍କ ବିଧବା, ଯିଏ କି ସଂପୃକ୍ତ ବ୍ୟକ୍ତିଙ୍କୁ ଲିଜ୍ ପ୍ରଦାନ କରିଥିଲେ, ତାଙ୍କର ଉକ୍ତ ଜମି ଉପରେ କେବଳ ଉପଭୋଗ କରିବାର ଅଧିକାର ଥିଲା ଏବଂ ସମ୍ପତ୍ତିର ମୂଳ ମାଲିକାନାକୁ ସ୍ଥାୟୀ ଭାବେ ହସ୍ତାନ୍ତର କରିବାର କୌଣସି ଅଧିକାର ନଥିଲା । ତେଣୁ ତାଙ୍କ ପକ୍ଷରୁ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଲିଜ୍ ଆଧାରରେ ସ୍ଥାୟୀ ଓ ହସ୍ତାନ୍ତରଯୋଗ୍ୟ ଅଧିକାର ଦାବି ଆଇନସଙ୍ଗତ ନୁହେଁ।

ପୁରୁଣା ପଟ୍ଟା, ଜମାବନ୍ଦୀ ଓ ଖଜଣା ରସିଦ ଆଦି ଖଜଣା ଆଦାୟ କରିବାର ମାଧ୍ୟମ; ଏହାଦ୍ୱାରା ନିଜସ୍ୱ ମାଲିକାନା କିମ୍ବା ରୟତି ଅଧିକାର ସୃଷ୍ଟି ହୁଏ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି । ଏଥିସହ ଜମିରେ ପ୍ରାୟତଃ ଖୋଲା ଜାଗା, ମନ୍ଦିର, ଶିକ୍ଷାନୁଷ୍ଠାନ ଓ ଇଡକୋ ରାସ୍ତା ଥିବା ନେଇ ଟାଙ୍ଗୀ-ଚୌଦ୍ୱାର ତହସିଲଦାରଙ୍କ ଦ୍ୱାରା କ୍ଷେତ୍ର ସରଜମିନ୍ ତଦନ୍ତ ରିପୋର୍ଟରେ ଉଲ୍ଲେଖ ରହିଥିଲା। ଆବେଦନକାରୀଙ୍କ ଦାବି ଅନୁଯାୟୀ, ମାମଲା ଜମିରେ କୌଣସି ଝୋଟକଳ କିମ୍ବା କୃଷି କାର୍ଯ୍ୟ କରାଯାଉନାହିଁ। ଏହି କାରଣରୁ ଓଡ଼ିଶା ଜମିଦାରୀ ଉଚ୍ଛେଦ ଆଇନର ଧାରା-୮(୧) ଅନୁଯାୟୀ ଆବେଦନକାରୀଙ୍କୁ ପ୍ରଜା ବୋଲି ବିବେଚିତ କରିବାର ଦାବି ଅଗ୍ରହଣୀୟ ବୋଲି ପ୍ରମାଣିତ ହୋଇଥିଲା। ରାଜସ୍ୱ ପର୍ଷଦ ସଦସ୍ୟଙ୍କ ଅଦାଲତ ଆହୁରି ଦର୍ଶାଇଛନ୍ତି ଯେ, ୦୧.୦୫.୧୯୫୪ ତାରିଖରେ ଜମିଦାରୀ ଉଚ୍ଛେଦ ପରେ ସମ୍ପୃକ୍ତ ଜମି ରାଜ୍ୟ ସରକାରଙ୍କ ନିକଟରେ ନ୍ୟସ୍ତ ହୋଇଥିଲା। ଜମିଟି ଅନାବାଦୀ ଓ ଅଣ-ରୟତି ପ୍ରକୃତିର ହୋଇଥିବାରୁ ଓଡ଼ିଶା ଜମିଦାରୀ ଉଚ୍ଛେଦ ଆଇନର ଧାରା ୫ ଅନୁଯାୟୀ ସରକାରଙ୍କ ନିକଟରେ ନ୍ୟସ୍ତ ହୋଇଥିଲା। ଜମିଦାରୀ ଉଚ୍ଛେଦ ପୂର୍ବରୁ ଆବେଦନକାରୀମାନେ ଜମିରେ ଚାଷବାସ କିମ୍ବା ଦଖଲରେ ଥିବା ନେଇ ମଧ୍ୟ କୌଣସି ଠୋସ୍ ପ୍ରମାଣ ଦେଇପାରିନଥିଲେ ଓ ଉଲ୍ଲେଖଯୋଗ୍ୟ, ୧୯୮୩ ମସିହାରେ ଆରମ୍ଭ ହୋଇଥିବା ଏହି ମାମଲାରେ ରାଜ୍ୟ ସରକାର ଓଡ଼ିଶା ଜମିଦାରୀ ଉଚ୍ଛେଦ ଆଇନର ଧାରା ୫ ଅନୁଯାୟୀ ଜମି ପୁନରୁଦ୍ଧାର ପାଇଁ ପଦକ୍ଷେପ ନେଇଥିଲେ। ପରବର୍ତ୍ତୀ ସମୟରେ ଏହା ବିଭିନ୍ନ ରାଜସ୍ୱ ଅଦାଲତ ଦେଇ ଗତି କରିଥିଲା। ଶେଷରେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ୨୦୨୨ ମସିହାର ନିର୍ଦ୍ଦେଶ ଅନୁଯାୟୀ ଆବେଦନକାରୀମାନେ ରାଜସ୍ୱ ପର୍ଷଦ ସଦସ୍ୟଙ୍କ ନିକଟରେ ଜମିଦାରୀ ଉଚ୍ଛେଦ ଆଇନର ଧାରା ୩୮(ବି) ଅନୁଯାୟୀ ରିଭିଜନ୍ ଦାଖଲ କରିଥିଲେ।

ବେସରକାରୀ ଅନୁଦାନପ୍ରାପ୍ତ ଅଧ୍ୟକ୍ଷମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଭେଟି

ଭୁବନେଶ୍ୱର, (ପିପିଏସ୍): ରାଜ୍ୟର ବିଭିନ୍ନ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଅଧ୍ୟକ୍ଷମାନଙ୍କ ପାଇଁ ଖୁସି ଖବର । ସେମାନେ ଏଣିକି ସ୍ଥାନ ଓ ପୋଷ୍ଟିଂ ଅନୁଯାୟୀ ପାଇବେ ମାସିକ ପ୍ରୋତ୍ସାହନ ରାଶି। ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ଏହି ବର୍ଗର ବିଭିନ୍ନ କଲେଜର ଅଧ୍ୟାପକମାନେ ଦୂର ଦୂରାନ୍ତରରେ ଥିବା କଲେଜ ଗୁଡ଼ିକରେ ଅଧ୍ୟକ୍ଷ ଦାୟିତ୍ୱ ନେବା ପାଇଁ ଆଗ୍ରହ ପ୍ରକାଶ କରିବେ ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ଶିକ୍ଷାଦାନ ପ୍ରକ୍ରିୟା ସୁଚାରୁ ରୂପେ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ୪୮୮ ଓ ୬୬୨ ବର୍ଗର ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷମାନେ ପାଇବେ ମାସିକ ପ୍ରୋତ୍ସାହନ ରାଶି । ଏହାଦ୍ୱାରା ଏହି ବର୍ଗର ପ୍ରାୟ ୬୪୧ଟି ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷମାନେ ଉପକୃତ ହେବେ ।

ନିଷ୍ପତ୍ତ ଅନୁଯାୟୀ ଯେଉଁ ଅଧ୍ୟକ୍ଷମାନେ ନିଜ ଜିଲ୍ଲାରେ କିମ୍ବା ଉନ୍ନତ ସହରାଂଚଳରେ ପୋଷ୍ଟିଂ ପାଇଥିବେ, ସେମାନଙ୍କୁ ମାସକୁ ୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ। ନିଜ ଜିଲ୍ଲାର ବାହାରେ ପୋଷ୍ଟିଂ ଥିଲେ ମାସକୁ ମିଳିବ ୭ ହଜାର ଟଙ୍କା। ନିଜ ଜିଲ୍ଲା କିମ୍ବା ଘର ଠାରୁ ୩୦୦ କିଲୋମିଟର ଦୂରରେ ପୋଷ୍ଟିଂ ଥିଲେ ୯ ହଜାର ଟଙ୍କା ମିଳିବ । ଯଦି ଭୌଗୋଳିକ ଭାବେ ଦୂର ଓ ଦୁର୍ଗମ ଅଂଚଳରେ ପୋଷ୍ଟିଂ ହୋଇଥିବ, ତେବେ ଏଥିପାଇଁ ସମ୍ପୃକ୍ତ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ମାସକୁ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ । ଏହି ନିଷ୍ପତ୍ତି ଏକ କମିଟି ଦ୍ୱାରା ନିର୍ଦ୍ଧାରଣ କରାଯିବ । ଏହାଦ୍ୱାରା ରାଜ୍ୟ ସରକାର ବର୍ଷକୁ ପ୍ରାୟ ୬ କୋଟି ଟଙ୍କା ଖର୍ଚ୍ଚ କରିବେ । ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବା ପର ଠାରୁ ଏହା ଲାଗୁ ହେବ।

ସମ୍ପାଦକୀୟ

ଆଜିର ପିଲା ଓ ଏ.ଆଇ

ବାଟେଘାଟେ



ଶୁଣୁ ଶୁଣୁ ଏବେ ଛାନିଆଁ ଲାଗୁଛି
ବାତ୍ୟା ଝଡ଼ ବର୍ଷା ନାଆଁ
ପଥର ଧସିଲା ନିଶ୍ଚିହ୍ନ ହୋଇଲା
ଗଞ୍ଜାମର ଏକ ଗାଆଁ
ଘର ଦ୍ୱାର ଗଲା ସବୁ ସରି ଗଲା
ରହିବାକୁ ଜାଗା ନାହିଁ
ପାଣି ଛାଡି ନାହିଁ ତଥାପି ମଣିଷ
ମୃତ୍ୟୁ ସହ ମୁହାଁ ମୁହିଁ
ବନ୍ୟା ବାତ୍ୟା ମରୁଡି ସର୍ବଦା
ଓଡ଼ିଶାର ସହଚର
ପ୍ରକୃତି ତାଣ୍ଡବ ଲୀଳା ପାଇଁ ଏଠି
କେ କରିବ ପ୍ରତିକାର

-ରାହୀ

କୋଟିଆ ନିର୍ବାଚନ: ୮ ପ୍ଲାଟୁନ୍ ଫୋର୍ସ ମୁତୟନ କଲା ଓଡ଼ିଶା

ଭୁବନେଶ୍ୱର, (ପିପିଏସ୍): କୋରାପୁଟ ଜିଲ୍ଲାର କୋଟିଆ ସୀମାବିବାଦ ଏବେ ନୂଆ ମୋଡ଼ ନେଇଛି। ସୁପ୍ରିମକୋର୍ଟଙ୍କ ସ୍ଥିତାବସ୍ଥା ନିର୍ଦ୍ଦେଶକୁ ଖୋଲାଖୋଲି ବେଖାତିର କରି ଆନ୍ଧ୍ରପ୍ରଦେଶ ସରକାର ଆସନ୍ତାକାଲି କୋଟିଆ ଗ୍ରାମପୁଞ୍ଜରେ ପଂଚାୟତ ଓ ମଣ୍ଡଳ ନିର୍ବାଚନ କରିବା ପାଇଁ ଯେଉଁ ପ୍ରସ୍ତୁତି କରିଥିଲେ ତାହା ବିଫଳ ହୋଇଛି। ଆନ୍ଧ୍ରର ଏଭଳି ଏକତରଫା ଦାଦାଗିରି ବିରୋଧରେ କୋଟିଆର ସ୍ଥାନୀୟ ଲୋକେ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବା ସହ ଆନ୍ଧ୍ରର ନିର୍ବାଚନୀ ପୋଷ୍ଟର ଚିରି ଫୋପାଡ଼ିବା ପରେ ଆନ୍ଧ୍ର ପୁଲିସ ଓ ପୁଲିଂ ପାର୍ଟି ଆଜି କୋଟିଆ ଛାଡ଼ିଥିବା ଜଣାପଡ଼ିଛି। ଉପଜିଲ୍ଲାପାଳଙ୍କ ନେତୃତ୍ୱରେ କୋରାପୁଟ ଜିଲ୍ଲା ପ୍ରଶାସନ ଏବେ ସମଗ୍ର କୋଟିଆ ଅଂଚଳକୁ ପୁଣିଥରେ ନିଜ ଦଖଲକୁ ନେଇଛି। ସୀମାନ୍ତରେ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ଆଉ ୮ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ସୂଚନା ମିଳିଛି। ଆଉ ଏସବୁ ମଧ୍ୟରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ପୁଣିଥରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଥିବାବେଳେ ଏହାକୁ ନେଇ ରାଜନୀତି ସରଗରମ ହୋଇଛି।

ସୂଚନା ଅନୁସ



ଆଜିର ରାଶିଫଳ

ମେଷ

ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ କର୍ମଚାରୀଙ୍କ ସହଯୋଗ ପାଇ ସ୍ଥଗିତ କାମ ସମ୍ପନ୍ନ ହେବ। ଘରୋଇ କ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ।

ବୃଷ

କର୍ମକ୍ଷେତ୍ରରେ ସମସ୍ୟା ମଧ୍ୟରେ ଗତି କଲେ ମଧ୍ୟ କିଛି ଅସୁବିଧା ହେବନି। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ନିଃସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରିବାକୁ ଯାଇ ଆତ୍ମସନ୍ତୋଷ ଲାଭ କରିପାରନ୍ତି।

ମିଥୁନ

ଅର୍ଥ ସଂକଟ ଗୁରୁତ୍ୱପୂର୍ଣ୍ଣ କାମଟିକୁ ଅଟକାଇ ରଖିବାର ଆଶଙ୍କା ରହିଛି। ଲୁଚି ରହିଥିବା ମନର ଦୁଃଖକୁ ବନ୍ଧୁଙ୍କ ସମ୍ମୁଖରେ କହି ଆଶ୍ୱସ୍ତି ଲାଭ କରିପାରନ୍ତି। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ବନ୍ଧୁଙ୍କ ଦ୍ୱାରା ଦିଗ୍ଦର୍ଶନ ପାଇବେ।

କର୍କଟ

କର୍ମକ୍ଷେତ୍ରରେ ସହକର୍ମୀଙ୍କ ପ୍ରତିଶ୍ରୁତି ପାଇ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ପୁନର୍ବସୁ ନକ୍ଷତ୍ର ପାଇଁ ନିଜ ପରିସରର ବ୍ୟକ୍ତିବିଶେଷ ଚିନ୍ତାର କାରଣ ହୋଇପାରନ୍ତି। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

ସିଂହ

ଶାରୀରିକ ସୁସ୍ଥତା କାର୍ଯ୍ୟହାସଲ ସକାଶେ ମନୋବଳ ବୃଦ୍ଧି କରିବ। ସନ୍ତାନଙ୍କ ସମସ୍ୟାକୁ ସରଳଭାବରେ ସମାଧାନ କରିପାରିବେ। ଆନୁଷ୍ଠାନିକ କାମ, ସହଙ୍ଗ, ଧାର୍ମିକ କାର୍ଯ୍ୟରେ ନିଜକୁ ସାମିଲ୍ କରିପାରନ୍ତି।

କନ୍ୟା

ବନ୍ଧୁମାନଙ୍କ ସହାନୁଭୂତି ସାମୟିକ ମନର ଦୁଃଖକୁ ଲାଘବ କରିପାରେ। ଉତ୍ତରାଫାଲ୍ଗୁନୀ ନକ୍ଷତ୍ରର ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ବହୁ ପରିଶ୍ରମ କରି ଉନ୍ନତ ମାର୍ଗରେ ଆଗକୁ ବଢ଼ିବେ।

ତୁଳା

ସହକର୍ମୀଙ୍କ ମନଗଢ଼ା କଥାକୁ ବିଶ୍ୱାସ କରି ଭାବପ୍ରବଣ ହୋଇପାରନ୍ତି। ବିଶାଖା ନକ୍ଷତ୍ରର ପାରିବାରିକ ସମ୍ପର୍କ ପୂର୍ବପରି ଅକ୍ଷୁଣ୍ଣ ରହିବ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ଉନ୍ନତି କରିବେ।

ବିଛା

ବିଭିନ୍ନ ଜଞ୍ଜାଳରେ ବ୍ୟସ୍ତ ରହିବା ହେତୁ ମନ ଅସ୍ଥିର ରହିବ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟିକୁ ନିକଟରେ ପାଇ ଆତ୍ମହରା ହୋଇପାରନ୍ତି। ଆନୁଷ୍ଠାନିକ କାମ,ସଂଗଠନ, ସଭାସମିତି ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

ଧନୁ

ଉତ୍ତରାଷାଢ଼ା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ସଙ୍ଗକୁ କାମରେ ପ୍ରତିବନ୍ଧକ ଦୁଶ୍ଚିନ୍ତାକୁ ବଢ଼ାଇଦେବ। ଯେକୌଣସି ବ୍ୟବସାୟ କଲେ ଲାଭବାନ୍ ହେବେ।

ମକର

ଉପରିସ୍ଥଙ୍କ ପୃଷ୍ଠପୋଷକତା କାରଣରୁ କର୍ମକ୍ଷେତ୍ରରେ ସଫଳତା ଯୋଗୁ ମନ ଖୁସି ରହିବ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହୋଇପାରେ। କେତେକ କ୍ଷେତ୍ରରେ ଅନ୍ୟମନସ୍କ ହୋଇପାରନ୍ତି।

କୁମ୍ଭ

ଧନିଷ୍ଠା ନକ୍ଷତ୍ର ସରକାରୀ କାମରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଶତ୍ରୁତା କାରଣରୁ ଦୀର୍ଘଦିନରୁ ସ୍ଥଗିତ ରହିଥିବା କାମଟି ହଠାତ୍ ହୋଇଯିବ। ଯାତ୍ରା ସମୟରେ ଜିନିଷପତ୍ର ପ୍ରତି ସତର୍କ ନ ହେଲେ ହଜିଯାଇପାରେ।

ମୀନ

ଉପସ୍ଥିତି ବୁଦ୍ଧି ପ୍ରୟୋଗ କରି ଅସାଧ୍ୟ ସାଧନ କରିପାରିବେ। ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। ଉତ୍ତରଭାଦ୍ର ନକ୍ଷତ୍ର ବ୍ୟବସାୟ ଓ ପରିବହନରେ ଲାଭବାନ୍ ହେବେ।

ପାଣି ବିନା ବଞ୍ଚିପାରିବ ଏହି ପ୍ରାଣୀ



ଦୁନିଆରେ ବହୁତ ପ୍ରକାରର ପ୍ରାଣୀ ବାସ କରନ୍ତି। ପ୍ରତ୍ୟେକ ପ୍ରାଣୀର ନିଜସ୍ୱ ବିଶେଷ ଗୁଣ ଅଛି। କିଛି ପ୍ରାଣୀ ଅଛନ୍ତି, ଯେଉଁମାନେ ପାଣି ନ ପିଇ ୧୦-୧୫ ଦିନ ପର୍ଯ୍ୟନ୍ତ ବଞ୍ଚିପାରନ୍ତି, ଯେପରିକି ଓଟ। କିନ୍ତୁ ଆଜି ଆମେ ଆପଣଙ୍କୁ ଏପରି ଏକ ପ୍ରାଣୀ ବିଷୟରେ କହିବାକୁ ଯାଉଛୁ ଯିଏ ପାଣି ବିନା ସାରା ଜୀବନ ବଞ୍ଚିପାରିବ। ଏହା ଏକ ହରିଣ ପ୍ରଜାତିର ଅଟେ। ଏହାର ନାମ ହେଉଛି ଗେରେନୁକ। ଗେରେନୁକ ହେଉଛି ପୂର୍ବ ଆଫ୍ରିକାରେ ଦେଖାଯାଉଥିବା ଏକ ଲମ୍ବା ବେକ, ମଧ୍ୟମ ଆକାରର ହରିଣ ଏବଂ ଏହାକୁ ଜିରାଫ ଗାଜେଲ ମଧ୍ୟ କୁହାଯାଏ। ଏହାର ବୈଜ୍ଞାନିକ ନାମ ଲିଟୋକ୍ରାନିଅସ ୱାଲେରି। ଏହା ପୂର୍ବ ଆଫ୍ରିକାର ଶୁଷ୍କ ଏବଂ କଣ୍ଟାଗ୍ରସ୍ତ ଅଞ୍ଚଳରେ ବାସ କରନ୍ତି। ଏହା ଇଥିଓପିଆ, ସୋମାଲିଆ ଏବଂ ତାଞ୍ଜାନିଆରେ ବହୁଳ ଭାବରେ ଦେଖାଯାଏ। ଗେରେନୁକର ବେକ ଲମ୍ବା ପତଳା ଏବଂ ଏହାର ଆକାର ୮୦-୧୦୫ ସେମି ଲମ୍ବା। ଗେରେନୁକ ବିଭିନ୍ନ ପ୍ରକାରର ପତ୍ର, ଡାଳ, ଫଳ, ଫୁଲ ଖାଆନ୍ତି। ଗେରେନୁକଙ୍କୁ ପାଣି ପିଇବାର ଆବଶ୍ୟକତା ନାହିଁ, କାରଣ ସେମାନେ ଆବଶ୍ୟକ ପାଣି ଗଛରୁ ପାଆନ୍ତି। ସେମାନେ ସାରା ଜୀବନ ପାଣି ନ ପିଇ ବଞ୍ଚିପାରିବେ। ଗେରେନୁକର ଅନନ୍ୟ ମେରୁଦଣ୍ଡ ଗଠନ ହୋଇଛି। ଶିକାରୀଙ୍କଠାରୁ ରକ୍ଷା ପାଇବା ପାଇଁ ସେମାନେ ଘଣ୍ଟା ପ୍ରତି ପ୍ରାୟ ୪୦ ମାଇଲ ବେଗରେ ୬୪ କିଲୋମିଟର ଦୌଡ଼ି ପାରିବେ।

ବିଶ୍ୱ ସୁନାମି ସଚେତନତା ଦିବସ



ପ୍ରତିବର୍ଷ ୫ ନଭେମ୍ବରରେ 'ବିଶ୍ୱ ସୁନାମି ସଚେତନତା ଦିବସ' ପାଳନ କରାଯାଏ। ଆଜି ଏହି ଦିନ ଥିବାରୁ ସାରା ବିଶ୍ୱ ଏ ଦିଗରେ ସଚେତନତାର ବାର୍ତ୍ତା ପ୍ରଦାନ କରୁଛି। ଏହି ଦିନଟି ପାଳନ କରିବାର ଲକ୍ଷ ହେଉଛି ଭବିଷ୍ୟତର ବିପର୍ଯ୍ୟୟ ପାଇଁ ପ୍ରସ୍ତୁତ ହେବା ଯାହାଦ୍ୱାରା ଅଧିକରୁ ଅଧିକ ଲୋକଙ୍କ ଜୀବନ ରକ୍ଷା ହୋଇପାରିବ। ସୁନାମି ବିଷୟରେ ସଚେତନତା ବୃଦ୍ଧି ପାଇଁ ଏହି ଦିବସଟି ପାଳନ କରାଯାଏ। ବିପର୍ଯ୍ୟୟ ସମୟର କ୍ଷତିକୁ ହ୍ରାସ କରିବା ଏବଂ ମୌଳିକ ସେବାକୁ ପ୍ରୋତ୍ସାହିତ କରିବାରେ ସଂଗଠନ ସାହାଯ୍ୟ କରେ। ଡିସେମ୍ବର ୨୦୦୪ରେ ଭାରତ ମହାସାଗରରେ ଘଟିଥିବା ସୁନାମି ୧୪ଟି ଦେଶକୁ ପ୍ରଭାବିତ କରିଥିଲା। କିନ୍ତୁ ଏହାର ସବୁଠାରୁ ବଡ ପ୍ରଭାବ ଥାଇଲାଣ୍ଡରେ ଦେଖାଦେଇଥିଲା। ଏକ ରିପୋର୍ଟ ଅନୁଯାୟୀ, ଏହି ସୁନାମିରେ କେବଳ ଶ୍ରୀଲଙ୍କା, ଇଣ୍ଡୋନେସିଆ ଏବଂ ଭାରତରେ ୨,୨୭,୦୦୦ ଲୋକ ପ୍ରାଣ ହରାଇଥିଲେ।ଏହାକୁ ଦୃଷ୍ଟିରେ ରଖି ମିଳିତ ଜାତିସଂଘ ସଚେତନ ହେଲା। ସଂଘ ଦ୍ୱାରା ୨୨ ଡିସେମ୍ବର ୨୦୧୫ରେ ଘୋଷଣା ପରେ ପ୍ରଥମ ଥର ପାଇଁ ୫ ନଭେମ୍ବର ୨୦୧୬ରେ 'ବିଶ୍ୱ ସୁନାମି ସଚେତନତା ଦିବସ' ପାଳନ କରାଯାଇଥିଲା। ମିଳିତ ଜାତିସଂଘର ସାଧାରଣ ସଭା ଆନ୍ତର୍ଜାତୀୟ ସଂସ୍ଥାଗୁଡ଼ିକର ସମସ୍ତ ଦେଶକୁ ଏହି ପ୍ରାକୃତିକ ବିପର୍ଯ୍ୟୟ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲା। ସେବେଠାରୁ ଏହି ଦିବସ ପାଳନ କରାଯାଉଛି।

ଭାରତରେ ସବୁଠୁ ପବିତ୍ର ୫ଟି ସରୋବର

ପ୍ରାଚୀନ କାଳରେ ଲୋକମାନଙ୍କ ମଧ୍ୟରେ ଧାର୍ମିକ ଭାବନା ଓ ଈଶ୍ୱର ବିଶ୍ୱାସ ଭରି ରହିଥିଲା । କିନ୍ତୁ ଆଜିର ଆଧୁନିକ ଯୁଗର ଲୋକମାନେ ସେସବୁକୁ ବିଶ୍ୱାସ କରନ୍ତି ନାହିଁ । ତଥାପି ଆଜି ବି ଭାରତବର୍ଷରେ ଏପରି କିଛି ସ୍ଥାନ ରହିଛି, ଯାହାକୁ ଲୋକମାନେ ସ୍ୱତନ୍ତ୍ର ବୋଲି ମାନୁଛନ୍ତି । ଆଜି ଆମେ ଆପଣମାନଙ୍କୁ ଭାରତବର୍ଷରେ ରହିଥିବା ଏପରି ୫ଟି ସରୋବର ବିଷୟରେ କହିବାକୁ ଯାଉଅଛୁ, ଯେଉଁଠି ସ୍ନାନ କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ଲୋକମାନେ ଆଜି ବି ମାନୁଛନ୍ତି ।

ପୁଷ୍କର ସରୋବର, ଆଜମେର, ରାଜସ୍ଥାନ:-



ରାଜସ୍ଥାନର ଆଜମେରଠାରୁ ୧୪ କିମି ଦୂରରେ ପୁଷ୍କର ସରୋବର ଅବସ୍ଥିତ । ଏଠାରେ ବ୍ରହ୍ମାଙ୍କର ଏକମାତ୍ର ମନ୍ଦିର ରହିଛି । ପଞ୍ଚ ତୀର୍ଥସ୍ଥଳ ମଧ୍ୟରେ ପୁଷ୍କର ସରୋବରକୁ ଗଣାଯାଏ । କୁହାଯାଏ ଏଠାରେ ଭଗବାନ ରାମ ପିତା ଦଶରଥଙ୍କ ଶ୍ରାଦ୍ଧ କରିଥିଲେ । ମୋକ୍ଷ ପ୍ରାପ୍ତି ନିମନ୍ତେ ଏହି ସରୋବରର ମାହାତ୍ମ୍ୟ କେଉଁ ଯୁଗରୁ ରହିଆସିଛି ।

କୈଳାସ ମାନସରୋବର:-




ଏହି ସରୋବର ବ୍ରହ୍ମାଙ୍କର ମନରୁ ଉତ୍ପନ୍ନ ହୋଇଥିବା ବିଶ୍ୱାସ କରାଯାଏ ଏହି ହ୍ରଦ ନିକଟରେ କୈଳାସ ପର୍ବତ ରହିଛି । ସେଠାରେ ଭଗବାନ ଶିବ ଅବସ୍ଥାନ କରନ୍ତି ବୋଲି ବିଶ୍ୱାସ କରାଯାଏ, ଯାହାକି ଏହି ହ୍ରଦର ମହତ୍ତ୍ୱକୁ ବହୁଗୁଣିତ କରିଥାଏ। କୁହାଯାଏ ଏଠାରେ ମାତା ପାର୍ବତୀ ସ୍ନାନ କରିଥାନ୍ତି। ହିନ୍ଦୁ ଧର୍ମ ସହ ବୌଦ୍ଧ ଧର୍ମରେ ଏହି ସ୍ଥାନକୁ ପବିତ୍ର ସ୍ଥଳର ମାନ୍ୟତା ଦିଆଯାଇଛି ।

ନାରାୟଣ ସରୋବର, ଗୁଜରାଟ:-



ଗୁଜରାଟର କୁଚ ଜିଲ୍ଲାରେ ଅବସ୍ଥିତ ଏହି ହ୍ରଦକୁ ଭଗବାନ ବିଷ୍ଣୁଙ୍କ ସରୋବର ବୋଲି ଗ୍ରହଣ କରାଯାଏ। ଭଗବାନ ବିଷ୍ଣୁ ନିଜେ ଏଠାରେ ସ୍ନାନ କରିଥିଲେ ବୋଲି ପୁରାଣରେ ବର୍ଣ୍ଣିତ ଅଛି । ଏହି ସରୋବର କୂଳରେ ଭଗବାନ ଆଦିତ୍ୟ ନାରାୟଣଙ୍କର ଏକ ମହାନ ଓ ପ୍ରାଚୀନ ମନ୍ଦିର ରହିଛି । କାର୍ତ୍ତିକ ପୂର୍ଣ୍ଣିମାରେ ଏଠାରେ ଏକ ମେଳା ଅନୁଷ୍ଠିତ ହୁଏ । ମେଳାରେ ଭକ୍ତମାନେ ନିଜର ପୂର୍ବଜମାନଙ୍କୁ ପ୍ରଣାମ କରିଥାନ୍ତି ।

ପମ୍ପା ସରୋବର, ହାମ୍ପି, କର୍ଣ୍ଣାଟକ:-



କର୍ଣ୍ଣାଟକର ହାମ୍ପି ସହର ଏକ ଐତିହାସିକ ସ୍ଥଳ ଅଟେ। ତୁଙ୍ଗଭଦ୍ରା ନଦୀ ପାର ହେବା ସମୟରେ ପମ୍ପା ସରୋବର ମୁଖ୍ୟ ରାସ୍ତାର ଦୁଇ ପାଶ୍ୱର୍ରେ ଅବସ୍ଥିତ । ଏଠାରେ ଥିବା ଏକ ପର୍ବତରେ ଶାବରୀ ନାମକ ଏକ ଗୁମ୍ଫା ରହିଛି । କୁହାଯାଏ ଶାବରୀ ଭଗବାନ ରାମଙ୍କୁ ଏଠାରେ ଘିଅ ଖୁଆଇଥିଲେ ।

ବିନ୍ଦୁ ସରୋବର, ସିଦ୍ଧପୁର, ଗୁଜରାଟ:-



ଅହମ୍ମଦାବାଦଠାରୁ ୧୩୦ କିମି ଦୂରରେ ବିନ୍ଦୁ ସରୋବର ଅବସ୍ଥିତ । ଏହି ସରୋବର କୂଳରେ କର୍ଦମ ଋଷି ବସି ବର୍ଷ ବର୍ଷ ଧରି ତପସ୍ୟା କରିଥିଲେ ବୋଲି ଶୁଣାଯାଏ । ଭଗବାନ ପରଶୁରାମ ତାଙ୍କ ମାତାଙ୍କର ଶ୍ରାଦ୍ଧ ଏଠାରେ କରିଥିଲେ ବୋଲି କୁହାଯାଏ । ତେଣୁ ଏହି ସ୍ଥାନ ପୁରାଣ ଓ ଗ୍ରନ୍ଥରେ ଲିପିବଦ୍ଧ ହୋଇ ରହିଛି ।



ଲବଙ୍ଗ ଖାଇଲେ କ'ଣ ମିଳିବ ଲାଭ



ଛୋଟ ଦେଖାଯାଉଥିବା ଲବଙ୍ଗ ଅନେକ ଆୟୁର୍ବେଦିକ ଗୁଣରେ ପରିପୂର୍ଣ୍ଣ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇମ୍ଫ୍ଲେମାଟୋରୀ ଗୁଣ ରହିଛି ଯାହା ଅନେକ ରୋଗର ଚିକିତ୍ସାରେ ସାହାଯ୍ୟ କରିପାରେ। ଆୟୁର୍ବେଦ ମଧ୍ୟ ଲବଙ୍ଗକୁ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରେ।ଔଷଧୀୟ ଗୁଣରେ ଭରପୂର ଏହି ମସଲାକୁ ନିୟମିତ ଭାବରେ ସେବନ କଲେ, ଅନେକ ଗମ୍ଭୀର ସମସ୍ୟାକୁ ଏଡାଯାଇପାରିବ।ଆଣ୍ଟି-ଇନ୍ଫ୍ଲାମେଟରୀ ଏବଂ ଆଣ୍ଟି-ବ୍ୟାକ୍ଟେରିଆଲ ଗୁଣ ବ୍ୟତୀତ, ଏଥିରେ ଭିଟାମିନ୍ ଇ, ଭିଟାମିନ୍ ସି, ଫୋଲେଟ୍, ରିବୋଫ୍ଲାଭିନ୍, ଭିଟାମିନ୍ ଏ, ଥିଆମିନ୍ ଏବଂ ଭିଟାମିନ୍ ଡି, ଓମେଗା-୩ ଫ୍ୟାଟି ଏସିଡ୍ ଭଳି ଜରୁରୀ ଉପାଦାନ ରହିଛି ଯାହା ସ୍ୱାସ୍ଥ୍ୟର ଉତ୍କୃଷ୍ଟ ଯତ୍ନ ନେଇଥାଏ। ଏପରି ପରିସ୍ଥିତିରେ, ଆସନ୍ତୁ ଜାଣିବା ରାତିରେ କେବଳ ୨ଟି ଲବଙ୍ଗ ଖାଇବା ଦ୍ୱାରା କ'ଣ ଲାଭ ମିଳିବ ଏବଂ ଏହାକୁ କିପରି ସେବନ କରିବେ।

ପେଟ ସମସ୍ୟା: ଲବଙ୍ଗ ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ, ଏସିଡିଟି ଏବଂ ଗ୍ୟାସ୍ ଭଳି ପେଟ ସମସ୍ୟାରୁ ମୁକ୍ତି ମିଳିଥାଏ। ଲବଙ୍ଗ ଖାଇବା ଦ୍ୱାରା ପାଚନ କ୍ରିୟା ମଧ୍ୟ ଉନ୍ନତ ହୋଇଥାଏ।

ପାଟି ଦୁର୍ଗନ୍ଧ: ଯଦି ଆପଣଙ୍କ ପାଟିରୁ ଦୁର୍ଗନ୍ଧ ଆସୁଛି, ତେବେ ଏଥିପାଇଁ ଲବଙ୍ଗ ଲାଭଦାୟକ। ଶୋଇବା ପୂର୍ବରୁ ଦୁଇଟି ଲବଙ୍ଗ ଚୋବାନ୍ତୁ। ଏହା ପାଟି ଦୁର୍ଗନ୍ଧ ଦୂର କରିବା ସହିତ ଦାନ୍ତ ଯନ୍ତ୍ରଣା କମ କରିବାରେ ସାହାଯ୍ୟ କରିବ।

ମୁଣ୍ଡବିନ୍ଧା: ମୁଣ୍ଡବିନ୍ଧାରୁ ମୁକ୍ତି ପାଇବା ପାଇଁ, ଶୋଇବା ପୂର୍ବରୁ ଦୁଇଟି ଲବଙ୍ଗ ଚୋବାନ୍ତୁ। ଆପଣ ଭଲ ଅନୁଭବ କରିବେ।

ଥଣ୍ଡା ଏବଂ କାଶ: ଯଦି ଆପଣଙ୍କର ଥଣ୍ଡା ଏବଂ କାଶର ସମସ୍ୟା ରହିଥାଏ, ତେବେ ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ୨ଟି ଲବଙ୍ଗ ସେବନ କରନ୍ତୁ।

ରୋଗ ପ୍ରତିରୋଧକ ଶକ୍ତି: ଯଦି ଆପଣଙ୍କର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ, ତେବେ ଏହାକୁ ପ୍ରତିଦିନ ଖାଇବା ଆରମ୍ଭ କରନ୍ତୁ। କିଛି ଦିନ ମଧ୍ୟରେ ଆପଣ ଏହାର ଲାଭ ଦେଖିବେ।


ସ୍ୱାଦିଷ୍ଟ ତାୱା ପନିର



ଆବଶ୍ୟକ ସାମଗ୍ରୀ: ପନିର, ଦହି, ଜିରା, ଜୁଆଣି, କସ୍ତୁରୀ ମେଥି, ପିଆଜ, ଅଦା, କଞ୍ଚା ଲଙ୍କା ପେଷ୍ଟ୍, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, ଗରମ ମସଲା ଗୁଣ୍ଡ, ଟମାଟୋ ସସ୍, କ୍ରିମ୍, ଲେମ୍ବୁ ରସ, ତେଲ, ଲୁଣ, ଧନିଆ ପତ୍ର ।

ପ୍ରସ୍ତୁତି ପ୍ରଣାଳୀ: ଏକ ପାତ୍ରରେ ଦହିକୁ ଫେଣ୍ଟି ଏଥିରେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ ଓ କସ୍ତୁରୀ ମେଥି ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏବେ ଏଥିରେ କଟା ପନିର ପକାଇ ୧୦ରୁ ୧୫ ମିନିଟ୍ ଯାଏ ସେମିତି ଛାଡ଼ି ଦିଅନ୍ତୁ। ତା'ପରେ ଏକ ପ୍ୟାନ୍ରେ ଅଧ ଚାମଚ ତେଲ ପକାଇ ଏହା ଉପରେ ମାରିନେଟ୍ ହୋଇ ରହିଥିବା ପନିର ପକାଇ ହାଲ୍କା ଫ୍ରାଏ କରନ୍ତୁ।ଏବେ କଡ଼େଇରେ ତେଲ ଗରମ କରି ଜିରା ଓ ଜୁଆଣି ପକାଇ ଫୁଟାନ୍ତୁ। ଏଥିରେ ପିଆଜ, କଟା ଅଦା ଓ କଟା ରସୁଣ ପକାଇ ଭାଜନ୍ତୁ। ସେ ସବୁ ଭାଜି ହୋଇଗଲା ପରେ ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ ଓ କସ୍ତୁରୀ ମେଥି ପକାଇ ଗୋଳାଇ ଦିଅନ୍ତୁ। କିଛି ସମୟ ପରେ ଏଥିରେ ଟମାଟୋ ସସ୍ ପକାଇ ୬ରୁ ୭ ମିନିଟ୍ ଯାଏ କଷନ୍ତୁ। ତା'ପରେ ଏଥିରେ ହାଲ୍କା ଫ୍ରାଏ ହୋଇଥିବା ପନିର ପକାଇ ଅଧ କପ୍ ପାଣି ମିଶାଇ ଧିମା ଆଞ୍ଚରେ ୧୦ ମିନିଟ୍ ଯାଏ ଫୁଟିବାକୁ ଛାଡ଼ି ଦିଅନ୍ତୁ। ୧୦ ମିନିଟ୍ ପରେ ଗରମ ମସଲା ଗୁଣ୍ଡ ଓ କ୍ରିମ୍ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ତା'ପରେ ଲେମ୍ବୁ ରସ ପକାଇ ଏହାକୁ ଆଞ୍ଚରୁ ଓହ୍ଲାଇ ଦିଅନ୍ତୁ। ଏବେ ଏହାକୁ ଏକ ପାତ୍ରକୁ ବାହାର କରି ତା' ଉପରେ ଧନିଆ ପତ୍ର ଦିଅନ୍ତୁ।ଏବେ ପ୍ରସ୍ତୁତ ହୋଇଗଲା ସୁଆଦିଆ ତାୱା ପନିର। ସେଥିରେ କଟା ଧନିଆପତ୍ର ପକାଇ ତାକୁ ଗାର୍ନିସ କରନ୍ତୁ। ଏହି ରେସିପିଟିକୁ ରୁଟି କିମ୍ବା ନାନ୍ ସହିତ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ ।

ଲଙ୍କା କାଟିବା ପରେ ...



ଲଙ୍କା କାଟିବା କିମ୍ବା ଚକଟିବା ପରେ ସାଧାରଣତଃ ହାତ ପୋଡ଼ାଜଳା କରିଥାଏ। କିନ୍ତୁ ବିଭିନ୍ନ ପ୍ରକାର ଘରୋଇ ଉପାୟରେ ଏହି କଷ୍ଟରୁ ମୁକ୍ତି ମିଳିପାରିବ। ତେଣୁ ଜାଣି ରଖନ୍ତୁ କିଛି ଟିପ୍ସ।

ଲଙ୍କା କାଟିବା ପରେ ହାତ ପୋଡୁଥିଲେ ମହୁକୁ ଭଲଭାବେ ହାତରେ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ। ମହୁରେ ଔଷଧୀୟ ଗୁଣ ରହିଥିବାରୁ ଖୁବ୍ଶୀଘ୍ର ପୋଡ଼ାଜଳା ଦୂର ହୋଇଥାଏ। କ୍ଷୀର, ଦହି, ଲହୁଣୀ ଆଦି ଯେକୌଣସି ପଦାର୍ଥକୁ ହାତରେ କିଛି ସମୟ ଲଗାଇ ରଖିବା ପରେ ଲଙ୍କାଜନିତ ପୋଡାଜଳା ଦୂର ହୋଇଯାଏ। ଲଙ୍କା ବାଜି ହାତ ପୋଡୁଥିଲେ ସେହି ସ୍ଥାନରେ ଆପଣ ଲେମ୍ବୁରସ ଲଗାନ୍ତୁ। କିଛି ସମୟ ପରେ ଆରାମ ଲାଗିବ। ହାତରେ କିଛି ସମୟ ପର୍ଯ୍ୟନ୍ତ ବରଫ ଖଣ୍ଡକୁ ଘଷିଲେ ପୋଡ଼ାଜଳାରୁ ଅନେକାଂଶରେ ମୁକ୍ତି ମିଳିଥାଏ। ଲଙ୍କା ଯୋଗୁ ହାତ ପୋଡ଼ାଜଳା ହେଉଥିଲେ ଆଲୋବେରାକୁ ମଧ୍ୟ ବ୍ୟବହାର କରିହେବ। ଆଲୋବେରା ରସକୁ ହାତରେ ଭଲଭାବେ ସବୁଆଡେ ଲଗାଇ କିଛି ସମୟ ଛାଡି ଦିଅନ୍ତୁ। ଧୀରେ ଧୀରେ ହାତର ପୋଡାଜଳା କମ୍ ହୋଇଯିବ।

ସୋସିଆଲ୍ ମିଡିଆରେ ସୁନିଧି ଚୌହାନଙ୍କ କ୍ରେଜ୍



ବଲିଉଡ୍ ମ୍ୟୁଜିକ୍ ଦୁନିଆରେ ଏବେ ଗୋଟିଏ ନାଁକୁ ନେଇ ଚାରିଆଡ଼େ ଚର୍ଚ୍ଚା। ସେ ହେଉଛନ୍ତି ଲୋକପ୍ରିୟ କଣ୍ଠଶିଳ୍ପୀ ସୁନିଧି ଚୌହାନ। ତାଙ୍କ ସ୍ୱରର ଯାଦୁ ଏବେ ବି ଲକ୍ଷ ଲକ୍ଷ ଫ୍ୟାନ୍ସଙ୍କୁ ମତୁଆଲା କରୁଛି। ତାଙ୍କ କନସର୍ଟକୁ ନେଇ ଦର୍ଶକଙ୍କ ମଧ୍ୟରେ ଯେଉଁ କ୍ରେଜ୍ ଦେଖିବାକୁ ମିଳୁଛି, ତାହା କୌଣସି ସେଲିବ୍ରେସନ୍ଠାରୁ କମ୍ ନୁହେଁ। ତାଙ୍କୁ ଲାଇଭ୍ ଷ୍ଟେଜରେ ଦେଖିବା ଏବଂ ନିଜ ପସନ୍ଦର ଗୀତରେ ଝୁମିବା ପାଇଁ ଫ୍ୟାନ୍ସଙ୍କ ମଧ୍ୟରେ ରହିଛି ଭିନ୍ନ ଉତ୍ସାହ। ସୁନିଧିଙ୍କ ଗୀତ କହିଲେ ମନକୁ ଆସେ 'ଶିଲା କି ଜୱାନୀ', 'କ୍ରେଜି କିୟା ରେ', 'ବିଡ଼ି ଜଲାଇଲେ', 'ଦେଶୀ ଗର୍ଲ' ଭଳି ଅନେକ ସୁପରହିଟ୍ ଗୀତ। ଏହି ଗୀତଗୁଡ଼ିକର ଲୋକପ୍ରିୟତା ଏତେ



ରାଜ୍ୟ ପ୍ରଜାତନ୍ତ୍ର





କଟକ

୫-୧୧-୨୦୨୬

ପୃଷ୍ଠା: ୩

୧.୨୭ ଲକ୍ଷ କୋଟିର ସ୍ୱଚ୍ଛ ଶକ୍ତି ନିବେଶ ପ୍ରସ୍ତାବ

ଭୁବନେଶ୍ୱର, (ପିପିଏସ୍): ନୂଆଦିଲ୍ଲୀରେ ଆୟୋଜିତ 'ଭାରତ ନବୀକରଣଯୋଗ୍ୟ ଶକ୍ତି ସମ୍ମିଳନୀ ଓ ପ୍ରଦର୍ଶନୀ–୨୦୨୬'ରେ ଓଡ଼ିଶା ପାଇଁ ପ୍ରାୟ ୧.୨୭ ଲକ୍ଷ କୋଟି ଟଙ୍କାର ସମ୍ଭାବ୍ୟ ଅକ୍ଷୟ ଶକ୍ତି ନିବେଶ ପ୍ରସ୍ତାବ ଆସିବାକୁ ରାଜ୍ୟ ବିଜେପି ସ୍ୱାଗତ କରିଛି। ଏହି ଅବସରରେ ୧୮ଟି କମ୍ପାନୀ ସହ ହୋଇଥିବା ଚୁକ୍ତି ଓଡ଼ିଶାର ଶକ୍ତି ସୁରକ୍ଷା, ଶିଳ୍ପ ବିକାଶ ଓ ରୋଜଗାର ସମ୍ଭାବନାକୁ ନୂଆ ଦିଗ ଦେବ। ଏହି ପଦକ୍ଷେପ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀ ଏବଂ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ରାଜ୍ୟ ବିଜେପି ତରଫରୁ ରାଜ୍ୟ ବିଜେପି ମୁଖପାତ୍ର ଶ୍ରୀ ସତ୍ୟବ୍ରତ ପଣ୍ଡା ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି।

ଶ୍ରୀ ପଣ୍ଡା କହିଛନ୍ତି, ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକରେ ପ୍ରାୟ ୧୧,୭୪୨ ମେଗାୱାଟ୍ କ୍ଷମତା ସଂଯୋଜନର ସମ୍ଭାବନା ରହିଛି। ପମ୍ପଡ ଷ୍ଟୋରେଜ୍ ଜଳବିଦ୍ୟୁତ୍, ସୌର ଓ ପବନ ଶକ୍ତି, ବ୍ୟାଟେରୀ ସଂରକ୍ଷଣ, ସବୁଜ ହାଇଡ୍ରୋଜେନ୍ ଏବଂ ସବୁଜ ଡାଟା ସେଣ୍ଟର ଭଳି କ୍ଷେତ୍ରରେ ନିବେଶ ଓଡ଼ିଶାର ଅର୍ଥନୀତିକୁ ଅଧିକ ବିବିଧ ଓ ପ୍ରତିଯୋଗିତାକ୍ଷମ କରିପାରିବ। ସୌର ଓ ପବନ ଶକ୍ତିର ଉତ୍ପାଦନ ସବୁ ସମୟରେ ସମାନ ରହେନାହିଁ। ତେଣୁ ଶକ୍ତି ସଂରକ୍ଷଣ ଓ ସୁଦୃଢ଼ ବିଦ୍ୟୁତ୍ ନେଟୱର୍କ ଉପରେ ଗୁରୁତ୍ୱ ଏହି ଯୋଜନାର ବିଶେଷତ୍ୱ। ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନାରେ ସଂଚାରଣ ବ୍ୟବସ୍ଥାର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ୧୫,୯୪୮ କୋଟି ଟଙ୍କା ମଞ୍ଜୁରି ଏହି ପ୍ରସ୍ତୁତିକୁ ମଜଭୁତ କରିବ। ୨୦୪୭ ସୁଦ୍ଧା ରାଜ୍ୟର ସ୍ଥାପିତ ବିଦ୍ୟୁତ୍ କ୍ଷମତାର ୭୪ ପ୍ରତିଶତ ଅଣଜୀବାଶ୍ମ ଉତ୍ସରୁ ଏବଂ ଶିଳ୍ପ ସମୂହଙ୍କ ବିଦ୍ୟୁତ୍ ବ୍ୟବହାରର ଅତିକମ୍ ରେ ୩୩ ପ୍ରତିଶତ ପ୍ରତିଯୋଗିତାମୂଳକ ଦରରେ ସବୁଜ ଶକ୍ତିରୁ ପୂରଣ କରିବାର ଲକ୍ଷ୍ୟ ସ୍ୱାଗତଯୋଗ୍ୟ। ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର ଏହି ପରିବର୍ତ୍ତନକୁ ବାଣିଜ୍ୟିକ ସୁଯୋଗ ସହ ଯୋଡ଼ିପାରିବ। ଗ୍ରିଡ୍ କୋର ଆଇଆଇଟି ଭୁବନେଶ୍ୱର ଓ ଅନ୍ୟ ବିଶେଷଜ୍ଞ ସଂସ୍ଥା ସହ ମିଳିତ ଗବେଷଣା, ପ୍ରଯୁକ୍ତି ଓ ଦକ୍ଷତା ବିକାଶକୁ ଆଗେଇନେବ। ସ୍ଥାନୀୟ ଯୁବକଯୁବତୀଙ୍କୁ ପ୍ରଶିକ୍ଷଣ ଏବଂ କ୍ଷୁଦ୍ର ଉଦ୍ୟୋଗକୁ ଏହି ସବୁଜ ପ୍ରକଳ୍ପର ଯୋଗାଣ ଓ ସେବା ସୁଯୋଗ ସହ ଯୋଡ଼ିଲେ ବିକାଶର ଲାଭ ଅଧିକ ପରିବାର ପାଖରେ ପହଞ୍ଚିବ। ମୋଦୀଜୀଙ୍କ ସ୍ୱଚ୍ଛ ଶକ୍ତି ଦୃଷ୍ଟିକୋଣ ଓ ମୋହନ ସରକାରଙ୍କ ନିବେଶମୁଖୀ ପଦକ୍ଷେପ ଓଡ଼ିଶା ପାଇଁ ବଡ଼ ସୁଯୋଗ ଆଣିଛି। ସମୟବଦ୍ଧ ଅନୁମୋଦନ, ପରିବେଶସମ୍ମତ କାର୍ଯ୍ୟାନ୍ୱୟନ ଓ ନିୟମିତ ସମୀକ୍ଷା ଦ୍ୱାରା ଏହି ପ୍ରସ୍ତାବଗୁଡ଼ିକୁ ବାସ୍ତବ ପ୍ରକଳ୍ପରେ ପରିଣତ କରିବା ଆମର ପ୍ରାଥମିକତା ହେଉ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

ରାଜସ୍ୱ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ କ୍ଷୟକ୍ଷତି ଆକଳନର ସମୀକ୍ଷା ବୈଠକ

କ୍ଷତିଗ୍ରସ୍ତଙ୍କୁ ନିୟମାନୁଯାୟୀ ସରକାରୀ ସହାୟତା ପ୍ରଦାନ ଉପରେ ଗୁରୁତ୍ୱ

ବ୍ରହ୍ମପୁର : ଗଞ୍ଜାମ ଜିଲ୍ଲାରେ ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ସଠିକ ଆକଳନ କରି କ୍ଷତିଗ୍ରସ୍ତଙ୍କୁ ନିୟମାନୁଯାୟୀ ତ୍ୱରିତ ସରକାରୀ ସହାୟତା ପ୍ରଦାନ ନିମନ୍ତେ ବୁଧବାର ସନ୍ଧ୍ୟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ବିଜୟ ଅମୃତ କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଉପସ୍ଥିତିରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ବିଭାଗ ପକ୍ଷରୁ ଚାଲିଥିବା କ୍ଷୟକ୍ଷତି ଆକଳନର ଅଗ୍ରଗତି, ଆକଳନ ରିପୋର୍ଟ ଦାଖଲ ଓ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ପ୍ରଦାନ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା।

ପ୍ରତ୍ୟେକ ବିଭାଗ ଦୈନିକ କେତେ ପରିମାଣର କ୍ଷୟକ୍ଷତି ଆକଳନ କରୁଛନ୍ତି, ତାହାର ସଠିକ ରେକର୍ଡ ରଖିବା ସହ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ନିୟମିତ ସମୀକ୍ଷା କରି ଯଥାଶୀଘ୍ର ଆକଳନ ରିପୋର୍ଟ ଦାଖଲ କରିବାକୁ ରାଜସ୍ୱ ଆୟୁକ୍ତ ନିର୍ଦ୍ଦେଶ ଦେଇଥିଲେ।

ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର କ୍ଷୟକ୍ଷତି ଆକଳନ ପାଇଁ ବ୍ଲକ୍‌ର ଯନ୍ତ୍ରୀମାନେ ପ୍ରତ୍ୟେକ କେନ୍ଦ୍ର ପରିଦର୍ଶନ କରି କ୍ଷୟକ୍ଷତିର ପରିମାଣ ନିର୍ଦ୍ଧାରଣ କରିବେ। କ୍ଷତିଗ୍ରସ୍ତ କୋଠାଗୁଡ଼ିକର ମରାମତି ସମ୍ଭବ କି ନାହିଁ, ସେ ସମ୍ପର୍କରେ ବୈଷୟିକ ଯାଞ୍ଚ କରି ଆବଶ୍ୟକ ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଇଥିଲା। ସେହିପରି ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିବାକୁ ସିଡିପିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଶିକ୍ଷକ, କର୍ମଚାରୀ, ଅଭିଭାବକ, ପରିଚାଳନା କମିଟି ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ବ୍ୟାପକ ସଫେଇ ଓ ପୁନରୁଦ୍ଧାର କାର୍ଯ୍ୟ କରି ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ ଆର୍‌ଡିସି ପରାମର୍ଶ ଦେଇଥିଲେ।



କ୍ଷୟକ୍ଷତି ଆକଳନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ରଖିବା ସହ ଆକଳନର ସତ୍ୟତା ଯାଞ୍ଚ ପାଇଁ ବିଭିନ୍ନ ଟିମ୍ ଗଠନ କରାଯିବ। ଏହି ଟିମ୍‌ଗୁଡ଼ିକ ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି ଆକଳନର ସଠିକତା ଯାଞ୍ଚ କରିବେ। ଆବଶ୍ୟକସ୍ଥଳେ ଗୋଟିଏ ପଞ୍ଚାୟତକୁ ଆଧାର କରି ସରକାରୀ ନିୟମ ଅନୁଯାୟୀ କ୍ଷୟକ୍ଷତି ଆକଳନ ଓ ସହାୟତା ପ୍ରଦାନ ପ୍ରକ୍ରିୟାକୁ ପରୀକ୍ଷାମୂଳକ ଭାବେ ଯାଞ୍ଚ କରାଯିବ। ଏଥିରେ ସଫଳତା ମିଳିଲେ ଅନ୍ୟ ଅଞ୍ଚଳରେ ମଧ୍ୟ ସେହି ଅନୁସାରେ ବ୍ୟବସ୍ଥା ଅନୁସରଣ କରାଯିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ବିଭାଗର କ୍ଷୟକ୍ଷତି ଆକଳନ ସମୟରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ରାଜସ୍ୱ ଆୟୁକ୍ତ ବିଭାଗୀୟାରୀ ପଚାରି ବୁଝିଥିଲେ। ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଆବଶ୍ୟକ ପରାମର୍ଶ ଦେବା ସହ ବିଭାଗୀୟ ସମନ୍ୱୟ ରକ୍ଷା କରି କାର୍ଯ୍ୟ ଆଗେଇ ନେବାକୁ କହିଥିଲେ। ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀ ଓ ବ୍ୟବସାୟୀମାନଙ୍କୁ କିପରି ଯଥାଶୀଘ୍ର ସରକାରୀ ସହାୟତା ଯୋଗାଇ ଦିଆଯାଇପାରିବ, ସେ ଦିଗରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

ବାତ୍ୟା ଓ ବନ୍ୟା ସମୟରେ ସମସ୍ତ ଅଧିକାରୀ ଓ କର୍ମଚାରୀ ନିଷ୍ଠା ଓ ଦାୟିତ୍ୱବୋଧର ସହ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ରାଜସ୍ୱ ଆୟୁକ୍ତ ସେମାନଙ୍କୁ ପ୍ରଶଂସା କରିଥିଲେ। ଏହି ଉଦ୍ୟମ, ସମର୍ପଣ ଓ ସମନ୍ୱୟକୁ ଆଗକୁ ମଧ୍ୟ ଜାରି ରଖିବା ସହ ସ୍ଥାନୀୟ ଜନସାଧାରଣଙ୍କୁ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟରେ ସକ୍ରିୟ ଭାବେ ସାମିଲ କରିବାକୁ ସେ ଆହ୍ୱାନ ଦେଇଥିଲେ।

ଏଥିସହ ସରକାରଙ୍କ ପକ୍ଷରୁ ପ୍ରତି କ୍ଷତିଗ୍ରସ୍ତ ପରିବାରକୁ ଯୋଗାଇ ଦିଆଯାଉଥିବା ୫୦ କିଲୋ ଚାଉଳ ଘରେ ଘରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦୂରଦୂରାନ୍ତ ଅଞ୍ଚଳରେ ଆବଶ୍ୟକସ୍ଥଳେ ଟ୍ରାକ୍ଟର ଯୋଗେ ଚାଉଳ ପହଞ୍ଚାଇବା ପାଇଁ ଜିଲ୍ଲା ଯୋଗାଣ ବିଭାଗକୁ କୁହାଯାଇଥିଲା। ଜିଲ୍ଲାର ୪ ଲକ୍ଷରୁ ଅଧିକ ରାସନ କାର୍ଡଧାରୀଙ୍କ ଆଧାର ସଂଯୁକ୍ତ ତଥ୍ୟ ଆଧାରରେ ଯୋଗ୍ୟ ହିତାଧିକାରୀଙ୍କୁ ସଠିକ ଭାବେ ସହାୟତା ପ୍ରଦାନ ନିଶ୍ଚିତ କରିବାକୁ କୁହାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ୨,୫୦୦ ଟଙ୍କାର ସହାୟତା ରାଶି ଡିବିଟି ମାଧ୍ୟମରେ ହିତାଧିକାରୀଙ୍କ ଖାତାକୁ ପ୍ରଦାନ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଦେବଦତ୍ତ ପଣ୍ଡା ଓ ସୁନୀଲ କୁମାର କେର୍କେଟା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ଜିଲ୍ଲାରେ ନିୟୋଜିତ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

ବନ୍ୟା ପ୍ରଭାବିତ ପରିବାରଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ



ବ୍ରହ୍ମପୁର :ଅର୍ଣ୍ଣ ବାତ୍ୟା ପ୍ରଭାବରେ ପ୍ରଳୟଙ୍କରୀ ବନ୍ୟାରେ ବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ବ୍ରହ୍ମପୁର ଅର୍ବାନ ବ୍ୟାଙ୍କ ସଭାପତି ତଥା ପୂର୍ବତନ କର୍ପୋରେଟର ଆର.ମୁରଲୀମୋହନ। ସହରର ଜଲ୍‌ନ୍ଦା ଇଲାକାରୁ ଆରମ୍ଭ କରି ବିଭିନ୍ନ ୱାର୍ଡରେ କ୍ଷତିଗ୍ରସ୍ତ ଲୋକ ମାନଙ୍କୁ ଯେମିତି ଭୋକ ଉପାସରେ ନରହନ୍ତି ଏଥିପାଇଁ ନିଜେ ପ୍ରୟାସ ଓ ଅଭିଯାନ ହାତକୁ ନେଇଛନ୍ତି। ଅର୍ଣ୍ଣବ୍ ବନ୍ୟା ପ୍ରଭାବିତ ହୋଇଥିବା ପରେ ମୁରାସୁ ବାତ୍ୟା ପ୍ରଭାବିତ ନହେଇଥିବାରୁ କିଛି ରିଲିଫ ସାମଗ୍ରୀ ରହିଯାଇଥିବା ହେତୁ କିଛି ଗରିବ ଶ୍ରେଣୀର ପ୍ରାୟ ୧୦୦୦ ରୁ ଉର୍ଦ୍ଧ ପରିବାରଙ୍କୁ ଶୁଖିଲା ଖାଦ୍ୟ ସହ ରାସନ ସାମଗ୍ରୀ ଓ ପାଲ ବଣ୍ଟନ କରିଥିଲେ। ଜୀବନଜୀବିକା ପ୍ରଭାବିତ ହୋଇଥିବା ବେଳେ ସେମାନଙ୍କ ପାଖରେ ରିଲିଫ ସାମଗ୍ରୀ ଦେବା ସହ କିଛି ଆର୍ଥିକ ସହାୟତା କରିବା ସହ ସମବେଦନା ମଧ୍ୟ ଜଣାଇଥିଲେ। ବ୍ରହ୍ମପୁର ବିଧାୟକ, ମହାନଗର ନିଗମର ମେୟର, ମହାନଗର ନିଗମର କମିଶନର, ବ୍ରହ୍ମପୁର ତହସିଲଦାର ଏମାନଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ ବ୍ୟବସ୍ଥା ସହଯୋଗ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବଣ୍ଟନ କାର୍ଯ୍ୟକ୍ରମରେ ନୀଳକଣ୍ଠ ସାହୁ,ଶ୍ରୀକାନ୍ତ ପାଣିଗ୍ରାହୀ,ସୁଶୀଲ ସେନାପତି, ମନୋରଞ୍ଜନ ପଟ୍ଟନାୟକ,ତିରୁପତି ପାତ୍ର,ବାବୁଲି ଭୂୟାଁ ତୁଳସୀ ନଗର ବଣିକ ସଂଘର କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ।

ଅସ୍ତରଙ୍ଗ ବିଡିଓଙ୍କୁ ଜିଲ୍ଲାପାଳଙ୍କ ସୋ-କଜ୍ ନୋଟିସ୍

ପିଏମ୍ ସୂର୍ଯ୍ୟ ଘର ଯୋଜନାରେ ଫେଲ୍ ମାରିଲା ଅସ୍ତରଙ୍ଗ ବ୍ଲକ

ଅସ୍ତରଙ୍ଗ, (ପିପିଏସ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁଫତ୍ ବିଜୁଳି ଯୋଜନା ବାଟବଣା ହୋଇଛି। ଏହି ଯୋଜନା କାର୍ଯ୍ୟକାରୀ କରିବାରେ ଚରମ ଅବହେଳା ପାଇଁ ଅସ୍ତରଙ୍ଗ ବ୍ଲକ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରାଙ୍କୁ ପୁରୀ ଜିଲ୍ଲାପାଳ ଶୋ-କଜ୍ ନୋଟିସ୍ ଜାରି କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ନଭେମ୍ବର ୨ ତାରିଖରେ ଜାରି ହୋଇଥିବା ଏହି ନୋଟିସ୍ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଜିଲ୍ଲାପାଳଙ୍କ ଚିଠି ଅନୁଯାୟୀ, ନଭେମ୍ବର ୨ ତାରିଖ ସନ୍ଧ୍ୟା ୭ଟାରେ ବ୍ଲକ ୱାରୀ ପିଏମ୍ ସୂର୍ଯ୍ୟ ଘର ମୁଫତ୍ ବିଜୁଳି ଯୋଜନାର ସମୀକ୍ଷା ବୈଠକ ହୋଇଥିଲା। ସେଥିରେ ଅସ୍ତରଙ୍ଗ ବ୍ଲକର ଚିତ୍ର ଅତ୍ୟନ୍ତ ନିରାଶଜନକ ଥିବା ଜଣାପଡିଥିଲା। ଅକ୍ଟୋବର ୨୦୨୬ ମାସ ପାଇଁ ଅସ୍ତରଙ୍ଗ ବ୍ଲକକୁ ୧୨୦୦ ଟାର୍ଗେଟ୍ ଦିଆଯାଇଥିଲା। କିନ୍ତୁ ନଭେମ୍ବର ୨ ତାରିଖ ସୁଦ୍ଧା ମାତ୍ର ୩୩୦ ଅର୍ଥାତ୍ ଟାର୍ଗେଟ୍ ର ଚତୁର୍ଥାଂଶ ବି ପୂରଣ ହୋଇ ପାରି ନଥିଲା।

ସେହିପରି ସେବା ସେତୁ ଅଧୀନରେ ୩୦୦୦ ଆବେଦନ ଟାର୍ଗେଟ୍ ଥିବା ବେଳେ ମାତ୍ର ୧୯୧୩ ଆବେଦନ ଆସିଥିଲା। ସେଥି ମଧ୍ୟରୁ ମାତ୍ର ୧୦ ଜଣଙ୍କୁ ପେମେଣ୍ଟ ମିଳିଥିଲା। ଜିଲ୍ଲାପାଳ ନିଜ ଚିଠିରେ ଏହାକୁ ଅତ୍ୟନ୍ତ ଦୟନୀୟ ବୋଲି କହିଛନ୍ତି। ଏହା କର୍ତ୍ତବ୍ୟରେ ଚରମ ଅବହେଳାର ପରିଚୟ ଦେଇ ସାଧାରଣ ଜନତାଙ୍କୁ ଭ୍ରମିତ କରୁଛନ୍ତି। କିନ୍ତୁ ଓଡ଼ିଶା ତଥା ନୟାଗଡ଼ବାସୀ ଏହି ଦୋମୁହାଁ ନୀତିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି।"

ବିଜେପି ଜିଲ୍ଲା ସଭାପତି ଶ୍ରୀ ତାପସ ମାର୍ଥା ପ୍ରେସ ବାର୍ତ୍ତାରେ କହିଛନ୍ତି ଯେ, "ବିଜେପି କାର୍ଯ୍ୟକର୍ତ୍ତାମାନେ ତୃଣମୂଳ ସ୍ତରକୁ ଯାଇ ପ୍ରତ୍ୟେକ ଗାଁ ଓ ବୁଥ୍‌ରେ ଇଣ୍ଡିଆ ମେଣ୍ଟର ଏହି କୁତ୍ସିତ ରାଜନୀତି ଓ ଦୁର୍ନୀତିର ପର୍ଦ୍ଦାଫାଶ କରିବେ। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମାଜର ଅନ୍ତିମ ପାହାଚରେ ଥିବା ଲୋକଙ୍କ ପାଖରେ ପହଞ୍ଚୁଥିବା ବେଳେ ବିରୋଧୀ ଦଳଗୁଡ଼ିକ କେବଳ ନକାରାତ୍ମକ ପ୍ରଚାରରେ ହିଁ ସୀମିତ ରହିଛନ୍ତି।" ଏହି ସମ୍ମିଳନୀରେ ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ଶ୍ରୀ ପର୍ଶୁରାମ ସ୍ୱାଇଁ ଏବଂ ଦଶପଲ୍ଲା ବିଜେପି ନେତା ଶ୍ରୀ ରାଘବ ମଲ୍ଲିକ ଉପସ୍ଥିତ ରହି କଂଗ୍ରେସ ଓ ସହଯୋଗୀ ଦଳଗୁଡ଼ିକର ଦେଶବିରୋଧୀ ଆଭିମୁଖ୍ୟ ଉପରେ ତୀବ୍ର ବର୍ଷିବା ସହିତ ଆଗାମୀ ଦିନରେ ସଙ୍ଗଠନକୁ ଆହୁରି ସୁଦୃଢ଼ କରି ଲୋକଙ୍କ ନିକଟରେ ସତ୍ୟ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାର ବହୁ ସାମ୍ବାଦିକ ଯୋଗଦେଇଥିଲେ ।



ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

ଏହି କାରଣରୁ ବିଡିଓ ସୁଶ୍ରୀ ସସ୍ମିତା ବେହେରାଙ୍କୁ ନୋଟିସ୍ ପାଇବାର ୩ ଦିନ ଭିତରେ ଜବାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। କାହିଁକି ତାଙ୍କ ବିରୋଧରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଜରିଆରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ସୁପାରିଶ କରାଯିବ ନାହିଁ, ସେ ନେଇ କାରଣ ଦର୍ଶାଇବାକୁ କୁହାଯାଇଛି। ନିର୍ଦ୍ଧାରିତ ସମୟ ଭିତରେ ଜବାବ ନ ଆସିଲେ ତାଙ୍କର କହିବାକୁ କିଛି ନାହିଁ ବୋଲି ଧରି ନିଆଯିବ ଏବଂ ମାମଲାର ନିଷ୍ପତ୍ତି ଏକପାଖିଆ ଭାବେ ନିଆଯିବ ବୋଲି ଚିଠିରେ ସ୍ପଷ୍ଟ କରାଯାଇଛି ।ଏହି ନୋଟିସ୍ ର ନକଲ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ସଚିବଙ୍କୁ ଏବଂ ପୁରୀ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଠାଯାଇଛି ।ସୂଚନା ଅନୁଯାୟୀ, ପିଏମ୍ ସୂର୍ଯ୍ୟ ଘର ଯୋଜନାରେ ଘର ଛାତ ଉପରେ ସୋଲାର ପ୍ଲାଣ୍ଟ ବସାଇ ମୁଫତ୍ ବିଜୁଳି ମିଳେ। ସରକାର ଏଥିପାଇଁ ସବସିଡି ଦିଅନ୍ତି। କିନ୍ତୁ ଅସ୍ତରଙ୍ଗ ଭଳି ବଡ ବ୍ଲକରେ ଲୋକଙ୍କ ପାଖରେ ସଚେତନତା ପହଞ୍ଚି ପାରି ନଥିବା, ଆବେଦନ ପ୍ରକ୍ରିୟାରେ ବିଳମ୍ବ, ପେମେଣ୍ଟ ଅଟକି ରହିବା ଭଳି ଅଭିଯୋଗ ବାରମ୍ବାର ଆସୁଥିଲା। ଏବେ ଜିଲ୍ଲାପାଳଙ୍କ ଏହି କଡା ଆଭିମୁଖ୍ୟ ପରେ ବ୍ଲକ ପ୍ରଶାସନରେ ହଡବଡ ଖେଳି ଯାଇଛି। ଆଗକୁ ଟାର୍ଗେଟ୍ ପୂରଣ ହେବ କି ନାହିଁ, ତାହା ଦେଖିବାକୁ ବାକି ରହିଲା।

ଟଙ୍କା ଗହଣା ଲୋଭରେ ବୃଦ୍ଧାଙ୍କୁ ହତ୍ୟା

ଭୁବନେଶ୍ୱର, (ପିପିଏସ୍): ରାଜଧାନୀରେ ୭୬ ବର୍ଷୀୟ ବୃଦ୍ଧାଙ୍କୁ ଟଙ୍କା ଓ ସୁନାଗହଣା ପାଇଁ ହତ୍ୟା କରାଯିବା ଘଟଣା ଚାଂଚଲ୍ୟ ଖେଳାଇଦେଇଛି। ମୃତ ବୃଦ୍ଧା ଜଣକ ହେଉଛନ୍ତି କୁଞ୍ଜଲତା ନନ୍ଦ। ଟଙ୍କା ଓ ସୁନା ଲୋଭରେ କେୟାର ଟେକର ତାଙ୍କ ହତ୍ୟା କରିଥିବା ଅଭିଯୋଗ ହୋଇଛି। ବୃଦ୍ଧାଙ୍କ ପିଲାମାନେ ବାହାରେ ରହୁଥିବା ବେଳେ ଲକ୍ଷ୍ମୀସାଗର ବୁଦ୍ଧନଗରରରେ ଏକାକୀ ରହୁଥିଲେ କୁଞ୍ଜଲତା ନନ୍ଦ। ବୃଦ୍ଧା ମାଆଙ୍କ ଦେଖାଶୁଣା ପାଇଁ ଘରେ ରଖାଯାଇଥିଲା କେୟାରଟେକର।

ଅଭିଯୋଗ ଅନୁସାରେ, ରାତି ପ୍ରାୟ ୯ଟାରୁ ଘରର ସିସିଟିଭି ବନ୍ଦ କରିଦିଆଯାଇଥିଲା। ସକାଳ ହେବା ପରେ ତଳ ମହଲାରେ ରହୁଥିବା ଲୋକେ କୁଞ୍ଜଲତା କବାଟ ଖୋଲୁନଥିବା ତାଙ୍କ ଝିଅଙ୍କୁ ଜଣାଇଥିଲେ। ଖବର ପାଇ ଜ୍ୱାଇଁ ଘରେ ପହଂଚିଥିଲେ। ହେଲେ ଭିତରୁ କବାଟ ବନ୍ଦ ଥିଲା। ପୋଲିସ ଉପସ୍ଥିତିରେ କବାଟ ଖୋଲାଯିବା ପରେ ଯାହା ଦେଖିବାକୁ ମିଳିଥିଲା, ତାହା ଥିଲା ଅତ୍ୟନ୍ତ ଭୟଙ୍କର। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲା ୭୬ ବର୍ଷୀୟା

ବାତ୍ୟା ପୀଡ଼ିତଙ୍କ ସହାୟତାରେ ଆଗେଇ ଆସିଲେ ଡେପୁଟି ମେୟର
ନିଜସ୍ୱ ଖର୍ଚ୍ଚରେ ନିଜ ୱାର୍ଡରେ ଅସହାୟ ପରିବାରଙ୍କୁ ରିଲିଫ୍ ବଣ୍ଟନ

ବ୍ରହ୍ମପୁର, (ପିପିଏସ୍): ବାତ୍ୟା ଅର୍ଣ୍ଣବରେ ପ୍ରଭାବିତ ଗରିବ ଓ ଅସହାୟ ପରିବାରଙ୍କ ସହାୟତା ପାଇଁ ଆଗେଇ ଆସିଛନ୍ତି ବ୍ରହ୍ମପୁର ମହାନଗର ନିଗମର ଡେପୁଟି ମେୟର ଇ.ବିବେକ ରେଡ୍ଡୀ। ନିଜସ୍ୱ ଖର୍ଚ୍ଚରେ ସେ ୪୨ ନଂ ୱାର୍ଡ ଅନ୍ତର୍ଗତ ଆମ୍ବଯୁଆର ବିଭିନ୍ନ ସାହିରେ ପହଞ୍ଚି ବାତ୍ୟା ପ୍ରଭାବିତ ଅସହାୟ ପରିବାରଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରିଛନ୍ତି।



ଏହି ସହାୟତା ଅଭିଯାନରେ ପରିବାରଗୁଡ଼ିକୁ ପାଲ, ଚାଉଳ, ଡାଲି, ଆଳୁ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ବିପର୍ଯ୍ୟୟ ସମୟରେ ନିଜସ୍ୱ ଉଦ୍ୟମ ଓ ଖର୍ଚ୍ଚରେ ଗରିବଙ୍କ ପାଖରେ ଛିଡ଼ା ହୋଇଥିବା ବିବେକ ରେଡ୍ଡୀଙ୍କ ଏହି ମାନବିକ ପଦକ୍ଷେପକୁ ଅଞ୍ଚଳବାସୀ ଉଚ୍ଚ ପ୍ରଶଂସା କରିଛନ୍ତି। ନିଃସ୍ୱାର୍ଥ ସେବା ଓ ଅସହାୟଙ୍କ ପ୍ରତି ସହାନୁଭୂତି ପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା ମିଳୁଥିବା ବେଳେ, ଏଭଳି ଜନସେବାପରାୟଣ ନେତା ବିରଳ ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ, କୌଣସି ପ୍ରାକୃତିକ ବିପର୍ଯ୍ୟୟ ହେଉ କିମ୍ବା ଅସହାୟଙ୍କ ଦୁଃଖଦ ସମୟ, ବିବେକ ରେଡ୍ଡୀଙ୍କ ସହାୟତା ଓ ସହଯୋଗ ଆଶାରେ ଲୋକେ ତାଙ୍କୁ ଖୋଜିଥାନ୍ତି। ତାଙ୍କ ନେତୃତ୍ୱ ଓ ଜନସେବାମୂଳକ କାର୍ଯ୍ୟଧାରା ଆମ୍ବଯୁଆ ଅଞ୍ଚଳକୁ ଏକ ନୂତନ ଶିଖରରେ ପହଞ୍ଚାଇଥିବା ବୋଲି ଅଞ୍ଚଳବାସୀ ମତ ଦେଇଛନ୍ତି।

ପ୍ରସୂତି ମହିଳାଙ୍କ ମୃତ୍ୟୁ ଘଟଣା, ଜିଲ୍ଲା ପ୍ରଶାସନର ଆର୍ଥିକ ସହାୟତା ପ୍ରଦାନ

ବ୍ରହ୍ମପୁର, (ପିପିଏସ୍) : ପ୍ରସୂତି ମହିଳାଙ୍କ ମୃତ୍ୟୁ ଘଟଣାରେ ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇଛି। ମଙ୍ଗଳବାର ସନ୍ଧ୍ୟାରେ ଜିଲ୍ଲାପ୍ରଶାସନର ନିର୍ଦ୍ଦେଶ କ୍ରମେ କୋଦଳା ତହସିଲଦାର ବିନ୍ଦୁ ବଳୟ ରାଉତରାୟ, ଅତିରିକ୍ତ ତହସିଲଦାର ରବି ନାରାୟଣ ସେଠୀ, ବେଗୁନିଆପଡ଼ା ଥାନା କମିଚାରୀ ମୃତକ ରଶ୍ମିତା ଶବରଙ୍କ ସ୍ୱାମୀ ବିପ୍ର ଶବରଙ୍କ ନିଜ ଗ୍ରାମରେ ଥିବା ଘରେ ପହଞ୍ଚି ଦୁଃଖ ପ୍ରକାଶ କରିବା ସହିତ ତାଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରିଥିବା ଜଣାପଡିଛି। ପ୍ରକାଶ ଥାଉକି ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ୍‌ର



ଚନ୍ଦନପୁର ପଞ୍ଚାୟତ ସୋରଡ଼ାପଲ୍ଲୀ ଅନ୍ତର୍ଗତ କରନ୍ଦାଗଡ଼ ଗ୍ରାମକୁ ଯିବାପାଇଁ ଯାତାୟାତ ଉପଯୋଗୀ ରାସ୍ତା ନଥିବାରୁ ଜଣେ ରୋଗୀଙ୍କୁ ଦୋଳାରେ ବୋହି ନେବାକୁ ପଡ଼ିଥିଲା। ହେଲେ ଦୁର୍ଭାଗ୍ୟବଶତଃ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ରାସ୍ତାରେ ହିଁ ତାଙ୍କର ଜୀବନ ଚାଲିଯାଇଥିବା ଜଣାପଡ଼ିଛି। ମୃତକଙ୍କ ନାମ ରଶ୍ମିତା ଶବର। ଏହି ଘଟଣା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା, ଜଣେ ରୋଗୀଙ୍କୁ ଦୋଳାରେ ବୋହି ନେବା ଏବଂ ରାସ୍ତାରେ ଜୀବନ ଚାଲିଯିବା ଘଟଣା ପ୍ରଶାସନିକ ବ୍ୟବସ୍ଥା ପାଇଁ ଏକ ଗୁରୁତର ପ୍ରଶ୍ନବାଚୀ ବୋଲି ଚର୍ଚ୍ଚା ହୋଇଥିଲା।

ନିମାପଡ଼ା ଗୋପ ବ୍ଲକ୍‌ରେ ପଞ୍ଚାୟତ ନିର୍ବାଚନ ଚର୍ଚ୍ଚା
'କିଙ୍ଗ୍ ମେକର' ଭାବେ ଉଭା ହୋଇପାରନ୍ତି ସମାଜସେବୀ ଜିତେନ୍ଦ୍ର

ଗୋପ (ପିପିଏସ): ଆସନ୍ତା ପଞ୍ଚାୟତ ନିର୍ବାଚନକୁ ନେଇ ନିମାପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋପ ବ୍ଲକରେ ଏବେଠାରୁ ରାଜନୈତିକ ଉଷ୍ମତା ପରକାଷ୍ଠାରେ ପହଞ୍ଚିଛି। ଚା' ଖଟିଠାରୁ ଆରମ୍ଭ କରି ହାଟବଜାର, କ୍ଲବ୍ ? ଗୃହ ଏବଂ ଗ୍ରାମାଞ୍ଚଳର କୋଠଘର ପର୍ଯ୍ୟନ୍ତ ସବୁଠି ଗୋଟିଏ ଚର୍ଚ୍ଚା, କାହାର ହେବ ପଞ୍ଚାୟତ ଏବଂ କିଏ ସଜାଡ଼ିବ ଆଗାମୀ ଦିନର ସମୀକରଣ। ଏହି ପରିପ୍ରେକ୍ଷୀରେ ପ୍ରତିଥର ଭଳି ଚଳିତଥର ମଧ୍ୟ ଯୁବ ସମାଜସେବୀ ଜିତେନ୍ଦ୍ର ମହାନ୍ତି ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି।ନିର୍ବାଚନ ପରିଚାଳନାରେ ସ୍ୱତନ୍ତ୍ର କୌଶଳ ଏବଂ ସମୟୋଚିତ ରଣନୀତି ପାଇଁ ଜିତେନ୍ଦ୍ର ସବୁବେଳେ ଚର୍ଚ୍ଚାରେ ରହିଆସିଛନ୍ତି। ପରିସ୍ଥିତି ଏବଂ ଆବଶ୍ୟକତା ଅନୁସାରେ ପ୍ରତି ମୁହୂର୍ତ୍ତରେ ରାଜନୈତିକ ପଶାପଲି ପଲଟାଇବାରେ ସେ ସିଦ୍ଧହସ୍ତ ବୋଲି



ସ୍ଥାନୀୟ ଅଞ୍ଚଳର ଅନେକ ରାଜନେତା ସ୍ପଷ୍ଟ କରିଛନ୍ତି। ଗୋପ ବ୍ଲକର ମୋଟ ୩୧ଟି ପଞ୍ଚାୟତ ମଧ୍ୟରୁ ପ୍ରାୟ ୧୪ଟି ପଞ୍ଚାୟତରେ ସମାଜସେବୀ ଜିତେନ୍ଦ୍ରଙ୍କ ଦୃଢ଼ ଦବଦବା ରହିଛି।ଏହାର ଜ୍ୱଳନ୍ତ ଉଦାହରଣ ସ୍ୱରୂପ, ପୂର୍ବରୁ ବିଜେଡି ଶାସନ ସମୟରେ ଗୋପ ବ୍ଲକରେ ବିଜେଡି ଅଧକ୍ଷ ହୋଇଥିବା ବେଳେ, ଜିତେନ୍ଦ୍ରଙ୍କ ମାମୁଁ ବନରଞ୍ଜନ ପଟ୍ଟନାୟକଙ୍କୁ ଉପାଧକ୍ଷ ପଦବୀ ଦେବା ପାଇଁ ସେ ଯେପରି ଭାବେ ରାତାମାତି ରାଜନୈତିକ ପଶା ପଲଟାଇ ଦେଇଥିଲେ, ତାହା ସମସ୍ତଙ୍କୁ ଚକିତ କରିଥିଲା। ଖାଲି ସେତିକି ନୁହେଁ, ୧୧ ନମ୍ବର ଜୋନ୍‌ର ବାଇ ଇଲେକ୍ସନ୍‌ରେ ବିଜେଡି ପ୍ରାର୍ଥୀଙ୍କୁ ଚିତ୍‌ପଟାଙ୍ଗ କରି ବିଜେପି ପ୍ରାର୍ଥୀଙ୍କୁ ବିଜୟୀ କରାଇବାରେ ଜିତେନ୍ଦ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। କେବଳ ଦଳୀୟ ରାଜନୀତିରେ ନୁହେଁ, ବରଂ ପଞ୍ଚାୟତର ସାମଗ୍ରିକ ଉନ୍ନତିକରଣ ଏବଂ ଦୁଃଖୀ ଦରିଦ୍ରଙ୍କ ସୁଖଦୁଃଖରେ କାନ୍ଧରେ କାନ୍ଧ ମିଶାଇ ଠିଆ ହେବା ତାଙ୍କର ସ୍ୱଭାବ। ନିର୍ବାଚନ ସମୟରେ ତାଙ୍କର କାର୍ଯ୍ୟଶୈଳୀ ଓ ପରିଚାଳନା ପଦ୍ଧତି ସ୍ଥାନୀୟ ଯୁବ ପିଢ଼ିଙ୍କୁ ବେଶ୍ ପ୍ରଭାବିତ କରିଥାଏ।ତେଣୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ଜିତେନ୍ଦ୍ରଙ୍କ ପଶାକାଠି କେଉଁ ରାଜନୈତିକ ଦଳ ଆଡ଼କୁ ମୋଡୁଛି ଏବଂ ସେ କାହାକୁ ସମର୍ଥନ କରୁଛନ୍ତି, ତାହା ଏବେ ଗୋପ ବ୍ଲକର ରାଜନୈତିକ କରିଡରରେ ସବୁଠାରୁ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି।

ସର୍ଭିସ୍ ରୋଡ଼ରେ ବେଆଇନ୍ ପାର୍କିଂ ଯୋଗୁ ବଢୁଛି ଦୁର୍ଘଟଣା

ଚୌଦ୍ୱାର,(ପିପିଏସ୍): ଚୌଦ୍ୱାର ସହର ମଧ୍ୟଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଯାତାୟତ ପାଇଁ ନିର୍ମିତ ହୋଇଛି ସର୍ଭିସ ରୋଡ଼। ହେଲେ ଏହି ସର୍ଭିସ୍ ରୋଡ଼ ଉପରେ ଗାଡ଼ି ମଟର ସବୁ ବେଆଇନ୍ ପାର୍କିଂ କରୁଥିବାରୁ ରାସ୍ତା ସଂକୁଚିତ ହେବା ସହିତ ବାରମ୍ବାର ଦୁର୍ଘଟଣାମାନ ଘଟି ଧନ ଜୀବନ ହାନୀ ହେଉଥିବା ଦେଖିବାକୁ ମିଳୁଛି। ଚୌଦ୍ୱାର ମହାବିଦ୍ୟାଳୟର ସମ୍ମୁଖ ବିପରିତ ପାଖ ସର୍ଭିସ୍ ରୋଡ଼ ପାଖରେ ଥିବା ଏକ ଅମ୍ବୁଲାନ୍ସ ସର୍ଭିସିଂ ଓ ରିପ୍ୟାରିଂ ଗ୍ୟାରେଜ ସମ୍ମୁଖରେ ରାସ୍ତା ଉପରେ ବହୁ ସଂଖ୍ୟକ ଆମ୍ବୁଲାନ୍ସ ପ୍ରତିଦିନ ଦୀର୍ଘ ସମୟଧରି ରଖା ଯାଉଥିବାରୁ ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି। ପ୍ରକାଶଯେ ସରକାରୀ ସେବା ଯୋଗାଉଥିବା ୧୦୮ ଆମ୍ବୁଲାନ୍ସ ଗାଡ଼ି ଗୁଡ଼ିକୁ ସଜାଡ଼ିବାପାଇଁ ଏହି ଗ୍ୟାରେଜଟି ପ୍ରତିଷ୍ଠା କରାଯାଇଛି। ଏହି ଗ୍ୟାରେଜକୁ ଆସୁଥିବା ୧୦୮ ଅମ୍ବୁଲାନ୍ସ ଗାଡ଼ି ଗୁଡ଼ିକୁ ଗ୍ୟାରେଜ ସମ୍ମୁଖରେ ସର୍ଭିସ୍ ରୋଡ଼ ଉପରେ ରଖିଦେଇ ଗାଡ଼ି ଡ୍ରାଇଭର ଓ ହେଲପର ପଳାଉଛନ୍ତି। ଫଳରେ ଏହି ସ୍ଥାନରେ ରାସ୍ତାଟି ଅତିମାତ୍ରାରେ ସଂକୁଚିତ ହେବାଯୋଗୁଁ ସର୍ଭିସ୍ ରୋଡ଼ର ଉଭୟ ପଟରୁ ଯାତାୟତ କରୁଥିବା ସ୍ଥାନୀୟ ଲୋକ,ଛାତ୍ରଛାତ୍ରୀ ତଥା ବାଇକ୍ ଆରୋହୀ ମାନେ ଦୁର୍ଘଟଣାର ଶୀକାର ହେଉଥିବା ନିତିଦିନିଆ ଘଟଣା ହେଲାଣି। ସ୍ଥାନୀୟ କିଛି ଲୋକ ଓ ବ୍ୟବସାୟୀ ଏସମ୍ପର୍କରେ ଗ୍ୟାରେ ଜ କର୍ମଚାରୀଙ୍କୁ ଅଭିଯୋଗ କରିଥିଲେହେଁ ସମସ୍ୟାର କୌଣସି ସୁଫଳ ମିଳୁନାହିଁ। ଏଥି ସହିତ ଏହି ରାସ୍ତା କଡ଼ରେ ଚାଲିଥିବା କିଛି ବ୍ୟବସାୟ ପ୍ରତିଷ୍ଠାନ ଓ ହୋଟେଲ ସମ୍ମୁଖରେ ପ୍ରତିଦିନ ସଂଧ୍ୟାରେ ଅତି ମାତ୍ରାରେ ବେଆଇନ୍ ପାର୍କିଂ ରହୁଥିବାରୁ ଉକ୍ତ ସ୍ଥାନ ମାନଙ୍କରେ ମଧ୍ୟ ସମାନ ସମସ୍ୟା ସୃଷ୍ଟି ହେଉଛି। ଏହା ସହିତ ଚୌଦ୍ୱାରରେ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ସଠିକ୍ ଭାବେ ପରିଚାଳିତ ହେଉ ନଥିବାରୁ ଏହି ସର୍ଭିସ୍ ରୋଡ଼ ଦୁଇଟିରେ ବହୁ ମାତ୍ରାରେ ଭାରିଜାନ ମଧ୍ୟଚଳାଚଳ କରିବା ଫଳରେ ଉତ୍କଟ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ସ୍ଥାନୀୟ ପୁଲିସ ଏବଂ ପ୍ରଶାସନ ଏଦିଗରେ ବିହିତ ପଦକ୍ଷେପ ନେବା ସହିତ ତୁରନ୍ତ ରାସ୍ତାରେ ଉପୁଜୁଥିବା ଟ୍ରାଫିକ୍ ସମସ୍ୟା ସମାଧାନ କରିବାପାଇଁ ଜନସାଧାରଣଙ୍କ ପକ୍ଷରୁ ଦୃଢ଼ଦାବି ହେଉଛି।

ଶାସକ ମାନିଲେ ନାହିଁ ଶାସନର ନିୟମ: ସରକାରୀ ମଞ୍ଚକୁ କଲେ ଦଳୀୟ ମଞ୍ଚ

ଅଷ୍ଟରଙ୍ଗ, (ପିପିଏସ୍): ପୁରୀ ଜିଲ୍ଲା କାକଟପୁରରେ ସୋମେଶ୍ୱର ମନ୍ଦିର ଓ କୁରୁମ ବୌଦ୍ଧ ପୀଠର ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ମଙ୍ଗଳବାର ଶିଳାନ୍ୟାସ କାର୍ଯ୍ୟକ୍ରମ ଏବେ ପ୍ରୋଟୋକଲ୍ ଭଙ୍ଗ ବିବାଦରେ ଫସି ଯାଇଛି। ଏହା ଏକ ସମ୍ପୂର୍ଣ୍ଣ ସରକାରୀ କାର୍ଯ୍ୟକ୍ରମ ଥିଲା। କିନ୍ତୁ ସରକାରୀ ମଞ୍ଚରେ ସରକାରୀ ନିୟମ ହିଁ ଭାଙ୍ଗିଲା ବୋଲି ଅଭିଯୋଗ ହୋଇଛି। ମଞ୍ଚ ଉପରେ ମୁଖ୍ୟ ଅତିଥି ଭାବେ ବସିଥିଲେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା। ତାଙ୍କ ସହ ମଞ୍ଚରେ ଥିଲେ ପର୍ଯ୍ୟଟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଏବଂ କାକଟପୁର ବିଡିଓ। ଏହା ଏକ ସରକାରୀ ମଞ୍ଚ ହୋଇଥିବାରୁ ଏଥିରେ କେବଳ ସରକାରୀ ଅଧିକାରୀ ଏବଂ ନିମନ୍ତ୍ରିତ ଜନପ୍ରତିନିଧି ବସିବା କଥା। କିନ୍ତୁ ସେହି ମଞ୍ଚରେ ମନ୍ତ୍ରୀଙ୍କ ନିକଟରେ ବସିଥିଲେ ଶାସକ ଦଳର ନିମାପଡା ପୂର୍ବତନ ବିଧାୟକ ବାଇଧର ମଲ୍ଲିକ।



ଅଭିଯୋଗ ଅନୁସାରେ, ପୂର୍ବତନ ବିଧାୟକଙ୍କର ସରକାରୀ ମଞ୍ଚରେ ମନ୍ତ୍ରୀଙ୍କ ନିକଟରେ ବସିବା ସମ୍ପୂର୍ଣ୍ଣ ପ୍ରୋଟୋକଲ୍ ଭଙ୍ଗ। କାରଣ ସେ ନା ବର୍ତ୍ତମାନର ବିଧାୟକ, ନା ସେ କାକଟପୁର ନିର୍ବାଚନ ମଣ୍ଡଳୀର ବିଧାୟକ । ସେ ନିମାପଡାର ପୂର୍ବତନ ବିଧାୟକ। ତେବେ କାକଟପୁରର ସରକାରୀ କାର୍ଯ୍ୟକ୍ରମରେ ସେ କେଉଁ ହିସାବରେ ମୁଖ୍ୟ ମଞ୍ଚରେ ବସିଲେ, ତାହାକୁ ନେଇ ଏବେ ବଡ ପ୍ରଶ୍ନ ଉଠିଛି। ଏହାକୁ ନେଇ ପ୍ରଶ୍ନ କରିଛନ୍ତି କାକଟପୁର ବିଜେଡି ବ୍ଲକ ସଭାପତି ପ୍ରାଣନାଥ ମଲ୍ଲିକ। ସେ କହିଛନ୍ତି, 'ସରକାରୀ କାର୍ଯ୍ୟକ୍ରମରେ ପ୍ରୋଟୋକଲ୍ ଅଛି। ମନ୍ତ୍ରୀଙ୍କ ପାଖରେ ଜିଲ୍ଲାର ଅଧିକାରୀ ଏବଂ ସ୍ଥାନୀୟ ଜନପ୍ରତିନିଧି ବସିବା କଥା। କିନ୍ତୁ ଏଠାରେ ଅନ୍ୟ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକଙ୍କୁ ମଞ୍ଚରେ ବସାଇ ପ୍ରୋଟୋକଲ୍ ଭଙ୍ଗ। ଯାଇଛି। ଏହା ସରକାରୀ କାର୍ଯ୍ୟକ୍ରମକୁ ଦଳୀୟ କାର୍ଯ୍ୟକ୍ରମ କରି ଦେଇଛି।' ତାଙ୍କ ଏହି ପ୍ରଶ୍ନ ପରେ କାକଟପୁର ରାଜନୀତି ଆହୁରି ଉଷ୍ମ ହୋଇଯାଇଛି।

ସ୍ଥାନୀୟ ଲୋକେ ମଧ୍ୟ କହୁଛନ୍ତି, କାକଟପୁରର ପ୍ରସିଦ୍ଧ ସୋମେଶ୍ୱର ମନ୍ଦିର ଏବଂ ଐତିହାସିକ କୁରୁମ ବୌଦ୍ଧ ପୀଠର ବିକାଶ ପାଇଁ ଲୋକେ ବହୁ ଆଶା ନେଇ କାର୍ଯ୍ୟକ୍ରମକୁ ଆସିଥିଲେ। ଏହି ଦୁଇ ପୀଠର ବିକାଶ ହେଲେ କାକଟପୁର-ଅଷ୍ଟରଙ୍ଗ ଅଞ୍ଚଳରେ ପର୍ଯ୍ୟଟନ ବଢିବ, ସ୍ଥାନୀୟ ଯୁବକଙ୍କୁ ରୋଜଗାର ମିଳିବ ବୋଲି ଆଶା ଥିଲା। କିନ୍ତୁ ମଞ୍ଚରେ ପ୍ରୋଟୋକଲ୍ ଭଙ୍ଗ ହେବାପରେ ବିକାଶର ଚର୍ଚ୍ଚା ବଦଳରେ ବିବାଦର ଚର୍ଚ୍ଚା ଆରମ୍ଭ ହୋଇଗଲା।ଏହା ସହ ଆଉ ଏକ ପ୍ରଶ୍ନ ମଧ୍ୟ ଉଠିଛି। ଫଳକରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରାଙ୍କ ନାଁ ଥିଲା, କିନ୍ତୁ ସେ କାର୍ଯ୍ୟକ୍ରମରେ ଆସି ନଥିଲେ। ସ୍ଥାନୀୟ ବିଧାୟକ ଅନୁପସ୍ଥିତ ଥାଇ ଅନ୍ୟ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ମଞ୍ଚରେ ବସିବା କ'ଣ ଠିକ୍ ଏହା ପ୍ରୋଟୋକଲ୍ ଅନୁସାରେ କଣ ସମ୍ଭବ ? ଲୋକେ ଏହାର ଉତ୍ତର ମାଗୁଛନ୍ତି।ପ୍ରଶାସନିକ ମହଲରେ ମଧ୍ୟ ଏହାକୁ ନେଇ ଚର୍ଚ୍ଚା ହେଉଛି। ସରକାରୀ କାର୍ଯ୍ୟକ୍ରମରେ ମଞ୍ଚ ବ୍ୟବସ୍ଥା ପାଇଁ ନିର୍ଦ୍ଦିଷ୍ଟ ନିୟମ ରହିଛି। ମନ୍ତ୍ରୀ, ଅଧିକ୍ଷଣ ଯନ୍ତ୍ରୀ, ବିଡିଓଙ୍କ ସହ କିଏ ବସିବେ, ତାହା ପୂର୍ବରୁ ସ୍ଥିର ହୋଇଥାଏ। କିନ୍ତୁ ଏଠାରେ ସେ ନିୟମ ମନାଯାଇ ନଥିବା ଅଭିଯୋଗ ହେଉଛି। ଯଦି ପ୍ରୋଟୋକଲ୍ ମନାଯାଇଥାନ୍ତା, ତେବେ ଏଭଳି ବିବାଦ ହୋଇ ନଥାନ୍ତା ବୋଲି ଲୋକେ କହୁଛନ୍ତି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏଭଳି ଘଟଣା କାକଟପୁର ରାଜନୀତିକୁ ଆହୁରି ଉଷ୍ମ କରି ଦେଇଛି। ଲୋକଙ୍କ ଗୋଟିଏ କଥା, 'ଆମକୁ ବିକାଶ ଦରକାର, ବିବାଦ ନୁହେଁ। ସରକାରୀ ମଞ୍ଚରେ ନିୟମ ମାନିବା ଜରୁରୀ।' ଏବେ ସମସ୍ତଙ୍କ ନଜର ପ୍ରଶାସନର ଉତ୍ତର ଉପରେ।

ବାରାହ ଆକ୍ରମଣରେ ବୃଦ୍ଧ ଗୁରୁତର



କେନ୍ଦ୍ରାପଡା (ପିପିଏସ୍) : ଚାଷଜମିକୁ ଯାଇଥିବା ବେଳେ ବାରାହ ଆକ୍ରମଣରେ ବୃଦ୍ଧ ଗୁରୁତର। କେନ୍ଦ୍ରାପଡା ସହର ଉପକଣ୍ଠ ଗରୁଆଳ ଗାଁର ଚାଷୀ ନିରାକାର ସ୍ୱାଇଁ ମଙ୍ଗଳବାର ଦିନ ପ୍ରାୟ ସାଢେ ଗୋଟାଏ ବେଳେ ନିଜ ଚାଷ ଜମିକୁ ଯାଇଥିବା ବେଳେ ହଠାତ୍ ପାଖ ଜଙ୍ଗଲରୁ ଏକ ବାରାହ ବାହାରି ଆସି ତାଙ୍କୁ ଆକ୍ରମଣ କରିଥିଲା। ନିରାକାର ମୁହଁମାଡ଼ି ତଳେ ପଡିଯିବା ପରେ ବାରାହ ଟି ତାଙ୍କ ପିଠିକୁ ବାରମ୍ବାର ଭୂଷି ଚାଲିଥିଲା। ଜୀବନ ବଞ୍ଚାଇବା ପାଇଁ ସେ ହାତରେ ଧରିଥିବା ଛତା ସାହାଯରେ ବାରାହକୁ ଭୟଭୀତ କରିବା ପାଇଁ ଚେଷ୍ଟା କରିଥିଲେ। ଛତା ଦେଖି ବାରାହଟି ପକାଇ ଯାଇଥିଲା। ପରେ ତାଙ୍କୁ ଗ୍ରାମବାସୀ ଉଦ୍ଧାର କରି ହସ୍ପିଟାଲ ରେ ଭର୍ତି କରିଥିଲେ। କେନ୍ଦ୍ରାପଡା ଉପକଣ୍ଠ ଗାଁ ଗୁଡ଼ିକରେ ବାରାହଙ୍କ ସଂଖ୍ୟା ବୃଦ୍ଧି ଘଟିବା ସହିତ ବାରାହା ପଲ ଫସଲ ହାନି କରୁଥିବା ନେଇ ପୂର୍ବରୁ ବାରମ୍ବାର ଅଭିଯୋଗ ହୋଇଛି। ବାରାହ ଆକ୍ରମଣ ପରେ ସ୍ଥାନୀୟ ଅଞ୍ଚଳର ଲୋକେ ଭୟଭୀତ ହୋଇପଡିଛନ୍ତି। ବନ ବିଭାଗ ପକ୍ଷରୁ ବାରାହ ଘଉଡେଇବା ପାଇଁ ସ୍ଥାନୀୟ ଚାଷୀ ଦାବି କରିଛନ୍ତି।

୪୦୦ ପରିବାରକୁ ସହାୟତା ପ୍ରଦାନ
ଏସ୍‌ବିଆଇ ଷ୍ଟାଫ୍ ଆସୋସିଏସନ୍‌ର ମାନବିକତା



ବ୍ରହ୍ମପୁର, (ପିପିଏସ୍): ଅର୍ଣ୍ଣବ ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ଭୟାବହ ବନ୍ୟା ପରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ବିପନ୍ନଙ୍କୁ ସହାୟତାର ହାତ ବଢ଼ାଯାଉଛି। ଏହି କ୍ରମରେ ଗୁରୁବାର ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆସିକା ଜୋନ୍ କର୍ମଚାରୀ ସଂଘ, ଭଞ୍ଜନଗର ଷ୍ଟେଟ୍ ବ୍ୟାଙ୍କ କିରାଣି ସଂଘ ଏବଂ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀମାନେ ମିଳିତ ଭାବେ ଭଞ୍ଜନଗର ବ୍ଲକ୍‌ର ବିଭିନ୍ନ ଗ୍ରାମରେ ପ୍ରାୟ ୪୦୦ ପରିବାରକୁ ରିଲିଫ୍ ସାମଗ୍ରୀ ପ୍ରଦାନ କରିଥିଲେ। କର୍ମଚାରୀ ସଂଘ ପକ୍ଷରୁ ପ୍ରସ୍ତୁତ ୪୦୦ ପ୍ୟାକେଟ୍ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ଏହି ପ୍ୟାକେଟ୍‌ରେ ଶୁଖିଲା ଖାଦ୍ୟ, ରାସନ୍ ସାମଗ୍ରୀ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ରହିଥିଲା।

ବାହାଡ଼ାପଦର ବିଦ୍ୟାଳୟ ସାହି, ଚଢ଼େୟାପଲ୍ଲୀ, ଗମ୍ଭାରୀଗୋଛା ଏବଂ ବାଇବାଲି ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିବା ବନ୍ୟା ବିପନ୍ନଙ୍କୁ ଏହି ସହାୟତା ପ୍ରଦାନ କରାଯାଇଥିଲା। ଏହି ସେବା କାର୍ଯ୍ୟରେ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ସଂଘର କର୍ମକର୍ତ୍ତା ଭାସ୍କର ପ୍ରଧାନ, ଅମିୟ ରଞ୍ଜନ ଦାଶ, ବିଶ୍ୱଜିତ୍ ମହାରଣା, ଅଲେଖ ବେହେରା ଓ ଶଙ୍କର ଦୋରାଙ୍କ ସମେତ ଅବସରପ୍ରାପ୍ତ କର୍ମଚାରୀ ଦେବରାଜ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ପାଢ଼ୀ ଓ ସୋମନାଥ ନନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ। ବ୍ୟାଙ୍କ କର୍ମଚାରୀଙ୍କ ଏହି ମାନବିକତାପୂର୍ଣ୍ଣ ସେବା କାର୍ଯ୍ୟକୁ ଅଞ୍ଚଳ ବାସି ପ୍ରଶଂସା କରିଥିଲେ।

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ

କେନ୍ଦ୍ରାପଡ଼ା, (ପିପିଏସ୍) : ଭାରତର ଲୌହ ପୁରୁଷ ଏବଂ ଦେଶର ପ୍ରଥମ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଅବସରରେ ଦିଲାୱରପୁର ସ୍ଥିତ ମଦ୍ରାସା ଇସଲାମିଆ ଆରବିଆରେ ଜାତୀୟ ଏକତା ଦିବସ ଅତ୍ୟନ୍ତ ଉତ୍ସାହ

ପାନୀୟଜଳ ଓ ପକ୍କାରାସ୍ତାରୁ ବଞ୍ଚିତ କସାପକନା ଗାଁ ଲୋକେ

କୋରାପୁଟ : ସାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ବିଶୁଦ୍ଧ ପାନୀୟ ଜଳ, ପକ୍କା ରାସ୍ତା ଓ ଆବାସ ଘର ନିମନ୍ତେ ସଂଘର୍ଷ କରୁଛନ୍ତି ଗ୍ରାମବାସୀ । ଗାଁଟି ମୌଳିକ ସୁବିଧାରୁ ବଂଚିତ ରହି ବିକାଶର ବାଟ ଖୋଜୁଛି । କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ମାଝୀଗୁଡା ପଞ୍ଚାୟତର କସାପକନା ଗାଁରେ ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି । ଗାଁ ରେ ନାହିଁ ପକ୍କା ରାସ୍ତା, ବାଇକ ତ ଦୂର ଚାଲି କି ଯିବା ବି କଷ୍ଟକର । ଆଉ ବର୍ଷା ଆସିଲେ ପ୍ରତିଦିନ କାଦୁଅ ରାସ୍ତାରେ ଘାଂଟି ହେଉଛନ୍ତି ଗାଁ ଲୋକେ । ଏମିତିକି ଜରୁରୀକାଳୀନ ପରିସ୍ଥିତିରେ ଏମାନଙ୍କୁ ଆମ୍ବୁଲାନ୍ସ ସେବା ମିଳେନି । ଖଟିଆରେ ରୋଗୀ ବୁହା ହୁଅନ୍ତି । ପ୍ରଶାସନ ପକ୍ଷରୁ ଗାଁ ଲୋକଙ୍କ ବିଶୁଦ୍ଧ ପାନୀୟ ଜଳ ପାଇଁ ନଳକୂପ ଖନନ ହୋଇଛି, କିନ୍ତୁ ସେଥିରୁ ବାହାରୁଛି ଦୂଷିତ ପାଣି । ନଳକୂପର ଗୋଳିଆ ପାଣି ବ୍ୟବହାର କରିପାରୁନାହାନ୍ତି । ଏଣୁ ବାଧ୍ୟ ହୋଇ ଚୁଆ ପାଣି ଉପରେ ଗାଁଲୋକେ ଭରସା କରନ୍ତି । ସେପଟେ ଗାଁ ଭିତରେ ଆଖି ଜୁଆଡେ ଯାଉଛି କେବଳ ନୁଆଣିଆ ଚାଳ ଘର ଆଉ ଟିଣ ଘର । କୋଉଠି ବି ଦେଖିବାକୁ ମିଳୁନି ଗୋଟିଏ ପକ୍କା ଘର । ମନେ ହୁଏ ସରକାରଙ୍କ ପକ୍କା ଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି ଏଠାକାର ବାଟ ଭୁଲିଯାଇଛି । ଏହି ଅବହେଳିତ ପାହାଡ଼ ଜଙ୍ଗଲ ଘେରା ଉପାନ୍ତ ଅଂଚଳରେ କମାର, ଗଦବା, ପରଜା ସମ୍ପ୍ରଦାୟର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି । ହେଲେ ଏମାନଙ୍କ କଷ୍ଟ ଯେପରି ଏଇ ଘଂଚ ଜଙ୍ଗଲ ଭିତରେ ଅଦୃଶ୍ୟ ହୋଇଯାଇଛି । ଏ ସମସ୍ୟା ଯେପରି ଆଉ ସୁଧୁରିବନି, ତାହା ମଧ୍ୟ ଏଠାକାର ଲୋକଙ୍କ କଥାରୁ ବାରିହୋଇଯାଉଛି । ଏହି ଗାଁପ୍ରତି କେବେ ପ୍ରଶାସନ ଦୃଷ୍ଟି ଦେବେ ଆଉ କେବେ ସମସ୍ୟାର ସମାଧାନ କରିବେ ତାହାହିଁ ଦେଖିବାକୁ ବାକି ରହିଲା ।

ବଲାଙ୍ଗିର ସହରରେ ଆଧୁନିକ ଇଣ୍ଡୋର ଷ୍ଟାଡିୟମ୍ ନିର୍ମାଣ ଦାବି



ବଲାଙ୍ଗିର(ପିପିଏସ): କ୍ରୀଡ଼ା କ୍ଷେତ୍ରରେ ବଲାଙ୍ଗୀର ଜିଲ୍ଲାର ଏକ ସମୃଦ୍ଧ ଐତିହ୍ୟ ଓ ପରମ୍ପରା ରହିଛି। ଜିଲ୍ଲାର ଅନେକ ପ୍ରତିଭାବାନ ଖେଳାଳି ନିଜର ଦକ୍ଷତା ବଳରେ ରାଜ୍ୟ ଓ ଜାତୀୟସ୍ତରରେ ସଫଳତା ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣୁଛନ୍ତି। ତେବେ ଖେଳାଳିଙ୍କ ପ୍ରତିଭା ଓ ଆଗ୍ରହ ଅନୁଯାୟୀ ଆବଶ୍ୟକ କ୍ରୀଡ଼ା ଭିତ୍ତିଭୂମିର ଅଭାବ ରହିଥିବାରୁ ବଲାଙ୍ଗୀର ସହର ମଧ୍ୟରେ ଏକ ଅତ୍ୟାଧୁନିକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍ ନିର୍ମାଣ ପାଇଁ ଦାବି ଉଠିଛି। ଏ ସମ୍ପର୍କରେ ମଧୁସୂଦନ କ୍ରୀଡ଼ା ଏବଂ ସାଂସ୍କୃତିକ ସଂଘ, ବଲାଙ୍ଗୀର ସମେତ ବିଭିନ୍ନ କ୍ରୀଡ଼ା ସଂଘ ଓ କ୍ରୀଡ଼ାପ୍ରେମୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ବଲାଙ୍ଗୀର ବ୍ଲକ୍‌ର ଦୁଡୁକାଶିରା ମୌଜାରେ ୧୦ ଏକର ଜମିରେ ଏକ ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଥିବାରୁ ଏହାକୁ ସମସ୍ତେ ସ୍ୱାଗତ କରିଛନ୍ତି। ତେବେ ଦୁଡୁକାଶିରା ସହରଠାରୁ ଦୂରରେ ଥିବାରୁ ସହରର ବିଭିନ୍ନ କ୍ରୀଡ଼ା ସଂଘ ଓ ଖେଳାଳିମାନଙ୍କ ନିୟମିତ ଅଭ୍ୟାସ, ପ୍ରଶିକ୍ଷଣ ଓ ପ୍ରତିଯୋଗିତା ଆୟୋଜନରେ ଯାତାୟାତ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ବଲାଙ୍ଗୀର ସହରରେ ବିଭିନ୍ନ ଇଣ୍ଡୋର କ୍ରୀଡ଼ାର ଖେଳାଳି ଓ ସଂଘ ରହିଥିଲେ ମଧ୍ୟ ସେମାନଙ୍କ ପାଇଁ ଉପଯୁକ୍ତ ଅଭ୍ୟାସ କେନ୍ଦ୍ର ଓ ଆଧୁନିକ କ୍ରୀଡ଼ା ଭିତ୍ତିଭୂମି ନାହିଁ। ଫଳରେ ଅନେକ ଖେଳାଳି ନିୟମିତ ଅଭ୍ୟାସ ଓ ଉଚ୍ଚସ୍ତରୀୟ ପ୍ରତିଯୋଗିତା ପାଇଁ ଆବଶ୍ୟକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ତେଣୁ ବଲାଙ୍ଗୀର ସହର ମଧ୍ୟରେ ଉପଯୁକ୍ତ ସରକାରୀ ଜମି ଚିହ୍ନଟ କରି ଏକ ଆଧୁନିକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍ ନିର୍ମାଣ କରିବାକୁ ଦାବି ହୋଇଛି। ଏହି ଷ୍ଟାଡିୟମ୍‌ରେ ବିଭିନ୍ନ ଇଣ୍ଡୋର କ୍ରୀଡ଼ା ପାଇଁ ଅତ୍ୟାଧୁନିକ କୋର୍ଟ, ପ୍ରଶିକ୍ଷଣ କେନ୍ଦ୍ର, ଖେଳାଳିଙ୍କ ପାଇଁ ଆବଶ୍ୟକ ସୁବିଧା ସହ ଜିଲ୍ଲା, ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତା ଆୟୋଜନର ବ୍ୟବସ୍ଥା ରହିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଏଥିପାଇଁ ଜିଲ୍ଲା ପ୍ରଶାସନ ତୁରନ୍ତ ଉପଯୁକ୍ତ ଜମି ଚିହ୍ନଟ କରିବା ସହ ଏକ ସବିଶେଷ ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତ କରି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗକୁ ପଠାଇବାକୁ ଦାବି ହୋଇଛି। ଏହି ଦାବିକୁ ସମର୍ଥନ କରି ମଧୁସୂଦନ କ୍ରୀଡ଼ା ଏବଂ ସାଂସ୍କୃତିକ ସଂଘ, ବଲାଙ୍ଗୀରର ସମ୍ପାଦକ ଆଡଭୋକେଟ୍ ସୁମିତ ରଞ୍ଜନ ପୁରୋହିତ, ବଲାଙ୍ଗୀର ବାର୍ ଆସୋସିଏସନ୍‌ର ସଭାପତି ବାସୁଦେବ ରଥ, ଚନ୍ଦ୍ରଶେଖର ମିଶ୍ର, ବିଶିଷ୍ଟ କ୍ରୀଡ଼ାବିତ୍ ଲଳିତ ଶର୍ମାଙ୍କ ସମେତ ଅନେକ କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀ ବଲାଙ୍ଗୀର ସହରରେ ଏକ ଆଧୁନିକ ଇଣ୍ଡୋର ଷ୍ଟାଡିୟମ୍ ନିର୍ମାଣ ପାଇଁ ଦାବି ଜଣାଇଛନ୍ତି। ଦୁଡୁକାଶିରାରେ ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ୍ ସହ ବଲାଙ୍ଗୀର ସହରରେ ଆଧୁନିକ ଇଣ୍ଡୋର ଷ୍ଟାଡିୟମ୍ ନିର୍ମାଣ ହେଲେ ଜିଲ୍ଲାର କ୍ରୀଡ଼ା ଭିତ୍ତିଭୂମି ଆହୁରି ସୁଦୃଢ଼ ହେବ। ଏହା ଖେଳାଳିଙ୍କୁ ଉନ୍ନତ ପ୍ରଶିକ୍ଷଣ ଓ ପ୍ରତିଭା ବିକାଶର ସୁଯୋଗ ଦେବା ସହ ବଲାଙ୍ଗୀରକୁ ରାଜ୍ୟର ଏକ ପ୍ରମୁଖ କ୍ରୀଡ଼ା କେନ୍ଦ୍ର ଭାବେ ଗଢ଼ି ତୋଳିବାରେ ସହାୟକ ହେବ। ଏଥିପାଇଁ ଜିଲ୍ଲାପାଳ ଓ ରାଜ୍ୟ ସରକାର ଯଥାଶୀଘ୍ର ସକାରାତ୍ମକ ପଦକ୍ଷେପ ନେବାକୁ କ୍ରୀଡ଼ାପ୍ରେମୀମାନେ ଆଶା ପ୍ରକାଶ କରିଛନ୍ତି।

ଜିଲ୍ଲାସ୍ତରୀୟ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ

ଝାରସୁଗୁଡ଼ା: ଜିଲ୍ଲାସ୍ତରୀୟ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ -୨୦୨୬ ଝାରସୁଗୁଡ଼ା ଜିଲ୍ଲା ବିଜ୍ଞାନ କାର୍ଯ୍ୟାଳୟ ପକ୍ଷରୁ ସରକାରୀ ଉଚ୍ଚ ବିଦ୍ୟାଳୟ ଝାରସୁଗୁଡ଼ା ଠାରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷର ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ର ମୁଖ୍ୟ ବିଷୟ " ସ୍ଥାୟୀତ୍ୱ ପାଇଁ ବିଜ୍ଞାନ ଓ ନବସୃଜନ" ରହିଥିଲା । କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୧୧୦ରୁ ଅଧିକ ଛାତ୍ର ଛାତ୍ରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଝାରସୁଗଡା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା କିଶାନ ଓ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ନୀରଜ କୁମାର ପଟେଲ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିଲେ ।ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ, ନବସୃଜନ, ସୃଜନଶୀଳତା ଓ ସମସ୍ୟା ସମାଧାନ କୌଶଳର ବିକାଶରେ ଶିଶୁ ବିଜ୍ଞାନ କଂଗ୍ରେସ ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମନୋନୀତ ଥିବା ୫୮ ପ୍ରୋଜେକ୍ଟ ମଧ୍ୟରୁ ୨୪ ଟି ଜୁନିଅର ଓ ୩୪ ଟି ସିନିୟର୍ ଲେଭେଲ୍ ରେ ଥିଲା । ମୋଟ ୪ ଟି ପ୍ରୋଜେକ୍ଟ ରାଜ୍ୟ ସ୍ତରକୁ ମୋନୋନିତ ହୋଇଛନ୍ତି ଓ ଆସନ୍ତା ୨୬ ନଭେମ୍ବର ରେ ଭୁବନେଶ୍ୱର ରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଜୁନିୟର ଓ ସିନିୟର ସ୍ତରରେ ଡିଏଭି ସ୍କୁଲ ଝାରସୁଗୁଡ଼ା ର ଦୁଇଜଣ ଛାତ୍ର ଓ ସିନିୟର ସ୍ତରରେ ଡିଏଭି ପବ୍ଲିକ ସ୍କୁଲ ଏସଓସିପି ଓ ଡିଏଭି ପବ୍ଲିକ ସ୍କୁଲ ଆଇଟିପିଏସ ର ଜଣେ ଲେଖାଏଁ ଛାତ୍ର ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି । ଜିଲ୍ଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ରାଷ୍ଟ୍ରୀୟ ଶିଶୁ ବିଜ୍ଞାନ କଂଗ୍ରେସ ର ସଂଯୋଜକ ପୂର୍ଣ୍ଣ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ସମ୍ପର୍କରେ ଶିକ୍ଷକମାନଙ୍କୁ ମୁଖ୍ୟ ବିଷୟ ଓ ପାଂଚଟି ଉପ-ବିଷୟ, ସ୍ଥାନୀୟ ସମସ୍ୟା ଆଧାରିତ ପ୍ରକଳ୍ପ ଚୟନ, କ୍ଷୁଦ୍ର ଗବେଷଣା ପ୍ରଣାଳୀ, ପ୍ରକଳ୍ପ ରିପୋର୍ଟ ଓ ପୋଷ୍ଟର ପ୍ରସ୍ତୁତି, ମୂଲ୍ୟାୟନ ପ୍ରକ୍ରିୟା ବିଷୟରେ ଅବଗତ କରାଇଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତନୁୟୀ ପିଙ୍ଗ, ଓ ଅନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

୨ ମଦବେପାରୀ ଗିରଫ

ଜୟପୁର: ଦେଶୀମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଚଢାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ୨ ଅଭିଯୁକ୍ତ ହେଲେ ହରିଶ୍ଚନ୍ଦ୍ର ନୁଆଗୁଡା ଗ୍ରାମର ସହଦେବ ମାଛ(୫୧) ପିତାମ୍ବର ଗାଦବା(୩୩)। ଦେଶୀମଦ ଚାଲାଣ ସୂଚନା ପାଇ ଜୟପୁର ଅବକାରୀ ଥାନା ହରିଶ୍ଚନ୍ଦ୍ର ନୁଆଗୁଡା ରାସ୍ତାରେ ଚଢାଉ କରି ୨ ଅଭିଯୁକ୍ତ ଠାରୁ ୧୫ ଲିଟର ଦେଶି ମଦ ଜବତ କରିଛି । ଗିରଫ ଦୁଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ତରଫରୁ ସୁଚନା ଦିଆଯାଇଛି ।

ଭାରତୀୟ ସୂଚନା ସେବାର ନିର୍ଦ୍ଦେଶକ ଯୋଗେଶ୍ୱର ମହାନ୍ତଙ୍କ ପରଲୋକ

ଚମ୍ପୁଆ: ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରାଳୟର ଭାରତୀୟ ସୂଚନା ସେବାର ଅବସରପ୍ରାପ୍ତ ନିର୍ଦ୍ଦେଶକ ଯୋଗେଶ୍ୱର ମହାନ୍ତ ଭୁବନେଶ୍ୱରସ୍ଥିତ ଘରୋଇ ଡାକ୍ତରଖାନାରେ ସାସ୍ଥ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବା ସମୟରେ ୮୦ ବର୍ଷ ବୟସରେ ପରଲୋକ ଘଟିଛି । ସୂଚନା ଏବଂ ପ୍ରସାରଣ ମନ୍ତ୍ରାଳୟର ବିଭିନ୍ନ ବିଭାଗରେ ଯଥା କ୍ଷେତ୍ର ପ୍ରଚାର ନିର୍ଦ୍ଦେଶାଳୟ, ସେ ପତ୍ର ସୂଚନା ନିର୍ଦ୍ଦେଶାଳୟ, ଡି.ପି.ଡି. ପ୍ରଭୃତି ବିଭାଗରେ ବହୁ ଗୁରୁତ୍ୱ ପୂର୍ଣ୍ଣ ପଦପଦବୀରେ ଦକ୍ଷତାର ସହିତ କାର୍ଯ୍ୟକରି ପ୍ରଶଂସନୀୟ ହୋଇଥିଲେ । ତାଙ୍କର ଶେଷକୃତ୍ୟ ନିଜ ପୈତୃକ ଗ୍ରାମ ମହେଶ୍ୱରପୁର (ଦୋଳିତା) ନିକଟ' ଚମ୍ପୁଆର ବୈତରଣୀ ଘାଟରେ ଗତ ୨୬।୧୦।୨୦୨୬ ରେ ସଂପନ୍ନ ହୋଇଥିଲା । ତାଙ୍କର ଜ୍ୟେଷ୍ଠପୁତ୍ର ସୁନୀଲ କୁମାର ମହାନ୍ତ ମୁଖାଗ୍ନି ଦେଇଥିଲେ । ପରଲୋକ ସମୟରେ ତାଙ୍କ ଧର୍ମପତ୍ନୀ କନକ ମଞ୍ଜରୀ ମହାନ୍ତ, ପୁତ୍ରବଧୂ ଶିଲା ମହାନ୍ତ, ନାତି ସସ୍ତିକ ମହାନ୍ତ, ନାତୁଣୀ ସର୍ଣ୍ଣପ୍ରଭା ମହାନ୍ତ ଆଦି ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ସେ ଜଣେ ଉଦାରବାଦୀ, ପରୋପକାରୀ, ନମ୍ର ଏବଂ ଭଦ୍ର ସଭାବର ବ୍ୟକ୍ତି ଥିଲେ । ତାଙ୍କ ମୃତ୍ୟୁରେ ଚମ୍ପୁଆ ଅଂଚଳରେ ଗଭୀର ଶୋକ ପ୍ରକାଶ କରାଯାଇଛି ।

ଚମ୍ପୁଆ-ରିମୁଳି ୨୦ ନମ୍ବର ଜାତୀୟ ରାଜପଥ ମରଣଯନ୍ତ୍ର

ଚମ୍ପୁଆ : ରନ୍‌ଗର୍ଭା କେନ୍ଦୁଝରର ଜିଲ୍ଲା ଓଡ଼ିଶା ରାଜ୍ୟ ରାଜକୋଷର ମେରୁଦଣ୍ଡ କୁହାଯାଉ ଥିବାବେଳେ ଏହି ଜିଲ୍ଲାରେ ବସବାସ କରୁଥିବା ଲୋକ ମାନଙ୍କୁ ମୌଳିକ ସୁବିଧା ଟିକେ ମଧ୍ୟ ମିଳି ପାରୁ ନଥିବା ଦେଖିବାକୁ ମିଳୁଛି। ସରକାରଙ୍କ ଯୋଜନା ଉପରେ ଯୋଜନା ରାସ୍ତା କଡରେ ଥିବା ହୋଡ଼ି ଓ ବ୍ୟାନର ଭିତରେ ରହି କେନ୍ଦୁଝରବାସୀଙ୍କୁ ଉପହାସ କରୁଛି। ଯାହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ଚମ୍ପୁଆ। ଚମ୍ପୁଆ ଉପଖଣ୍ଡ ଏକ ଖଣି ଅଞ୍ଚଳ ହୋଇଥିବା ବେଳେ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ବିଧାୟକ ମଧ୍ୟ ଜଣେ ବାହୁବଳୀ ବିଧାୟକ ଭାବେ ସାରା ଓଡ଼ିଶାରେ ପରିଚିତ। ତଥାପି ଟିକିଏ ମୌଳିକ ସୁବିଧାରୁ ବଞ୍ଚିତ ରହୁଛନ୍ତି ଚମ୍ପୁଆ ବାସୀ। ଏଠି ସକାଳ ପାହିଲେ ମରଣକୁ ଆମନ୍ତ୍ରଣ କରେ ୨୦ ନମ୍ବର ଜାତୀୟ ରାଜପଥ। ଚମ୍ପୁଆ - ରିମୁଳି ୨୦ ନମ୍ବର ଜାତୀୟ ରାଜପଥ ଚମ୍ପୁଆ ଠାରୁ ରଜିଆ ପର୍ଯ୍ୟନ୍ତ ସାତ କି. ମି. ରାସ୍ତା ଦୀର୍ଘ ଦିନରୁ ଠାଏଁ ଠାଏଁ ଭାଙ୍ଗି ମରଣ ଯନ୍ତ୍ରା ପାଲଟିଥିଲେ ବି ଏଥିପ୍ରତି ନା ଅଛି ବିଭାଗୀୟ ନଜର, ନା ଅଛି ପ୍ରଶାସନର ନଜର, ନା ଅଛି ସ୍ଥାନୀୟ ନେତା, ରାଜନେତାଙ୍କ ନଜର। ଏହି ଜାତୀୟ ରାଜପଥ ଦେଇ ଦୈନିକ ହଜାର ହଜାର ଲୌହ ବୋଝେଇ ଟ୍ରକ, ଟ୍ରଲର ଆଦି ବଡ଼ ବଡ଼ ଭାରୀଯାନ ଯିବା ଆସିବା କରିଥାଏ। ଚମ୍ପୁଆ ଉପଜିଲ୍ଲାପାଳଙ୍କ ଠାରୁ ନେଇ ସମସ୍ତ ବଡ଼ ବଡ଼ିଆ ଅଧିକାରୀ ଏହି ରାସ୍ତାରେ ଦୈନିକ କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟକୁ ଯିବା ଆସିବା କରିଥାନ୍ତି। ଚମ୍ପୁଆ ବଜାରର ଜନ ଗହଳିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସକାଳ ସାତ ଟାରୁ ଦିନ ଏଗାର ଏବଂ ଅପରାହ୍ନ ତିନିଟାରୁ ରାତି ନଅ ଟା ପର୍ଯ୍ୟନ୍ତ ନୋ ଏଣ୍ଟ୍ରି ଲାଗୁ କରାଯାଇଛି। ତେବେ ନୋ ଏଣ୍ଟ୍ରି ଲାଗୁ କରିଦେଇ ପ୍ରଶାସନ ନିଜର ଦାୟିତ୍ୱ ସାରି ଦେଇଥିବା ବେଳେ ଦୀର୍ଘ ଦିନରୁ ଭାଙ୍ଗି ଖାଲ ଖମାରେ ଭରି ମରଣଯନ୍ତ୍ରା ପାଲଟିଥିବା ଏହି ରାସ୍ତା ମରାମତି ପ୍ରତି କାହାରି ନଜର ପଡୁ ନାହିଁ। ଫଳରେ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବାର ନଜିର ରହିଛି। ସାଧାରଣ ଲୋକ ସାଇକେଲ ମୋଟର ସାଇକେଲରେ ଯିବା ଆସିବା କରିବା ସମୟରେ ପ୍ରତି ମୁହୂର୍ତ୍ତରେ ବିପଦକୁ ସାମ୍ନା କରୁଛନ୍ତି। ଏହି ଜାତୀୟ ରାଜପଥ ଚାରି ଥାକ ରାସ୍ତା ହେବା ପାଇଁ ବହୁ ଦିନରୁ ସର୍ଭେ ସରିଥିଲେ ମଧ୍ୟ ରାସ୍ତା ନିର୍ମାଣର କୌଣସି ବାସ୍ନା ନଥିବା ବେଳେ ବିଭାଗ ପକ୍ଷରୁ ରାସ୍ତା ମରାମତି କରିବାର ମଧ୍ୟ ନାମ ଧରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।

ସରକାରୀ ଜାଗା ଜବରଦଖଲ

କେନ୍ଦୁଝର: କେନ୍ଦୁଝର ସଦର ମହକୁମା ତଥା କେନ୍ଦୁଝର ପୌରାଚଂଳର ବିଭିନ୍ନ ଅଂଚଳରେ ଦେବୋତର ବିଭାଗର ବିଭିନ୍ନ କିସମର ସରକାରୀ ଜାଗାକୁ ଜାଗା ନିକଟରେ ରହୁଥିବା ଲୋକମାନେ ନିଜ ଜାଗା ସହିତ ମିଶାଇ ସେ ଜାଗାରେ ବାସଗୃହ, ଦୋକାନ ଗୃହ, କେହି କେହି ଟିଣରେ ବଡ ବଡ ଦୋକାନ ଗୃହ ମାନ ନିର୍ମାଣ କରି ବ୍ୟବସାୟ କରୁଥିବା ବେଳେ ଦେବୋତର ବିଭାଗ ଜବରଦଖଲକାରୀଙ୍କୁ ଦେଖି ନଦେଖିଲା ପରି ରହୁଛି । ଏପରିକି ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜାଗା, କଭରଯୁକ୍ତ ଡ୍ରେନ ଗୁଡିକୁ ମଧ୍ୟ କଭର କରି ବ୍ୟବସାୟ ଅନୁଷ୍ଠାନ ଖୋଲିଚାଲିଛନ୍ତି । ଏଥିପ୍ରତି ନା ଜିଲ୍ଲା ପ୍ରଶାସନର ଦୃଷ୍ଟି ପଡୁଛି ନା ଦେବୋତର ବିଭାଗର ଦୃଷ୍ଟି ପଡୁଛି, ଯାହାକି କାଶୀପୁର, ଜଗନ୍ନାଥପୁର , ବଡଡେରା, କୁଲାଡେରା ପ୍ରଭୃତି ମୌଜାରେ ଥିବା ସରକାରୀ, ଦେବୋତର ଜାଗା ଗୁଡିକୁ ଦେଖିଲେ ଦେବୋତର ବିଭାଗ ତଥା ଜିଲ୍ଲା ପ୍ରଶାସନ ସରକାରୀ ଜାଗା ଗୁଡିକର ସୁରକ୍ଷା ଉପରେ କେତେ ସଚେତନ ତାହା ସ୍ପଷ୍ଟ ପ୍ରମାଣ ମିଳେ । ତେଣୁ ଏଥିପ୍ରତି ରାଜସ୍ୱ ବିଭାଗ ଦୃଷ୍ଟି ଦେବାକୁ ଦୃଢ ଦାବି ହେଉଛି ।

କୃଷକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ସମ୍ବଲପୁର: ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ନାଫେଡ୍, ଓଡ଼ିଶା ଓ ଦୀନଦୟାଳ ଉପାଧ୍ୟାୟ ସାଧାରଣ ନୀତି ଓ ବିକଳ୍ପ ଆଜୀବିକା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ସମବାୟ ସପ୍ତାହ ଅବସରରେ କୃଷକ ସଚେତନତା ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ଯେ ଏହି କାର୍ଯ୍ୟକ୍ରମରେ ଜିଏମ ବିଶ୍ୱବିଦ୍ୟାଳୟର କୁଳପତି ଡ. ବ୍ୟୋମକେଶ ତ୍ରିପାଠୀ ମୁଖ୍ୟଅତିଥି ଏବଂ ପିଜି କାଉନସିଲ୍ ଅଧକ୍ଷ ପ୍ର. ପାର୍ଥ ସାରଥୀ ମଲ୍ଲିକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ମାର୍କଫେଡ଼ ସଚିବ ବିଜେନ୍ଦ୍ର ମହାନ୍ତି ଏବଂ ସମ୍ବଲପୁର ଡ଼ିଆରସିଏସ ଲକ୍ଷ୍ମୀଧର ରାଉତ ଉପସ୍ଥିତ ଥିଲେ । ନାଫେଡର ରାଜ୍ୟ ମୁଖ୍ୟ ସୁଶ୍ରୀ ଅନିନ୍ଦିତା ଗୁହା ସମବାୟ ଆନ୍ଦୋଳନକୁ ସୁଦୃଢ଼ କରିବା ଏବଂ ଡାଲି ଓ ତୈଳବୀଜ ପାଇଁ ମୂଲ୍ୟ ସହାୟତା ଯୋଜନା (ପିଏସଏସ) ସମ୍ପର୍କରେ ସଚେତନତା ସୃଷ୍ଟି କରି ଚାଷୀଙ୍କୁ ଉଚିତ୍ ମୂଲ୍ୟ ପ୍ରଦାନ କରିବା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ ଯେ ସେ କହିଥିଲେ ସହଯୋଗ ହିଁ କୃଷି ସ୍ଥିରତା'ର ଆଧାର। ଅନୁଗୁଳ, ଦେବଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ବଲାଙ୍ଗୀର, ଢେଙ୍କାନାଳ, ବରଗଡ଼ ଓ ଝାରସୁଗୁଡ଼ାର ଚାଷୀ, ଏଫପିଓ ଏବଂ ସମବାୟ ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ସରକାରୀ ଯୋଜନା ଉପରେ ସଚେତନତା ସତ୍ର, ଇଣ୍ଟରାକ୍ଟିଭ୍ କୁଇଜ୍ ପ୍ରତିଯୋଗିତା କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ନାଫେଡର ସହକାରୀ ପ୍ରବନ୍ଧକ

ଯେଉଁ ପ୍ରସ୍ତାବ କାର୍ଯ୍ୟକାରୀ ବୋଲି ସାବ୍ୟସ୍ତ ହେଉଛି, ଅଥଚ ସରକାର କରୁ ନାଇଁ, ତେବେ ସେ ସରକାର ଅପ୍ରିୟ ହୋଇ ଚାଲିଗଲେ ଆଉ ଯେ ସରକାର ଆସିବ ସେ ଉକ୍ତ ପ୍ରସ୍ତାବ ଅନୁସାରେ କାମ କରିବ । ଏହାକୁ ହିଁ କୁହାଯାଏ ଗଠନମୂଳକ ମନୋବୃତ୍ତି ବା ସମାଲୋଚନା ।

(ଗାଁ ମଜଲିସ୍, ୧ମ ଖଣ୍ଡ, ପୃଷ୍ଠା-୧୧୬)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୦୫।୧୧ । ୨୦୨୬ ■ ଗୁରୁବାର

ଆଜିର ପିଲା ଓ ଏ.ଆଇ.

ଲେଖାପଢ଼ାରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏ.ଆଇ.)ର ବ୍ୟବହାର ବଢ଼ିଚାଲିଥିବା ବେଳେ ପିଲାମାନଙ୍କର ବିଚାରବୋଧ ଓ ବୁଝିବାଶକ୍ତି ମଧ୍ୟ ପ୍ରଭାବିତ ହେଉଛି । ଏ ଚିନ୍ତା ମଝିରେ ମଝିରେ ବିଭିନ୍ନ ସ୍ତରରେ ପ୍ରକାଶ ପାଉଛି । ଆମେରିକୀୟ ସିନେଟର୍ସ ଗ୍ରୁପଲର ସିଇଓଙ୍କୁ ଚିଠି ଲେଖି ଯେଉଁ ପ୍ରଶ୍ନ ପଚାରିଛନ୍ତି ତାହା କେବଳ ଆମେରିକା ସହ ଜଡ଼ିତ ଚିନ୍ତା ନୁହେଁ । ଭାରତ ସମେତ ତମାମ ଅନ୍ୟ ଦେଶମାନଙ୍କରେ ମଧ୍ୟ ଏ ପ୍ରସଙ୍ଗରେ ବିତର୍କ ହେବା ଆରମ୍ଭ ହେଲାଣି । ପଚରାଯାଉଛି, କ'ଣ ପାଠପଢ଼ାକୁ ସୁବିଧାଜନକ କରିବା ନାମରେ ସ୍କୁଲମାନଙ୍କରେ ପିଲାଙ୍କୁ ଏ.ଆଇ. ବ୍ୟବହାରର ଅନୁମତି ଦିଆଯିବା ଦରକାର ? ଯେବେ ପିଲାଟିଏ ରଚନାତ୍ମକ ଢଙ୍ଗରେ ମଧ୍ୟ ବିବେଚନା କରିବା ବନ୍ଦ କରିଦିଏ ଓ ତାହାର ମସ୍ତିଷ୍କ ଗଣିତର ମୌଳିକ ପ୍ରଶ୍ନଗୁଡ଼ିକୁ ମଧ୍ୟ ଏ.ଆଇ. ବିନା ସହାୟତାରେ ସମାଧାନ କରିପାରିବ ନାହିଁ ତେବେ ସେଥିରୁ ଅନୁମାନ କରାଯାଉଛି ଯେ ପିଲାଟିର ବୌଦ୍ଧିକସ୍ତରରେ ବୁଦ୍ଧିର ସ୍ତର କିପରି ଅବସ୍ଥାରେ ଥିବ ? ଏହା ଗୋଟିଏ ପିଲା କ୍ଷେତ୍ରରେ ହେଲେ, ତା' ଶ୍ରେଣୀରେ, ତା' ସ୍କୁଲରେ ଏପରିକି ତା' ରାଜ୍ୟରେ ପିଲାମାନଙ୍କର ବୌଦ୍ଧିକ ସ୍ତର କେଉଁ ଅବସ୍ଥାରେ ପହଞ୍ଚିଥିବ ?

କେବଳ ଏ.ଆଇ. ଟୁଲ୍ ମାଧ୍ୟମରେ ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜିବା ଯଥେଷ୍ଟ ନୁହେଁ, ବରଂ ସଂପୃକ୍ତ ଉତ୍ତର ଯାଏ ପହଞ୍ଚିବାର ପ୍ରକ୍ରିୟା ମସ୍ତିଷ୍କ ଜରିଆରେ ପ୍ରଭାବଶାଳୀ ହୋଇପାରେ । ଗଣିତର ପ୍ରଶ୍ନ ସମାଧାନ କରିବା ସମୟରେ ଫର୍ମ୍ୟୁଲାକୁ ବୁଝିବା ଜରୁରୀ ହୋଇଥାଏ । ଏପରିକି କୌଣସି ବିଷୟରେ ଲେଖିବା ସମୟରେ ମଧ୍ୟ ବିଚାରଗୁଡ଼ିକର କ୍ରମ ପ୍ରତି ଧ୍ୟାନରେ ରଖିବା ଜରୁରୀ ହୋଇଥାଏ । ଏମିତି ବି ଶିଖିବାର ସତତଃ ପ୍ରକ୍ରିୟା ଦ୍ୱାରା ହିଁ ମସ୍ତିଷ୍କର ବିକାଶ ହୋଇଥାଏ । ଯଦି ଶିକ୍ଷଣରେ ଏ.ଆଇ. ପ୍ରଭାବ ବିସ୍ତାର କରିବାରେ ଲାଗେ ତେବେ ମସ୍ତିଷ୍କର ବିକାଶ ମଧ୍ୟ ସ୍ୱାଭାବିକ ଭାବେ ସେହିପରି ହିଁ ହେବ । ମୌଳିକ ତଥ୍ୟ ହେଉଛି ଏ.ଆଇ. ଆଦୌ ଶିକ୍ଷକଙ୍କ ବିକଳ୍ପ ହୋଇପାରିବ ନାହିଁ । ଶିକ୍ଷକ କେବଳ ଜ୍ଞାତବ୍ୟ ତଥ୍ୟ ପ୍ରଦାନ କରନ୍ତି ନାହିଁ, ବରଂ ପିଲାମାନଙ୍କୁ ଆଚରଣ, ବ୍ୟବହାର, ଭାବନା ଓ ଜିଜ୍ଞାସାକୁ ମଧ୍ୟ ବୁଝାଇଥାଆନ୍ତି । କିନ୍ତୁ ଏ.ଆଇ. ସହିତ ଏକ ବଡ଼ ଚିନ୍ତା ମଧ୍ୟ ହେଉଛି ଛାତ୍ର ପ୍ରତ୍ୟେକ ଉତ୍ତର ଖୋଜିବା ଲାଗି ଚେଷ୍ଟା ନ କରି ଟେକ୍ନୋଲୋଜି ଉପରେ ନିର୍ଭର କରିବାକୁ ଉଦ୍ୟମ କରେ ।

ଏ.ଆଇ.ର ଭୁଲ୍ ତଥ୍ୟ ଉପରେ ଭରସା କରିବାର ବିପଦ ମଧ୍ୟ ରହିଛି । କୌଣସି ପ୍ରଶ୍ନର ଉତ୍ତର ଖୋଜିବା ଲାଗି ପିଲାମାନେ ଏ.ଆଇ.ର ସହାୟତା ତ ନେଇପାରନ୍ତି, କିନ୍ତୁ ଏ.ଆଇ. ଯେଉଁ ଉତ୍ତର ଦିଏ ତାହା ଠିକ୍ କି ନୁହେଁ ତାହା ପିଲାଟିଏ କେବେ ଅନୁଧ୍ୟାନ କରେ ନାହିଁ । ସିଏ ଭାବିନିଏ ମେସିନ କେବେ ଭୁଲ୍ ତଥ୍ୟ ଦେବନାହିଁ । ଏ ପ୍ରକାର ଧାରଣା ତାକୁ ଭୁଲ୍‌ବାଟରେ ନେଇଥାଏ । ପୁଣି ଶିକ୍ଷଣର ଏ ପ୍ରକ୍ରିୟା ତାହାର ବୌଦ୍ଧିକ କ୍ଷମତା ଉପରେ ଆଗରୁ ପରଳ ପକାଇଦେଇଥାଏ । ଏ.ଆଇ. ପିଲାଙ୍କର ହଜାରେ ପ୍ରଶ୍ନର ଉତ୍ତର ଦେଇପାରେ କିନ୍ତୁ ତାଙ୍କୁ ସ୍ୱପ୍ନ ଦେଖିବାକୁ ଶିଖାଇପାରେ ନାହିଁ । ତାହା ତଥ୍ୟ ଯୋଗାଇ ଦେଇପାରେ, କିନ୍ତୁ ବୁଝିବା ଶକ୍ତି ନୁହେଁ । ଏ.ଆଇ. ରାସ୍ତା ଦେଖାଇଥାଏ କିନ୍ତୁ ଲକ୍ଷ୍ୟ ତ ପିଲାଙ୍କୁ ନିଜେ ସ୍ଥିର କରିବାକୁ ହୋଇଥାଏ । ସବୁଠାରୁ ବଡ଼ ବିପଦ ହେଉଛି ଯେବେ ପିଲାମାନେ ଏ.ଆଇ. ଦ୍ୱାରା ଶିକ୍ଷାଲାଭ କରି ବଡ଼ ହେବେ ତେବେ ଏହାକୁ କିପରି ନିୟନ୍ତ୍ରିତ କରାଯିବ, ତାହା ଶିଖାଇବାକୁ ତାଙ୍କୁ କେହି ନଥିବେ । ଏ.ଆଇ. କହିଛି ମାନେ ତାହା ହିଁ ସତ୍ୟ, ଏ ପ୍ରକାର ଧାରଣା ଘାତକ ମଧ୍ୟ ହୋଇପାରେ । ଏ.ଆଇ.କୁ ପଚାରି ଔଷଧ ସେବନ କରିବାର କୁପରିଣାମ ଏବେ ସାମନାକୁ ଆସିଲାଣି ।

ଏ.ଆଇ.ର ଉପଯୋଗ ଏକପ୍ରକାରେ ଠିକ୍ ଲାଗିପାରେ, କିନ୍ତୁ ତାହା ମହତ୍ତ୍ୱପୂର୍ଣ୍ଣ ନୁହେଁ । ଏ.ଆଇ. ମନୁଷ୍ୟ ନୁହେଁ । ❐❐

କଲ୍ୟାଣ ପାଇଁ ସମର୍ପିତ

ଜୀବ ଜଗତ ଜଡ ଜଗତ ଓ ବିଧାତାଙ୍କ ରଚିତ ଉପଭୋଗ୍ୟମୟ ପରିବେଶକୁ ନେଇ ତ ଆମର ଏହି ବିଶାଳ ସୃଷ୍ଟି । କର୍ମପ୍ରବଣ କିମ୍ବା ସକ୍ରିୟ ଆଚରଣ ପ୍ରଦର୍ଶନ କରୁଥିବା ଗୋଷ୍ଠୀକୁ ଜୀବ ତଥା କର୍ମହୀନ ବା ନିଷ୍ଫ୍ରିୟ ଗୋଷ୍ଠୀକୁ ଜଡ କୁହାଯାଇଥାଏ ଜୀବ ଜଗତ ଜଡ ଜଗତ ଓ ବିଧାତାଙ୍କ ରଚିତ ଉପଭୋଗ୍ୟମୟ ପରିବେଶକୁ ନେଇ ତ ଆମର ଏହି ବିଶାଳ ସୃଷ୍ଟି ।

କେତେକ କର୍ମ ନିର୍ଦ୍ଦିଷ୍ଟ ନୀତି ନିୟମ ଭିତ୍ତିରେ ପରିଚାଳିତ ହୋଇ ଶୃଙ୍ଖଳିତ ଉପାୟରେ ମାନ ଓ ମହତ ବୃଦ୍ଧି କରେ ଯେଉଁଥିପାଇଁ କର୍ମୀ ସମ୍ମାନିତ ତଥା ପ୍ରଶଂସିତ ହୋଇଥାଏ । ପରିସ୍ଥିତି ଅନୁକୂଳ ଥାଇ ମଧ୍ୟ ପ୍ରତିକୂଳ ପ୍ରଭାବ ଯୋଗୁ କର୍ମ ମର୍ଯ୍ୟାଦାହୀନ ନୀତିହୀନ ତଥା ବିଶୃଙ୍ଖଳିତ ହୋଇଯାଏ । ପିଲାବେଳେ ଆମର ପ୍ରତ୍ୟେକଟି କର୍ମ ଆମ ନିୟନ୍ତ୍ରଣ ବାହାରେ ଥାଏ । ଏହାର ମାନେ ହେଉଛି କଣ କରିବା ଉଚିତ କଣ କରିବା ଅନୁଚିତ ତାହା ଜାଣି ପାରୁ ନ ଥାଉ । କାରଣ ସେତେବେଳ ଆମର ଚିନ୍ତା ଓ ଚେତନା ବିକଶିତ ହୋଇ ନ ଥାଏ । ସେତେବେଳେ ଯାହାବି ଆମେ କରିଥାଉ ତାହା ପାପ ପୁଣ୍ୟର ତରାଜୁରେ ମାପ କରାଯାଇ ନ ଥାଏ । ଯେ କୌଣସି ବ୍ୟକ୍ତିର କର୍ମଫଳ ତାର ପାପ ଏବଂ ପୁଣ୍ୟର ମାପ କାଠି ହିଁ ହୋଇଥାଏ । ଯେଉଁ ଆଚରଣଗତ କାର୍ଯ୍ୟକଳାପ ଜଣଙ୍କ ପାଇଁ କିମ୍ବା ସାମୁହିକ ଭାବେ ସୁଖଶାନ୍ତି ଓ କଲ୍ୟାଣ ଉଦ୍ଦେଶ୍ୟରେ ସମର୍ପିତ ତାହା ହିଁ ପୁଣ୍ୟ କର୍ମର ପରିଚାୟକ ।

ଜୀବନ କାଳ ମଧ୍ୟରେ କିଏ କେତେ ପୁଣ୍ୟ କିମ୍ବା ପାପ କରିଛି ତାର ହିସାବ କିଏ ବା ରଖିଛି ? ହୋଇପାରେ ଜଣେ ପୂଣ୍ୟବାନ ବ୍ୟକ୍ତି କିଞ୍ଚିତ ପାପ କରିପାରେ ଅଥବା ଜଣେ ପାପୀ କିଞ୍ଚିତ ପୁଣ୍ୟ କରିପାରେ ।

ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ନିର୍ଦ୍ଦିଷ୍ଟ ଆଚରଣ ମାଧ୍ୟମରେ କେତେବେଳେ ସ୍ୱାଭାବିକ ତ ଆଉ କେତେବେଳେ ଅସ୍ୱାଭାବିକ ଶୈଳୀରେ ପ୍ରଦର୍ଶିତ ହୋଇଥାଏ । ସ୍ୱାଭାବିକ ବା ସକାରାତ୍ମକ ଗୁଣକୁ ସୁଗୁଣ ଏବଂ ନକାରାତ୍ମକ ଗୁଣକୁ ଦୁର୍ଗୁଣ କୁହାଯାଏ । ସରଳତା, ନିଷ୍କପଟତା, ସହନଶୀଳତା, ପରଶ୍ରୀକାତରତା, ଦୟା ଓ କ୍ଷମା ଭଳି ଗୁଣଗୁଡିକ ସୁଗୁଣ ନାମରେ ନାମିତ । ଏହିସବୁ ଗୁଣଗୁଡିକର ସଠିକ ବିନିଯୋଗ ହିଁ ପ୍ରକୃତ ପୁରୁଷପଣିଆ ।

ଗୋବିନ୍ଦ ଚନ୍ଦ୍ର ପତି
ନୂଆବଜାର, କଟକ

ନିର୍ବାଚନକୁ ନେଇ କୋଟିଆରେ ମୁହାଁମୁହିଁ ସ୍ଥିତି

ସୌଭାଗ୍ୟ ରଞ୍ଜନ ମହାନ୍ତି

ଦୁଇ ରାଜ୍ୟର ପୁଲିସ ବାହିନୀର ଉପସ୍ଥିତି, ପ୍ରଶାସନିକ ତତ୍ପରତା ଓ ରାଜନୈତିକ ଉତ୍ତେଜନା ମଧ୍ୟରେ ପ୍ରଶ୍ନ—କୋଟିଆର ଲୋକଙ୍କ ଭବିଷ୍ୟତ କାହା ହାତରେ ?

କୋଟିଆ ଆଜି କେବଳ କୋରାପୁଟ ଜିଲ୍ଲାର ଏକ ସୀମାନ୍ତ ଅଞ୍ଚଳ ନୁହେଁ, ଏହା ଓଡ଼ିଶାର ଭୌଗୋଳିକ ଅଖଣ୍ଡତା, ପ୍ରଶାସନିକ ଦାୟିତ୍ୱ, ରାଜନୈତିକ ଦୂରଦର୍ଶିତା ଓ ଆଦିବାସୀ ଜନଜୀବନର ସମ୍ମାନ ସହିତ ଜଡ଼ିତ ଏକ ଗମ୍ଭୀର ପ୍ରସଙ୍ଗ । ନଭେମ୍ବର ୫ ତାରିଖରେ ବିବାଦୀୟ କୋଟିଆ ଅଞ୍ଚଳକୁ ନେଇ ଆନ୍ଧ୍ରପ୍ରଦେଶର ନିର୍ବାଚନୀ କାର୍ଯ୍ୟକ୍ରମ ଏବେ ଦୁଇ ରାଜ୍ୟ ମଧ୍ୟରେ ନୂଆ ଉତ୍ତେଜନା ସୃଷ୍ଟି କରିଛି । ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ପୁଲିସ ବାହିନୀର ଉପସ୍ଥିତି, ସୀମାନ୍ତରେ ଯାନବାହନ ଯାଞ୍ଚ, ପ୍ରଶାସନିକ ନିରୀକ୍ଷଣ ଏବଂ ନିର୍ବାଚନୀ କାର୍ଯ୍ୟକଳାପକୁ ନେଇ ଦେଖାଦେଇଥିବା ଉତ୍ତେଜନା ଏହି ପ୍ରସଙ୍ଗକୁ ଅଧିକ ସମ୍ବେଦନଶୀଳ କରିଛି । ନଭେମ୍ବର ୨ ତାରିଖରେ ଆନ୍ଧ୍ରପ୍ରଦେଶରୁ ଚାଉଳ ନେଇ ଆସୁଥିବା ଏକ ଟ୍ରକ୍‌କୁ ନେରିଡିବାଲସା ଯାଞ୍ଚ କେନ୍ଦ୍ର ନିକଟରେ ଅଟକାଯିବା ପରେ ପୁଲିସ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ବାକ୍‌ବିତଣ୍ଡା ହୋଇଥିବା ଖବର ସାମ୍ନାକୁ ଆସିଛି । ଏହା କେବଳ ଏକ ଟ୍ରକ୍‌କୁ ନେଇ ବିବାଦ ନୁହେଁ; ଏହା ପଛରେ ରହିଛି ଦୀର୍ଘ ଦଶନ୍ଧି ଧରି ଅନିର୍ଣ୍ଣୀତ ରହିଥିବା ସୀମା ବିବାଦର ଜଟିଳତା ।

ପ୍ରଶ୍ନ ହେଉଛି, ଏକ ଗଣତାନ୍ତ୍ରିକ ଦେଶରେ ଦୁଇ ପଡ଼ୋଶୀ ରାଜ୍ୟର ପ୍ରଶାସନ ଓ ପୁଲିସ ବାହିନୀ ଏପରି ଏକ ପରିସ୍ଥିତିରେ ପହଞ୍ଚିବା ଉଚିତ କି ? ଏହାର ଉତ୍ତର ହେଉଛି- ସୀମାର ସୁରକ୍ଷା ଆବଶ୍ୟକ, କିନ୍ତୁ ଶାନ୍ତିର ସୁରକ୍ଷା ମଧ୍ୟ ସମାନ ଭାବରେ ଆବଶ୍ୟକ । ଓଡ଼ିଶା ନିଜର ପ୍ରଶାସନିକ ଅଧିକାର ଓ ଆଇନଗତ ଦାବିକୁ ଦୃଢ଼ ଭାବରେ ଉପସ୍ଥାପନ କରିବା ଦରକାର, କିନ୍ତୁ ଏହି ପ୍ରକ୍ରିୟାରେ ସାଧାରଣ ଆଦିବାସୀ ଲୋକଙ୍କ ଜୀବନ, ଜୀବିକା ଓ ସ୍ୱାଧୀନତା ଯେପରି ପ୍ରଭାବିତ ନହୁଏ, ତାହା ମଧ୍ୟ ନିଶ୍ଚିତ କରିବାକୁ ହେବ । କୋଟିଆର ବିବାଦ ଆଜିର ନୁହେଁ । ଦୀର୍ଘ ବର୍ଷ ଧରି ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଏହି ଅଞ୍ଚଳର କିଛି ଗ୍ରାମକୁ ନେଇ ପ୍ରଶାସନିକ ଓ ଭୌଗୋଳିକ ଦାବି ଚାଲିଆସୁଛି । କୋଟିଆ ପଞ୍ଚାୟତର ୨୮ଟି ଗ୍ରାମ ମଧ୍ୟରୁ ୨୧ଟି ଗ୍ରାମକୁ ନେଇ ବିବାଦ ରହିଛି ଏବଂ ଏହି ମାମଲା ୧୯୬୮ ମସିହାରୁ ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବା ରିପୋର୍ଟରୁ ଜଣାପଡ଼ିଛି । ଏତେ ଦୀର୍ଘ ସମୟ ଧରି ଏହି ପ୍ରସଙ୍ଗର ସ୍ଥାୟୀ ସମାଧାନ ନହେବା ଆମ ପ୍ରଶାସନିକ ବ୍ୟବସ୍ଥା ପାଇଁ ଏକ ଗମ୍ଭୀର ଆତ୍ମସମୀକ୍ଷାର ବିଷୟ । ପ୍ରତିଥର ନିର୍ବାଚନ ଆସିଲେ କୋଟିଆ ଚର୍ଚ୍ଚାର କେନ୍ଦ୍ରକୁ ଆସେ, ଦୁଇ ରାଜ୍ୟର ଅଧିକାରୀଙ୍କ ଗତିବିଧି ବଢ଼େ, ରାଜନୈତିକ ନେତାଙ୍କ ଗସ୍ତ ଆରମ୍ଭ ହୁଏ ଏବଂ ସୀମାନ୍ତରେ ଉତ୍ତେଜନା ବଢ଼ିଯାଏ । କିନ୍ତୁ ନିର୍ବାଚନ ସରିଗଲେ ଏହି ଅଞ୍ଚଳର ସାଧାରଣ ଲୋକଙ୍କ ମୌଳିକ ସମସ୍ୟା ପୁଣି ଆଲୋଚନାର ଆତୁଆଳକୁ ଚାଲିଯାଏ । ଏହା ହିଁ ସବୁଠାରୁ ବଡ଼ ଦୁର୍ଭାଗ୍ୟ । ଏବେ ଆନ୍ଧ୍ରପ୍ରଦେଶ ନଭେମ୍ବର ୫ ତାରିଖରେ ମଣ୍ଡଳ ପରିଷଦ ଓ ଜିଲ୍ଲା ପରିଷଦ ନିର୍ବାଚନ କରିବାକୁ ସମୟ ନିର୍ଦ୍ଧାରଣ କରିଛି । ପୂର୍ବରୁ ନଭେମ୍ବର ୩ ତାରିଖରେ ମତଦାନ ହେବାକୁ ଥିବାବେଳେ ନିର୍ବାଚନୀ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇ ନଭେମ୍ବର ୫ ତାରିଖକୁ ଧାର୍ଯ୍ୟ କରାଯାଇଛି । ନଭେମ୍ବର ୭ ତାରିଖରେ ଭୋଟ୍ ଗଣତି ହେବାର କାର୍ଯ୍ୟସୂଚୀ ରହିଛି । ଏହି ନିର୍ବାଚନୀ ପଦକ୍ଷେପକୁ ଓଡ଼ିଶା ପକ୍ଷରୁ ଦୃଢ଼ ଆପତ୍ତି କରାଯାଇଛି । ରାଜ୍ୟ ସରକାର ଆଇନଗତ ପଦକ୍ଷେପ ନେଇଥିବା ସହ ସୀମାନ୍ତରେ ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡ଼ାକଡ଼ି କରିଛନ୍ତି । ନେରିଡିବାଲସା, ହରମାଡିଙ୍ଗି ଛକ ଓ ତୋଲୋ ସେମ୍ବି ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପୁଲିସ ମୁତୟନ କରାଯାଇଛି । ଏହା ସହିତ ତିନୋଟି ପ୍ରମୁଖ ସ୍ଥାନରେ ପୁଲିସ ଯାଞ୍ଚ କେନ୍ଦ୍ର ସ୍ଥାପନ କରାଯାଇଛି ।

ଅକ୍ଟୋବର ୨୯ ତାରିଖରେ ଜିଲ୍ଲା ପ୍ରଶାସନ ଡାକିଥିବା ସର୍ବଦଳୀୟ ବୈଠକରେ ବିଜେପି, ବିଜେଡି ଓ କଂଗ୍ରେସର ପ୍ରତିନିଧିମାନେ କୋଟିଆର ସ୍ୱାର୍ଥ ରକ୍ଷା ପାଇଁ ଏକାଠି ହେବାର ସଂକଳ୍ପ ନେଇଥିବା ଖବର ଗୁରୁତ୍ୱପୂର୍ଣ୍ଣ । ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ନିଷେଧାଦେଶ ଉଲ୍ଲଂଘନ ଓ ନିର୍ବାଚନୀ କାର୍ଯ୍ୟକଳାପରେ ଅନଧିକୃତ ହସ୍ତକ୍ଷେପ ବିରୋଧରେ ଆଇନାନୁଗ ପଦକ୍ଷେପ ନେବାର ସତର୍କବାଣୀ ଦେଇଛନ୍ତି । ନଭେମ୍ବର ୧ ତାରିଖରୁ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ୧୬୩ ଧାରା ଅନୁଯାୟୀ ନିଷେଧାଦେଶ ଲାଗୁ କରିବାର ନିଷ୍ପତ୍ତି ମଧ୍ୟ ନିଆଯାଇଥିବା ଖବର ପ୍ରକାଶ ପାଇଛି ।

ଏଠାରେ ରାଜ୍ୟ ସରକାରଙ୍କ ଦାୟିତ୍ୱ କେବଳ ପୁଲିସ ମୁତୟନ କରିବାରେ ସୀମିତ ରହିବା ଉଚିତ ନୁହେଁ । ଆଇନଗତ ଭାବରେ ଓଡ଼ିଶାର ପକ୍ଷକୁ ଦୃଢ଼ କରିବା, ନ୍ୟାୟାଳୟରେ ଆବଶ୍ୟକ ତଥ୍ୟ ଓ ପ୍ରମାଣ ଉପସ୍ଥାପନ କରିବା, ସୀମାନ୍ତ ଗ୍ରାମଗୁଡ଼ିକରେ ପ୍ରଶାସନିକ ଉପସ୍ଥିତି ବଢ଼ାଇବା ଏବଂ ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଜିତିବା ହେଉଛି ପ୍ରକୃତ ଆହ୍ୱାନ । କୋଟିଆର ଲୋକଙ୍କୁ ନିୟମିତ ଭାବରେ ଉନ୍ନତ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତା, ବିଦ୍ୟୁତ୍, ଯୋଗାଯୋଗ, କୃଷି ସହାୟତା ଓ ଜୀବିକାର ସୁଯୋଗ ଯୋଗାଇବାକୁ ହେବ । ଏହି ଅଞ୍ଚଳର ଲୋକମାନେ ଦୁଇ ରାଜ୍ୟର ପ୍ରଶାସନିକ ଦାବି ମଧ୍ୟରେ ନିଜର ଦୈନନ୍ଦିନ ଜୀବନକୁ ଅନିଶ୍ଚିତତାରେ ବିତାଇବା ଉଚିତ ନୁହେଁ । ସେମାନଙ୍କ ପାଇଁ ରାଜ୍ୟର ପରିଚୟ ଯେତିକି ଗୁରୁତ୍ୱପୂର୍ଣ୍ଣ, ସେତିକି ଗୁରୁତ୍ୱପୂର୍ଣ୍ଣ ହେଉଛି ନିଜ ପିଲାଙ୍କ ଶିକ୍ଷା, ରୋଗୀଙ୍କ ଚିକିତ୍ସା, ଚାଷୀଙ୍କ ଉତ୍ପାଦର ଉଚିତ ମୂଲ୍ୟ ଓ ପରିବାରର ଆର୍ଥିକ ସୁରକ୍ଷା । ତେଣୁ ଓଡ଼ିଶା ସରକାରଙ୍କୁ କୋଟିଆ ପାଇଁ ଏକ ସ୍ୱତନ୍ତ୍ର ଦୀର୍ଘକାଳୀନ ବିକାଶ ଯୋଜନା ଗ୍ରହଣ କରିବା ଆବଶ୍ୟକ । ପ୍ରତ୍ୟେକ ଗ୍ରାମର ସମସ୍ୟା ଚିହ୍ନଟ କରି ଗ୍ରାମଭିତ୍ତିକ କାର୍ଯ୍ୟଯୋଜନା ପ୍ରସ୍ତୁତ ହେଉ ।

ଯେଉଁ ଗ୍ରାମରେ ବିଦ୍ୟାଳୟ ନାହିଁ, ସେଠାରେ ଶିକ୍ଷାର ବ୍ୟବସ୍ଥା ହେଉ; ଯେଉଁଠାରେ ରାସ୍ତା ନାହିଁ, ସେଠାରେ ସଂଯୋଗ ବ୍ୟବସ୍ଥା ହେଉ; ଯେଉଁଠାରେ ସ୍ୱାସ୍ଥ୍ୟ ସେବା ଅପହଞ୍ଚ, ସେଠାରେ ନିୟମିତ ଚିକିତ୍ସା ଶିବିର ଓ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ୟବସ୍ଥା ହେଉ । ଆଦିବାସୀଙ୍କ ଜମି, ଜଙ୍ଗଲ, ଜଳ ଓ ସଂସ୍କୃତିର ସୁରକ୍ଷା ମଧ୍ୟ ସମାନ ଗୁରୁତ୍ୱ ପାଉ । ଅନ୍ୟ ରାଜ୍ୟର କୌଣସି ଅଧିକାରୀ ଯଦି ଏହି ଅଞ୍ଚଳରେ ନିଜର ପ୍ରଶାସନିକ ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କରନ୍ତି, ତେବେ ତାହାର ମୁକାବିଲା ଆଇନ ଓ ସମ୍ବିଧାନର ସୀମା ମଧ୍ୟରେ ହେବା ଦରକାର । ପୁଲିସ ବାହିନୀର ମଧ୍ୟରେ ସଂଘର୍ଷ କିମ୍ବା ଉତ୍ତେଜନା ବଢ଼ିଲେ ତାହାର ସର୍ବାଧିକ କୁପ୍ରଭାବ ସାଧାରଣ ଗ୍ରାମବାସୀଙ୍କ ଉପରେ ପଡ଼ିବ । ତେଣୁ ଦୁଇ ରାଜ୍ୟର ପୁଲିସ ଓ ପ୍ରଶାସନ ମଧ୍ୟରେ ସ୍ପଷ୍ଟ ସମନ୍ୱୟ, ଯୋଗାଯୋଗ ଓ ଶାନ୍ତି ରକ୍ଷାର ବ୍ୟବସ୍ଥା ରହିବା ଆବଶ୍ୟକ । କୋଟିଆର ଲୋକଙ୍କୁ ଭୟଭୀତ କରିବା, ଚାପ ପ୍ରୟୋଗ କରିବା କିମ୍ବା ସେମାନଙ୍କ ମତଦାନ ଅଧିକାରକୁ ନେଇ ଅନିଶ୍ଚିତତା ସୃଷ୍ଟି କରିବା କୌଣସି ପକ୍ଷ ପାଇଁ ଉଚିତ ନୁହେଁ । ଏହି ଅଞ୍ଚଳର ସାଧାରଣ ଲୋକଙ୍କୁ ରାଜନୈତିକ ଲଢ଼େଇର ଉପକରଣ କରାଯିବା ଉଚିତ ନୁହେଁ । ଗଣତନ୍ତ୍ରରେ ଲୋକଙ୍କ ମତାମତ ଓ ମର୍ଯ୍ୟାଦା ସର୍ବୋଚ୍ଚ । ଏହି ପ୍ରସଙ୍ଗରେ ଆଉ ଏକ ଗମ୍ଭୀର ଦିଗ ହେଉଛି ଦୁଇ ରାଜ୍ୟର ରାଜନୈତିକ ନେତୃତ୍ୱ । ଓଡ଼ିଶାରେ ଶାସକ ଓ ବିରୋଧୀ ଦଳମାନେ କୋଟିଆ ପ୍ରସଙ୍ଗରେ ଏକାଠି ହୋଇଥିବା ଏକ ସକାରାତ୍ମକ ସଙ୍କେତ । କିନ୍ତୁ ଏହି ଏକତା କେବଳ ବୈଠକ କିମ୍ବା ଗଣମାଧ୍ୟମର ବକ୍ତବ୍ୟରେ ସୀମିତ ରହିବା ଉଚିତ ନୁହେଁ । ଏହା ଏକ ସ୍ଥାୟୀ ସର୍ବଦଳୀୟ ନୀତିରେ ପରିଣତ ହେବା ଦରକାର । ରାଜ୍ୟର ସୀମା ଓ ଜନସ୍ୱାର୍ଥ ଭଳି ପ୍ରସଙ୍ଗରେ ଦଳୀୟ ରାଜନୀତିକୁ ପଛରେ ରଖିବା ହେଉଛି ପରିପକ୍ୱ ଗଣତନ୍ତ୍ରର ପରିଚୟ ।

ରାଜନୈତିକ ଦଳମାନେ ପରସ୍ପରକୁ ଦୋଷାରୋପ କରିବା ପରିବର୍ତ୍ତେ କୋଟିଆର ବିକାଶ ଓ ଆଇନଗତ ସମାଧାନ ପାଇଁ ଏକ ସାଧାରଣ କାର୍ଯ୍ୟଯୋଜନା ଗ୍ରହଣ କରନ୍ତୁ । ସେହିପରି ଆନ୍ଧ୍ରପ୍ରଦେଶ ସରକାରଙ୍କୁ ମଧ୍ୟ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ସଂଯମ ଓ ଆଇନଗତ ପ୍ରକ୍ରିୟା ପ୍ରତି ସମ୍ମାନ ଦେଖାଇବା ଆବଶ୍ୟକ । ନ୍ୟାୟାଳୟରେ ବିଚାରାଧୀନ ଥିବା ବିବାଦକୁ ନିର୍ବାଚନୀ କାର୍ଯ୍ୟକଳାପ ମାଧ୍ୟମରେ ଆହୁରି ଜଟିଳ କରିବା କୌଣସି ରାଜ୍ୟର ଦୀର୍ଘକାଳୀନ ସ୍ୱାର୍ଥରେ ନୁହେଁ । ଆଲୋଚନା, ଆଇନ ଓ ପରସ୍ପର ସମ୍ମାନ ହିଁ ଏହାର ସମାଧାନର ମାର୍ଗ । ଓଡ଼ିଶା ସରକାର ମଧ୍ୟ ନିଜର ଦାବିକୁ ଭାବପ୍ରବଣ ସ୍ଲୋଗାନରେ ନୁହେଁ, ଦୃଢ଼ ଆଇନଗତ ତଥ୍ୟ, ଐତିହାସିକ ଦଲିଲ ଓ ପ୍ରଶାସନିକ ପ୍ରମାଣ ଆଧାରରେ ଉପସ୍ଥାପନ କରିବା ଦରକାର । ସୀମାର ସୁରକ୍ଷା କେବଳ ପୁଲିସର ଦାୟିତ୍ୱ ନୁହେଁ; ଏହା ନ୍ୟାୟ, ବିକାଶ, ଲୋକଙ୍କ ବିଶ୍ୱାସ ଓ ସୁଶାସନର ମିଳିତ ପରିଣାମ । ଯେଉଁ ଅଞ୍ଚଳର ଲୋକ ନିଜ ରାଜ୍ୟର ପ୍ରଶାସନ ଉପରେ ଆସ୍ଥା ରଖନ



ଜାତୀୟ ଜଳପଥ-୫ ପ୍ରକଳ୍ପ ୧୨ବର୍ଷ ହେଲା ସମୀକ୍ଷାରେ ସୀମିତ

ତାଳଚେରରୁ ପାରାଦୀପ ଓ ଧାମରା ଦେଇ ପଶ୍ଚିମବଙ୍ଗକୁ ଯୋଡ଼ିବ ୫୮୮ କିମି ଜଳପଥ

ଭୁବନେଶ୍ୱର: ରାଜ୍ୟରେ ଅନ୍ତର୍ଦେଶୀୟ ଜଳପଥ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଶିଳ୍ପ ଓ ବାଣିଜ୍ୟିକ ବିକାଶକୁ ନୂଆଦିଗ ଦେବା ଲକ୍ଷ୍ୟରେ ଜାତୀୟ ଜଳପଥ-୫ (ଏନ୍‌ଡବ୍ଲ୍ୟୁ-୫)ର ବିକାଶ ନେଇ ପ୍ରତିବର୍ଷ କେବଳ ସମୀକ୍ଷା ହେଉଛି। ୧୨ବର୍ଷ ହେଲା ଏହି ପ୍ରକଳ୍ପ କାର୍ଯ୍ୟକାରୀ ନେଇ ସମୀକ୍ଷା ହେଉଥିବା ବେଳେ ପ୍ରକଳ୍ପର କାର୍ଯ୍ୟରେ କେ ?ଣସି ଅଗ୍ରଗତି ହେଉନାହିଁ। ଆଜି ମଧ୍ୟ ଏ ସଂକ୍ରାନ୍ତରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟର ସଚିବ ବିଜୟ କୁମାରଙ୍କ ଉପସ୍ଥିତିରେ ଏହି ବୈଠକରେ ଶିଳ୍ପ ପ୍ରତିନିଧି ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ପ୍ରସ୍ତାବିତ ଜାତୀୟ ଜଳପଥ-୫ର ମୋଟ



ଦୈର୍ଘ୍ୟ ପ୍ରାୟ ୫୮୮ କିଲୋମିଟର। ଏହାର ପ୍ରଥମ ଭାଗ ନଦୀପଥରେ ତାଳଚେରରୁ ପାରାଦୀପ ଓ ଧାମରା ପର୍ଯ୍ୟନ୍ତ ୀୀୀ୨ କିଲୋମିଟର ଲମ୍ବା ହୋଇଥିବା ବେଳେ ଏହା ସମ୍ପୂର୍ଣ୍ଣ ଓଡ଼ିଶା ମଧ୍ୟରେ ରହିଛି। ଦ୍ୱିତୀୟ ଭାଗ କେନାଲ ସେକ୍ସନ୍? ଧାମରାରୁ ପଶ୍ଚିମବଙ୍ଗର ଜିଓନଖାଲି ପର୍ଯ୍ୟନ୍ତ ୨୫୬ କିଲୋମିଟର ପରିବ୍ୟାପ୍ତ। ଏହି ଜଳପଥର ବିକାଶ ଦ୍ୱାରା ରାଜ୍ୟର ଖଣିଜ ସମ୍ପଦ ଓ ଶିଳ୍ପାଞ୍ଚଳକୁ ଜଳପଥ ମାଧ୍ୟମରେ ବନ୍ଦର ସହ ଯୋଡ଼ିବା ସମ୍ଭବ ହେବ। ଏହା ଦ୍ୱାରା ବନ୍ଦରଭିତ୍ତିକ ଶିଳ୍ପ ବିକାଶକୁ ମଧ୍ୟ ଗତି ମିଳିବ। ବର୍ତ୍ତମାନ ଏହି ପ୍ରକଳ୍ପ ଅନୁମୋଦନ ପର୍ଯ୍ୟାୟରେ ରହିଛି ବୋଲି କୁହାଯାଉଛି। ଅଥଚ ୨୦୧୪-୧୫ ମସିହାରେ ୪୩୮୦କୋଟି ଟଙ୍କାର ପ୍ରକଳ୍ପ କାମ ଯାଜପୁର ଜିଲ୍ଲାର ବରୀ ବ୍ଲକ୍?ର ତନ୍ତୀଘାଇ ନଦୀରେ ଆରମ୍ଭ ହୋଇ ଅଟକିଯାଇଛି।

ଗତବର୍ଷ ଏହାର ବଜେଟ୍ ୧୨ହଜାର କୋଟିକୁ ବୃଦ୍ଧି ପାଇଥିଲା ବୋଲି ରାଜ୍ୟସ୍ତରୀୟ ସମୀକ୍ଷାରେ ଘୋଷଣା କରାଯାଇଥିଲା।

ଆଜିର ବୈଠକରେ ଭାରତୀୟ ଅନ୍ତର୍ଦେଶୀୟ ଜଳପଥ କର୍ତ୍ତୃପକ୍ଷ (ଆଇଡବ୍ଲ୍ୟୁଏଆଇ) ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ସମନ୍ୱୟ ଆବଶ୍ୟକ କରୁଥିବା ବିଭିନ୍ନ ବକେୟା ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଓ ପରିଚାଳନାରେ ରାଜ୍ୟ ସରକାରଙ୍କ ଭାଗୀଦାର, ନିର୍ମିତ ସମ୍ପତ୍ତିର ରକ୍ଷଣାବେକ୍ଷଣ, ଜମି ଅଧିଗ୍ରହଣ, ଟର୍ମିନାଲ ଓ ଜଳପଥ ସଂରଚନା ପାଇଁ ଜମି ହସ୍ତାନ୍ତର ଆଦି ପ୍ରସଙ୍ଗ ଗୁରୁତ୍ୱ ପାଇଥିଲା। ଜଳପଥରେ ନୌଯାନ ଚଳାଚଳ ପାଇଁ ଆବଶ୍ୟକ ସର୍ବନିମ୍ନ ଜଳଗଭୀରତା (ଏଲ୍‌ଏଡି) ବଜାୟ ରଖିବାକୁ ଜଳଯୋଗାଣ, ଖଲପାଲ ନାଭିଗେସନ୍ ଲକ୍?ର ବିକାଶ, ଆଇନଗତ ଅନୁମତି, ସେତୁ ନିର୍ମାଣ ଓ ଭଙ୍ଗାଯିବା, ଶେଷ ପର୍ଯ୍ୟାୟ ସଡ଼କ ସଂଯୋଗ ଏବଂ ଉଚ୍ଚ ଓ ନିମ୍ନ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ଲାଇନ୍ ସ୍ଥାନାନ୍ତର ଭଳି ପ୍ରସଙ୍ଗ ମଧ୍ୟ ଆଲୋଚନା ହୋଇଥିଲା। ଏହା ସହିତ ବାହୁଦା ବନ୍ଦର, କେନ୍ଦ୍ରାପଡ଼ା ଜିଲ୍ଲାରେ ଜାହାଜ ନିର୍ମାଣ କ୍ଲଷ୍ଟର ଏବଂ ପୁରୀରେ କ୍ରୁଜ୍ ଟର୍ମିନାଲ ଭଳି ଆଗାମୀ ପ୍ରକଳ୍ପଗୁଡ଼ିକ ଉପରେ ମଧ୍ୟ ଆଲୋଚନା ହୋଇଥିଲା।

କଳାହାଣ୍ଡି ମେଡିକାଲ କଲେଜରେ ସ୍ୱାସ୍ଥ୍ୟସେବାର ଦୟନୀୟ ଚିତ୍ର

ଡାକ୍ତର, ନର୍ସ ଓ କର୍ମଚାରୀ ଅଭାବରେ ହଜାର ହଜାର ରୋଗୀ ହନ୍ତସନ୍ତ

କଳାହାଣ୍ଡି, (ପିପିଏସ୍): କଳାହାଣ୍ଡି ଜିଲ୍ଲାର ଲକ୍ଷ ଲକ୍ଷ ଲୋକଙ୍କ ଉନ୍ନତ ଚିକିତ୍ସାସେବାର ଆଶା ନେଇ ସ୍ଥାପିତ ଭବାନୀପାଟଣାସ୍ଥିତ ସହିଦ ରେଣ୍ଡୋ ମାଝୀ ସରକାରୀ ମେଡିକାଲ କଲେଜ ଓ ଡାକ୍ତରଖାନାରେ ମାନବ ସମ୍ବଳ ଅଭାବ ଏବେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଡାକ୍ତର, ବିଶେଷଜ୍ଞ, ନର୍ସ, ଔଷଧ ବିଭାଗର କର୍ମଚାରୀ ଓ ବିଭିନ୍ନ ବୈଷୟିକ କର୍ମଚାରୀଙ୍କ ପଦବୀ ଖାଲି ପଡ଼ିଥିବାବେଳେ ହଜାର ହଜାର ରୋଗୀଙ୍କୁ ଅନ୍ୟ ଡାକ୍ତରଖାନାକୁ ପଠାଯାଉଥିବା ତଥ୍ୟ ବିଧାନସଭାରେ ଉପସ୍ଥାପିତ ହୋଇଛି। ଏହା କେବଳ ଏକ ସଂଖ୍ୟାଗତ ତଥ୍ୟ ନୁହେଁ, ବରଂ ଜିଲ୍ଲାର ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟସେବାର ବାସ୍ତବ ସ୍ଥିତିକୁ ନେଇ ଅନେକ ପ୍ରଶ୍ନ ଉଠାଇଛି। ୨୦୨୬ ସେପ୍ଟେମ୍ବର ୨୮ ତାରିଖରେ ବିଧାନସଭାରେ ପ୍ରଶ୍ନ ସଂଖ୍ୟା ୟୁଡିଏକ୍ୟୁ-୧୭୨୪ ମାଧ୍ୟମରେ ଭବାନୀପାଟଣା ବିଧାୟକ ଶ୍ରୀ ସାଗର ଚରଣ ଦାସ ସହିଦ ରେଣ୍ଡୋ ମାଝୀ ସରକାରୀ ମେଡିକାଲ କଲେଜ ଓ ଡାକ୍ତରଖାନାରେ ଡାକ୍ତର, ବିଶେଷଜ୍ଞ, ଅଧ୍ୟାପକ, ନର୍ସ, ଔଷଧ ବିଭାଗର କର୍ମଚାରୀ, ବୈଷୟିକ କର୍ମଚାରୀ ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ମଞ୍ଜୁରୀପ୍ରାପ୍ତ ପଦବୀ, କାର୍ଯ୍ୟରତ କର୍ମଚାରୀ ଏବଂ ଖାଲି ପଦବୀ ସମ୍ପର୍କରେ ସରକାରଙ୍କୁ ପ୍ରଶ୍ନ କରିଥିଲେ।

ଏହା ସହିତ ଡାକ୍ତରଖାନାରେ ଶଯ୍ୟା ସଂଖ୍ୟା, ରୋଗୀଙ୍କ ଚାପ, ଶଯ୍ୟା ଅଭାବରୁ ବାରଣ୍ଡା କିମ୍ବା ଅନ୍ୟ ଅନିର୍ଦ୍ଦିଷ୍ଟ ସ୍ଥାନରେ ରୋଗୀଙ୍କୁ ଚିକିତ୍ସା କରିବାର ସ୍ଥିତି, ବିଶେଷଜ୍ଞ ଡାକ୍ତରଙ୍କ ଉପଲବ୍ଧତା ଏବଂ ରୋଗୀଙ୍କୁ କଳାହାଣ୍ଡି ବାହାରକୁ ପଠାଇବାର କାରଣ ସମ୍ପର୍କରେ ମଧ୍ୟ ସ୍ପଷ୍ଟୀକରଣ ମାଗିଥିଲେ। ଏହାର ଉତ୍ତରରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ବିଭାଗୀୟ ତଥ୍ୟ ପ୍ରଦାନ କରିଥିଲେ। ମନ୍ତ୍ରୀଙ୍କ ଉତ୍ତରରେ ଦିଆଯାଇଥିବା ତଥ୍ୟ ଅନୁସାରେ, ୨୦୨୫-୨୬ ଆର୍ଥିକ ବର୍ଷରେ ଭବାନୀପାଟଣା ଡାକ୍ତରଖାନାର ବହିର୍ବିଭାଗରେ ୩ ଲକ୍ଷ ୮୮ ହଜାର ୭୨୦ ଜଣ ରୋଗୀ ଚିକିତ୍ସା ପାଇଥିବାବେଳେ ଅନ୍ତର୍ବିଭାଗରେ ୬୫ ହଜାର ୧୨୭ ଜଣ ରୋଗୀ ଭର୍ତ୍ତି ହୋଇଥିଲେ। ଏହି ସମୟରେ ୪ ହଜାର ୮୧୫ ଜଣ ରୋଗୀଙ୍କୁ ଅନ୍ୟ ଡାକ୍ତରଖାନାକୁ ପଠାଯାଇଥିଲା।

ସେହିପରି ୨୦୨୬-୨୭ ଆର୍ଥିକ ବର୍ଷର ଉପଲବ୍ଧ ତଥ୍ୟ ଅନୁସାରେ ବହିର୍ବିଭାଗରେ ୧ ଲକ୍ଷ ୫୮ ହଜାର ୬୮୦ ଜଣ ଏବଂ ଅନ୍ତର୍ବିଭାଗରେ ୨୯ ହଜାର ୨୭୭ ଜଣ ରୋଗୀ ଚିକିତ୍ସା ନେଇଥିବାବେଳେ ୨ ହଜାର ୨୦୮ ଜଣଙ୍କୁ ଅନ୍ୟ ଡାକ୍ତରଖାନାକୁ ପଠାଯାଇଛି। ଅର୍ଥାତ୍ ଦୁଇଟି ଆର୍ଥିକ ବର୍ଷର ଉପଲବ୍ଧ ତଥ୍ୟକୁ ମିଶାଇଲେ ୭ ହଜାର ୨୩ ଜଣ ରୋଗୀଙ୍କୁ ଅନ୍ୟ ଡାକ୍ତରଖାନାକୁ ପଠାଯାଇଥିବା ଜଣାପଡ଼ିଛି। ଏତେ ସଂଖ୍ୟକ ରୋଗୀଙ୍କୁ କାହିଁକି ଅନ୍ୟତ୍ର ପଠାଇବାକୁ ପଡ଼ିଲା, ସେମାନଙ୍କ ମଧ୍ୟରୁ କେତେଜଣ ବିଶେଷଜ୍ଞ ଡାକ୍ତରଙ୍କ ଅଭାବରୁ, କେତେଜଣ ଶଯ୍ୟା ଅଭାବରୁ ଏବଂ କେତେଜଣ ଆବଶ୍ୟକ ପରୀକ୍ଷା ବ୍ୟବସ୍ଥା ନଥିବାରୁ ଅନ୍ୟତ୍ର ଯାଇଥିଲେ, ତାହାର ବିଭାଗୱାରୀ କାରଣ ମନ୍ତ୍ରୀଙ୍କ ଉତ୍ତରରେ ଦିଆଯାଇନାହିଁ। ଏହି ତଥ୍ୟ ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ଗଭୀର ଅନୁଧ୍ୟାନର ଆବଶ୍ୟକତା ସୃଷ୍ଟି କରିଛି। ବିଧାନସଭାର ତଥ୍ୟ ଅନୁସାରେ ନର୍ସିଂ ବିଭାଗର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ଭାବେ ସାମ୍ନାକୁ ଆସିଛି। ନର୍ସିଂ ଅଫିସରଙ୍କ ୭୬ଟି ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ମାତ୍ର ୪୪ ଜଣ କାର୍ଯ୍ୟରତ ଥିବାବେଳେ ୀ୨ଟି ପଦବୀ ଖାଲି ରହିଛି। ସବୁଠାରୁ ଚିନ୍ତାଜନକ କଥା ହେଉଛି, ନୂତନ ଭାବେ ସୃଷ୍ଟି ହୋଇଥିବା ୧୫୯ଟି ବରିଷ୍ଠ ନର୍ସିଂ ଅଫିସର ପଦବୀ ମଧ୍ୟରୁ ଗୋଟିଏ ମଧ୍ୟ ପୂରଣ ହୋଇନାହିଁ। ସମସ୍ତ ୧୫୯ଟି ପଦବୀ ଖାଲି ରହିଥିବା ଦର୍ଶାଯାଇଛି।

ଏହାବ୍ୟତୀତ ସହକାରୀ ନର୍ସିଂ ଅଧୀକ୍ଷକଙ୍କ ୭୨ଟି, ଉପନର୍ସିଂ ଅଧୀକ୍ଷକଙ୍କ ୧୨ଟି ଏବଂ ନର୍ସିଂ ଅଧୀକ୍ଷକଙ୍କ ୨ଟି ପଦବୀ ମଧ୍ୟ ଖାଲି ରହିଛି। ଏହି ତଥ୍ୟ ଅନୁସାରେ ନର୍ସିଂ ବିଭାଗରେ ମୋଟ ୀ୨୧ଟି ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ମାତ୍ର ୪୪ ଜଣ କାର୍ଯ୍ୟରତ ଥିବାବେଳେ ୨୭୭ଟି ପଦବୀ ଖାଲି ରହିଛି। ଡାକ୍ତରଖାନାରେ ରୋଗୀଙ୍କ ଚିକିତ୍ସା, ଔଷଧ ପ୍ରଦାନ, ରୋଗୀଙ୍କ ଦେଖାଶୁଣା, ଜରୁରୀକାଳୀନ ସେବା ଓ ଅନ୍ତର୍ବିଭାଗରେ ନର୍ସମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଭଳି ସ୍ଥିତିରେ ଏତେ ସଂଖ୍ୟକ ପଦବୀ ଖାଲି ରହିବା ରୋଗୀସେବାର ପରିଚାଳନାକୁ କିପରି ପ୍ରଭାବିତ କରୁଛି, ତାହା ଯାଞ୍ଚର ବିଷୟ ହୋଇଛି। ଡାକ୍ତରଖାନାର ଔଷଧ



ବିଭାଗରେ ମଧ୍ୟ କର୍ମଚାରୀ ଅଭାବର ଚିତ୍ର ସାମ୍ନାକୁ ଆସିଛି। ସଂଲଗ୍ନ ତଥ୍ୟ ଅନୁସାରେ ଏହି ବିଭାଗରେ ମୋଟ ୭୭ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ମାତ୍ର ୧୬ ଜଣ କାର୍ଯ୍ୟରତ ଅଛନ୍ତି। ଅବଶିଷ୍ଟ ୬୧ଟି ପଦବୀ ଖାଲି ରହିଛି।

ରୋଗୀଙ୍କୁ ଠିକ୍ ସମୟରେ ଔଷଧ ପ୍ରଦାନ, ଔଷଧର ମହଜୁଦ, ବଣ୍ଟନ ଓ ଔଷଧ ସମ୍ପର୍କିତ ଆବଶ୍ୟକ ପରାମର୍ଶ ପାଇଁ ଏହି ବିଭାଗର କର୍ମଚାରୀଙ୍କ ଆବଶ୍ୟକତା ରହିଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅଧିକାଂଶ ପଦବୀ ଖାଲି ରହିବା ନେଇ ମଧ୍ୟ ପ୍ରଶ୍ନ ଉଠିଛି ମେଡିକାଲ କଲେଜର ଶିକ୍ଷାଦାନ ଓ ଚିକିତ୍ସାସେବା ପାଇଁ ଅଧ୍ୟାପକ ଓ ବିଶେଷଜ୍ଞ ଡାକ୍ତରଙ୍କ ଉପଲବ୍ଧତା ଅତ୍ୟନ୍ତ ଆବଶ୍ୟକ। ବିଧାନସଭାରେ ଦିଆଯାଇଥିବା ତଥ୍ୟ ଅନୁସାରେପ୍ରଫେସର, ସହଯୋଗୀ ପ୍ରଫେସର, ସହକାରୀ ପ୍ରଫେସର, ବରିଷ୍ଠ ଆବାସିକ ଡାକ୍ତର ଓ ଅଧ୍ୟାପକ ପ୍ରଶିକ୍ଷକଙ୍କ ବିଭାଗୱାରୀ ପଦବୀର ବିବରଣୀ ରହିଛି। ଏଥିରେ ଅନେକ ବିଭାଗରେ ଡାକ୍ତରୀ ଅଧ୍ୟାପକ ଓ ବିଶେଷଜ୍ଞଙ୍କ ଅଭାବ ଥିବା ଜଣାପଡ଼ିଛି। ମନ୍ତ୍ରୀଙ୍କ ଉତ୍ତର ଅନୁସାରେ ବର୍ତ୍ତମାନ ସହିଦ ରେଣ୍ଡୋ ମାଝୀ ସରକାରୀ ମେଡିକାଲ କଲେଜର ଡାକ୍ତରଖାନା କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ କାର୍ଯ୍ୟ କରୁଛି। ଏଠାରେ ମୋଟ ୀ୨୦ଟି ଶଯ୍ୟା ରହିଛି।

ଏହି ଡାକ୍ତରଖାନା ଉପରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ସମେତ ଦୁର୍ଗମ ଓ ଆଦିବାସୀ ଅଞ୍ଚଳର ଲୋକମାନେ ନିର୍ଭର କରୁଛନ୍ତି। ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ବଢୁଥିବାବେଳେ ଉପଲବ୍ଧ ଶଯ୍ୟା ଓ ମାନବ ସମ୍ବଳ ମଧ୍ୟରେ ସମନ୍ୱୟ ରଖିବା ଏକ ବଡ଼ ଆହ୍ୱାନ ହୋଇଛି। ତେବେ ବିଧାନସଭାରେ ପଚରାଯାଇଥିବା ପ୍ରଶ୍ନରେ ୨୦୨୫-୨୬ ଓ ୨୦୨୬-୨୭ରେ ହାରାହାରି ଶଯ୍ୟା ଅଧିକାର ହାର, ଉପଲବ୍ଧ ଶଯ୍ୟାଠାରୁ ଅଧିକ ରୋଗୀଙ୍କୁ ଚିକିତ୍ସା କରାଯାଇଥିବା ସଂଖ୍ୟା ଏବଂ ବାରଣ୍ଡା ବା ଅନ୍ୟ ସ୍ଥାନରେ ଚିକିତ୍ସାର କାରଣ ସମ୍ପର୍କରେ ପଚରାଯାଇଥିଲେ ମଧ୍ୟ ମନ୍ତ୍ରୀଙ୍କ ଲିଖିତ ଉତ୍ତରରେ ଏହି ସମସ୍ତ ବିଷୟର ପୃଥକ୍ ବିବରଣୀ ମିଳିନାହୁଁ। ସ୍ୱାସ୍ଥ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ କହିଛନ୍ତି ଯେ ମେଡିକାଲ କଲେଜର ନିଜସ୍ୱ ପରିସରରେ ଶିକ୍ଷାଦାନ ଡାକ୍ତରଖାନାକୁ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଏହା କାର୍ଯ୍ୟକ୍ଷମ ହେଲେ ରୋଗୀଙ୍କ ଭିଡ଼ ଓ ଅତ୍ୟଧିକ ଚାପ କମିବାରେ ସହାୟକ ହେବ ବୋଲି ସରକାର ଆଶା ପ୍ରକାଶ କରିଛନ୍ତି। କିନ୍ତୁ ଏହି ନୂତନ ଡାକ୍ତରଖାନା କେବେଠାରୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ, କେତେ ଶଯ୍ୟା ବ୍ୟବସ୍ଥା ରହିବ, କେତେ ନୂତନ ଡାକ୍ତର ଓ ନର୍ସ ନିଯୁକ୍ତି ହେବେ ଏବଂ କେଉଁ କେଉଁ ବିଶେଷଜ୍ଞ ବିଭାଗ ଆରମ୍ଭ ହେବ, ତାହାର ନିର୍ଦ୍ଦିଷ୍ଟ ସମୟସୀମା ଉତ୍ତରରେ ଦିଆଯାଇନାହିଁ। ବିଧାନସଭାରେ ଉପସ୍ଥାପିତ ଏହି ତଥ୍ୟ ପରେ କଳାହାଣ୍ଡିବାସୀଙ୍କ ମଧ୍ୟରେ କେତେକ ମୌଳିକ ପ୍ରଶ୍ନ ସୃଷ୍ଟି ହୋଇଛି। ଯଦି ମେଡିକାଲ କଲେଜରେ ଶଯ୍ୟା, ଡାକ୍ତର, ବିଶେଷଜ୍ଞ ଓ ନର୍ସଙ୍କ ଅଭାବ ରହିଛି, ତେବେ ସାଧାରଣ ଲୋକଙ୍କୁ ଉନ୍ନତ ଚିକିତ୍ସା କେଉଁଠାରୁ ମିଳିବ ? ଜରୁରୀକାଳୀନ ରୋଗୀଙ୍କୁ ଅନ୍ୟ ଜିଲ୍ଲାକୁ ପଠାଇବା ସମୟରେ ତାଙ୍କ ଜୀବନର ସୁରକ୍ଷା ପାଇଁ କି ପ୍ରକାର ବ୍ୟବସ୍ଥା ରହିଛି ? ଖାଲି ପଡ଼ିଥିବା ପଦବୀଗୁଡ଼ିକ କେବେ ପୂରଣ ହେବ ? ବିଶେଷକରି ନର୍ସିଂ ବିଭାଗରେ ୨୭୭ଟି ଏବଂ ଔଷଧ ବିଭାଗରେ ୬୧ଟି ପଦବୀ ଖାଲି ରହିବା ଘଟଣା ସ୍ୱାସ୍ଥ୍ୟ ବିଭାଗର ନିଯୁକ୍ତି ଓ ପରିଚାଳନା ବ୍ୟବସ୍ଥାକୁ ନେଇ ଗମ୍ଭୀର ପ୍ରଶ୍ନ ସୃଷ୍ଟି କରିଛି।

କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଅଞ୍ଚଳର ଗରିବ ରୋଗୀମାନେ ଉନ୍ନତ ଚିକିତ୍ସା ପାଇଁ ଭବାନୀପାଟଣା ଉପରେ ନିର୍ଭର କରୁଥିବାବେଳେ ଏଠାରୁ ଅନ୍ୟ ଜିଲ୍ଲାକୁ ରେଫର୍ ହେବା ସେମାନଙ୍କ ପାଇଁ ଆର୍ଥିକ ଓ ମାନସିକ ଚାପ ବଢ଼ାଇଥାଏ। ତେଣୁ ମେଡିକାଲ କଲେଜକୁ କେବଳ ନାମକୁ ନୁହେଁ, ବରଂ ଆବଶ୍ୟକ ଡାକ୍ତର, ନର୍ସ, ବିଶେଷଜ୍ଞ, ଔଷଧ ଓ ଆଧୁନିକ ପରୀକ୍ଷା ବ୍ୟବସ୍ଥା ସହିତ ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ କରିବାର ଆବଶ୍ୟକତା ରହିଛି। ଏବେ ଜିଲ୍ଲାବାସୀଙ୍କ ମୁଖ୍ୟ ଦାବି ହେଉଛି, ଖାଲି ପଡ଼ିଥିବା ସମସ୍ତ ମଞ୍ଜୁରୀପ୍ରାପ୍ତ ପଦବୀ ତୁରନ୍ତ ପୂରଣ କରାଯାଉ, ରେଫର୍ ହେଉଥିବା ରୋଗୀଙ୍କ ସଂଖ୍ୟା ଓ କାରଣର ସ୍ୱଚ୍ଛ ତଥ୍ୟ ସାର୍ବଜନୀନ କରାଯାଉ ଏବଂ ନିଜସ୍ୱ ମେଡିକାଲ କଲେଜ ଡାକ୍ତରଖାନାକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟକ୍ଷମ କରାଯାଉ। ଜିଲ୍ଲାର ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ସରକାର କେବଳ ଆଶ୍ୱାସନା ନୁହେଁ, ବରଂ ଠୋସ୍ ପଦକ୍ଷେପ କେବେ ନେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

କଳାହାଣ୍ଡି: ୫ ବର୍ଷରେ ଦାରିଦ୍ର୍ୟ ୨୭.୮୧% ହ୍ରାସ: ତଥାପି ରାଜ୍ୟ ଓ ଦେଶଠୁ ଅଧିକ ଦରିଦ୍ରତା

ଭବାନୀପାଟଣା : ଦିନେ ଅନାହାର, ଅପପୁଷ୍ଟି ଓ ଦାଦନ ଦୁର୍ଦ୍ଦଶା ପାଇଁ କଳାହାଣ୍ଡିଜିଲ୍ଲା ଦେଶରେ ଚର୍ଚ୍ଚିତ ରହିଥିଲା। ସମୟ ସହିତ ବଦଳିଛି ଦାରିଦ୍ର୍ୟର ଚିତ୍ର। ପାଞ୍ଚ ବର୍ଷରେ ବହୁମୁଖୀ ଦାରିଦ୍ର୍ୟ ହାରରେ ୨୭.୮୧ % ହ୍ରାସ କଳାହାଣ୍ଡି ଜିଲ୍ଲା ପାଇଁ ଏକ ବଡ଼ ସଫଳତା। କିନ୍ତୁ ବିକାଶର ଏହି ଗୋଲାପି ଚିତ୍ର ପଛରେ ଏବେ ବି ରହିଛି ଦାରିଦ୍ର୍ୟତାର ଅସଲ ଦାଗ। ରାଜ୍ୟ ଓ ଜାତୀୟ ହାରଠୁ କଳାହାଣ୍ଡିର ଦାରିଦ୍ର୍ୟ ହାର ଅଧିକ ରହିବା ଏହି ବାସ୍ତବତାକୁ ପଦାରେ ପକାଇଛି। ନିତି ଆୟୋଗର ୨୦୨୩ ଜାତୀୟ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ ରିପୋର୍ଟ ଅନୁଯାୟୀ, ୨୦୧୫-୧୬ ମସିହାରେ କଳାହାଣ୍ଡିର ୪୭.୨୮ % ଲୋକ ଦାରିଦ୍ର୍ୟରେ ଥିଲେ। ୨୦୧୯-୨୧ ମସିହାରେ ଏହା ୧୯.୪୭%କୁ ଖସିଛି।

ଅନ୍ୟପକ୍ଷରେ ଓଡ଼ିଶାରେ ଏହି ହାର ୨୯.୩୪%ରୁ ୧୫.୬୮ % ଏବଂ ଦେଶରେ ୨୪.୮୫%ରୁ ୧୪.୯୬%କୁ ହ୍ରାସ ପାଇଛି। ଦାରିଦ୍ର୍ୟ ହ୍ରାସର ଗତିରେ କଳାହାଣ୍ଡି ଆଗରେ ଥିଲେ ମଧ୍ୟ ଅବଶିଷ୍ଟ ଦାରିଦ୍ର୍ୟର ହାର ଚିନ୍ତାଜନକ ଅଟେ। ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ କଳାହାଣ୍ଡିର ୧୯.୪୭% ଦାରିଦ୍ର୍ୟ ହାର ଏହାକୁ ମଧ୍ୟମରୁ ଉଚ୍ଚ ଦାରିଦ୍ର୍ୟ ଥିବା ଜିଲ୍ଲାମାନଙ୍କ ମଧ୍ୟରେ ରଖିଛି। ମାଲକାନଗିରି ଜିଲ୍ଲାରେ ଏହା ୪୫.୦୧%, ରାୟଗଡ଼ାରେ ୩୪.୦୩%, କୋରାପୁଟରେ ୩୩.୫୪% ଓ ନବରଙ୍ଗପୁରରେ ୩୩.୪୫% ରହିଛି। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଆଞ୍ଚଳିକ ବିକାଶ ଅସମାନତା ଏବେ ବି ଏକ ବଡ଼ ଆହ୍ୱାନ। ନିତି ଆୟୋଗର ସୂଚକାଙ୍କ କେବଳ ଆୟ ନୁହେଁ; ପୁଷ୍ଟି, ମାତୃସ୍ୱାସ୍ଥ୍ୟ, ଶିଶୁ ମୃତ୍ୟୁ, ଶିକ୍ଷା, ପାନୀୟଜଳ, ପରିମଳ, ଆବାସ, ବିଦ୍ୟୁତ୍ ଭଳି ୧୨ଟି ମାନଦଣ୍ଡ ଉପରେ ଆଧାରିତ। ଏହି ସଫଳତାକୁ ସ୍ଥାୟୀ କରିବା ପାଇଁ ଜିଲ୍ଲାର ଥୁଆମୂଳ ରାମପୁର, ଲାଞ୍ଜିଗଡ଼, ମଦନପୁର ରାମପୁର, ଗୋଲାମୁଣ୍ଡା ସମେତ ଦୁର୍ଗମ ଅଞ୍ଚଳରେ ପୁଷ୍ଟି, ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟସେବା, ନିଯୁକ୍ତି ଓ ସୁରକ୍ଷିତ ପାନୀୟଜଳକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି। ଦାଦନ ରୋକିବାକୁ ସ୍ଥାନୀୟ ନିଯୁକ୍ତି, ଚାଷୀଙ୍କୁ ନିଶ୍ଚିତ ଆୟ ଓ ଆଦିବାସୀ ପରିବାରଙ୍କୁ ମୌଳିକ ସୁବିଧା ମିଳିଲେ ହିଁ ବିକାଶର ଲାଭ ଶେଷଧାଡ଼ିର ମଣିଷଙ୍କ ପାଖରେ ପହଞ୍ଚିପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ

ମା' ବୁଢ଼ୀ ଜାଗୁଳାଇ ପୀଠରେ ନିର୍ମାଣ ହେବ କଂକ୍ରିଟ୍ ଖଳା

ବିଭାଗୀୟ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ

ଧାମନଗର,(ପିପିଏସ୍): ଧାମନଗର ବ୍ଲକ ଭଗବାନପୁର ଗ୍ରାମର ଅଧୀଷ୍ଠ ଦେବୀ ମା' ବୁଢ଼ୀ ଜାଗୁଳାଇ ଠାକୁରାଣୀଙ୍କ ପୀଠରେ ଏକ କଂକ୍ରିଟ୍ ଖଳା ପ୍ରକଳ୍ପ ନିର୍ମାଣ ହେବାକୁ ନେଇ ଜିଲ୍ଲା କୃଷି କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ଆର୍ଜୋ ପରଓ୍ୱିନ ବୁଧବାର ପୂର୍ବାହ୍ନରେ କ୍ଷେତ୍ର ପରିଦର୍ଶନ କରିଛନ୍ତି। ସୂଚନା ଅନୁଯାୟୀ ମା'ଙ୍କ ପୀଠର ଚାରିପାଖରେ କଚା ମାଟି ଚଟାଣ ରହିଥିବା ବେଳେ ବର୍ଷ ତମାମ ଅନୁଷ୍ଠିତ ହେଉଥିବା ବିଭିନ୍ନ ପର୍ବପର୍ବାଣି ଓ ଧାର୍ମିକ କାର୍ଯ୍ୟକ୍ରମ, ଐତିହାସିକ ବାଦି ପାଲା ଆଦି କାର୍ଯ୍ୟକ୍ରମ ରେ ବର୍ଷା ହେଲେ ନାନାଦି ସମସ୍ୟା ସୃଷ୍ଟି ହେଉଥିଲା। ଏହି ସବୁ ସମସ୍ୟା ଦୂର କରିବା ନେଇ ଉକ୍ତ ସ୍ଥାନରେ ଏକ କଂକ୍ରିଟ ଖଳା ପ୍ରକଳ୍ପ ନିର୍ମାଣ ନେଇ ଜିଲ୍ଲା କୃଷି ବିଭାଗ ଅଧିକାରୀଙ୍କ ସହ ମା' ବୁଢ଼ୀ ଜାଗୁଳାଇ ସାଂସ୍କୃତିକ ପରିଷଦର କର୍ମକର୍ତ୍ତା ମାନେ ଆଲୋଚନା କରିବା ସହ ସମୟାନୁସାରେ କ୍ଷେତ୍ର ପରିଦର୍ଶନ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଉଭୟ ଗ୍ରାମର ଲୋକମାନେ ବିଭିନ୍ନ ସାମାଜିକ ଓ ସାମୂହିକ କାର୍ଯ୍ୟରେ ଏହାକୁ ବ୍ୟବହାର କରିପାରିବେ ବୋଲି ପରିଷଦର କର୍ମକର୍ତ୍ତାଙ୍କ ପକ୍ଷରୁ ସୂଚନା ମିଳିଛି। ଏହି ପ୍ରକଳ୍ପର ଅଟକଳ ମୂଲ୍ୟ ପ୍ରାୟ ୭ ଲକ୍ଷରୁ ଉର୍ଦ୍ଧ୍ୱ ଥିବାବେଳେ ସରକାରଙ୍କ ଭିଭିଜୀରାମଜି ଯୋଜନାରେ ଅନ୍ତର୍ଭୁକ୍ତ କରି ୬୦ ଫୁଟ ଲମ୍ବ ଓ ପ୍ରସ୍ଥରେ କାର୍ଯ୍ୟକାରୀ ହେବ ବୋଲି ସୂଚନା ମିଳିଛି। ଏସଂପର୍କରେ ଉପସ୍ଥିତ ଥିବା କୃଷି ବିଭାଗର ସହକାରୀ ଯନ୍ତ୍ରୀ ଆର୍ଜୋ ପରଓ୍ୱିନ କହିଛନ୍ତି ଆବଶ୍ୟକ ସରକାରୀ ପଦକ୍ଷେପ କରାଯିବା ପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ। ଏହି ପ୍ରକଳ୍ପ ଦ୍ୱାରା ମା'ଙ୍କ ପୀଠର ଉନ୍ନତି ହେବା ସହ ସହ ଉଭୟ ଗ୍ରାମର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକଳାପକୁ ନୂତନ ଦିଗ ମିଳିବ ବୋଲି ଗ୍ରାମବାସୀ ମାନେ ଆଶା ପ୍ରକାଶ କରିଛନ୍ତି।ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ କୁମାର ମହାପାତ୍ର, ସରପଞ୍ଚ ଙ୍କ ପ୍ରତିନିଧି କପିଳେନ୍ଦ୍ର ବଳ, ଖଗେଶ୍ୱର ମହାପାତ୍ର, ବିମ୍ବାଧର ପାତ୍ର, ଅରବିନ୍ଦ ବେହେରା, ଜ୍ୟୋତିରଞ୍ଜନ ମହାପାତ୍ର, ଗଣେଶ ପ୍ରସାଦ ସାହୁ ପ୍ରମୁଖ ପରିଷଦର କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନାରେ ଧାମନଗରର ଛଅ ଶିକ୍ଷାନୁଷ୍ଠାନ

ଶହୀଦ ନଗର ହାଇସ୍କୁଲରେ ହେବ ଜିଲ୍ଲାସ୍ତରୀୟ ଉତ୍ସବ

ଧାମନଗର,(ପିପିଏସ୍): ଶିକ୍ଷା କ୍ଷେତ୍ରରେ ଧାମନଗର ପାଇଁ ଆସିଛି ଏକ ଖୁସିର ଖବର। ରାଜ୍ୟ ସରକାରଙ୍କ 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନା'ରେ ଭଦ୍ରକ ଜିଲ୍ଲାର ୧୭ଟି ବିଦ୍ୟାଳୟ ସ୍ଥାନ ପାଇଥିବା ବେଳେ ଧାମନଗର ବ୍ଲକରୁ ସର୍ବାଧିକ ୬ଟି ବିଦ୍ୟାଳୟ ମନୋନୀତ ହୋଇଛି। ଏହା ଧାମନଗର ଅଞ୍ଚଳର ଶିକ୍ଷା ଭିତ୍ତିଭୂମି ବିକାଶ ପାଇଁ ଏକ ଉଲ୍ଲେଖନୀୟ ପଦକ୍ଷେପ ହେବ ବୋଲି ବିବେଚନା କରାଯାଉଛି। ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନା ନିମନ୍ତେ ଧାମନଗର ବ୍ଲକର ମନୋନୀତ ବିଦ୍ୟାଳୟଗୁଡ଼ିକ ମଧ୍ୟରେ ରହିଛି ଅର୍ଜୁନପୁର ବାଳିପାଟଣାର ଜୟକିଷାନ ନୋଡାଲ ହାଇସ୍କୁଲ, ହସନାବାଦର ଗୋପବନ୍ଧୁ ନଗର ହାଇସ୍କୁଲ, ଅସୁରାଳିର ଦେଶବନ୍ଧୁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁରର କୋରୁଆ-ଗୋବିନ୍ଦପୁର ନୋଡାଲ ହାଇସ୍କୁଲ, ଶହିଦ ନଗର ନୋଡାଲ ହାଇସ୍କୁଲ ଏବଂ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତର ଜଗନ୍ନାଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ। ଉଲ୍ଲେଖନୀୟ ବିଷୟ ହେଉଛି, ଏହି ଯୋଜନାର ଭଦ୍ରକ ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ଧାମନଗର ବ୍ଲକର ଶହିଦ ନଗର ହାଇସ୍କୁଲ ପରିସରରେ ଆସନ୍ତା ଶୁକ୍ରବାର ଦିନ ଅନୁଷ୍ଠିତ ହେବ। ଏଥିରେ ଧାମନଗର ବିଧାୟକ ତଥା ମନ୍ତ୍ରୀ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଯୋଜନା ଅଧୀନରେ ବିଦ୍ୟାଳୟଗୁଡ଼ିକର ଶିକ୍ଷା ବ୍ୟବସ୍ଥା ଓ ଭିତ୍ତିଭୂମି କ୍ଷେତ୍ରରେ ଉନ୍ନତି ଆସିବା ସହ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷାର ସୁଯୋଗ ମିଳିବ ବୋଲି କୁହାଯାଇଛି। ବିଶେଷକରି ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ଉନ୍ନତ ଶିକ୍ଷା ପରିବେଶରେ ପାଠପଢ଼ିବାର ସୁଯୋଗ ପାଇବେ। ପ୍ରତି ଶିକ୍ଷାନୁଷ୍ଠାନ ପାଇଁ ଏହି ଯୋଜନା ମାଧ୍ୟମରେ ୫ କୋଟିରୁ ୧୫ କୋଟି ଟଙ୍କାର ବିନିଯୋଗ ହେବ ବୋଲି ଜଣାଯାଇଛି। ଭଦ୍ରକ ଜିଲ୍ଲାରେ ୧୭ଟି ବିଦ୍ୟାଳୟ ମଧ୍ୟରୁ ଧାମନଗରର ୬ଟି ବିଦ୍ୟାଳୟ ସ୍ଥାନ ପାଇବା ଅଞ୍ଚଳ ପାଇଁ ନିଶ୍ଚିତ ଭାବେ ଏକ ଆଶାଜନକ ଖବର ହୋଇଛି। ଏହି ଘୋଷଣା ପରେ ଧାମନଗର ଅଞ୍ଚଳର ଶିକ୍ଷା ପ୍ରେମୀ ବୁଦ୍ଧିଜୀବୀ ମହଲରେ ଆନନ୍ଦ ପ୍ରକାଶ ପାଇଛି।

ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ଜନଗଣନା ପ୍ରଶିକ୍ଷଣ



କେନ୍ଦ୍ରାପଡ଼ା, (ପିପିଏସ): ଆଗାମୀ ଜନଗଣନା କାର୍ଯ୍ୟକୁ ସଠିକ୍, ସୁବ୍ୟବସ୍ଥିତ, ନିର୍ଭୁଲ ଓ ସମୟାନୁବର୍ତ୍ତୀ ଭାବେ ସମ୍ପାଦନ କରିବା ଲକ୍ଷ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁଇଦିନିଆ ଜିଲ୍ଲାସ୍ତରୀୟ ଜନଗଣନା ପର୍ଯ୍ୟାୟ-୨ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନଭେମ୍ବର ୦୩ ଓ ୦୪ ତାରିଖରେ ଡେରାବିଶ ବ୍ଲକ୍ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୁଗ୍ମ ନିର୍ଦ୍ଦେଶକ (ଜନଗଣନା) ହେମନ୍ତ କୁମାର ସିଂହ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିସହିତ ରଶ୍ମିରଞ୍ଜନ ମାଣିକ, ସିଦ୍ଧାର୍ଥ ବେହେରା ଓ ସମାପ୍ତି ସେନ ମଧ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ଜନଗଣନାର ବିଭିନ୍ନ ଦିଗ ଉପରେ ତାଲିମ ପ୍ରଦାନ କରିଥିଲେ। ପ୍ରଶିକ୍ଷକମାନେ ଜନଗଣନାର ଉଦ୍ଦେଶ୍ୟ, ବିଭିନ୍ନ ପର୍ଯ୍ୟାୟରେ ଅନୁସରଣୀୟ ପ୍ରକ୍ରିୟା, କାର୍ଯ୍ୟପଦ୍ଧତି ଓ ଅଧିକାରୀମାନଙ୍କ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଜନଗଣନା କାର୍ଯ୍ୟରେ ନିର୍ଭୁଲ ତଥ୍ୟ ସଂଗ୍ରହ, ତଥ୍ୟର ଗୁଣବତ୍ତା ରକ୍ଷା ଏବଂ ନିର୍ଦ୍ଧାରିତ ନିୟମାବଳୀର ଅନୁପାଳନ ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ।

କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଡେପୁଟି କଲେକ୍ଟର (ଜନଗଣନା)ସରୋଜ କୁମାର ବେହେରା ଏବଂ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଶୁଭେନ୍ଦୁ ଶେଖର ସାହୁ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣରେ ଜିଲ୍ଲାର ସମସ୍ତ ଚାର୍ଜ ଅଧିକାରୀ, ଜନଗଣନା କାର୍ଯ୍ୟ ସହ ଜଡ଼ିତ ଦାୟିତ୍ୱପ୍ରାପ୍ତ ଅଧିକାରୀ ଓ କର୍ମଚାରୀ ତଥା ବୈଷୟିକ ସହାୟକମାନେ ଅଂଶଗ୍ରହଣ କରିଥିଲେ। ଦୁଇଦିନ ଧରି ଚାଲିଥିବା ଏହି ପ୍ରଶିକ୍ଷଣରେ ଜନଗଣନାର ବିଭିନ୍ନ ପ୍ରକ୍ରିୟା, କ୍ଷେତ୍ରସ୍ତରୀୟ କାର୍ଯ୍ୟର ଯୋଜନା ଓ ପରିଚାଳନା, ତଥ୍ୟ ସଂଗ୍ରହ ଏବଂ ଯାଞ୍ଚ, ନିର୍ଦ୍ଧାରିତ ଫର୍ମ ଓ ନିର୍ଦ୍ଦେଶାବଳୀର ସଠିକ୍ ଉପଯୋଗ, ବୈଷୟିକ ପ୍ରଣାଳୀର ବ୍ୟବହାର ଓ କାର୍ଯ୍ୟ ସମ୍ପାଦନ ସମୟରେ ଦେଖାଦେଉଥିବା ସମ୍ଭାବ୍ୟ ସମସ୍ୟାର ସମାଧାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଜନଗଣନା କେବଳ ଜନସଂଖ୍ୟା ଗଣନାରେ ସୀମିତ ନୁହେଁ; ଏହା ଦେଶର ଯୋଜନା ପ୍ରସ୍ତୁତି, ଉନ୍ନୟନମୂଳକ କାର୍ଯ୍ୟକ୍ରମର ରୂପାୟଣ, ସମ୍ବଳର ସୁବଣ୍ଟନ ଏବଂ ଭବିଷ୍ୟତର ନୀତି ନିର୍ଦ୍ଧାରଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଧାର। ତେଣୁ ଏହି ଜାତୀୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ସଫଳତା ପାଇଁ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ ନିଷ୍ଠା, ଦାୟିତ୍ୱବୋଧ ଓ ସମନ୍ୱୟର ସହ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦିଆଯାଇଛି।

ବ୍ରାଉନ୍ ସୁଗାର ସମେତ ୧୩୨ ଲିଟର ମଦ ଜବତ, ୮ ଅଭିଯୁକ୍ତ କୋର୍ଟ ଚାଲାଣ



କେନ୍ଦ୍ରାପଡ଼ା, (ପିପିଏସ): ଜିଲ୍ଲାରେ ବେଆଇନ ନିଶାଦ୍ରବ୍ୟ ଓ ଚୋରା ମଦ କାରବାର ଉପରେ ଅଙ୍କୁଶ ଲଗାଇବା ଲକ୍ଷ୍ୟରେ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ ଅଭିଯାନ କରାଯାଇଛି। ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଟକୁରା, ଜମ୍ବୁ ମେରାଇନ୍, ମହାକାଳପଡ଼ା, ଡେରାବିଶ ଓ ପଟ୍ଟାମୁଣ୍ଡାଇ ଟାଉନ୍ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଏହି ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ପୋଖରିଆପଡ଼ା ଗ୍ରାମର ଦିବ୍ୟଜ୍ୟୋତି ସାହୁଙ୍କ (୨୩) ଙ୍କ ନିକଟରୁ ୬୦ ଗ୍ରାମ ଏବଂ ବୈକୁଣ୍ଠପୁର ଗ୍ରାମର ପ୍ରୀତିରଜ ଦାସ (୨୨)ଙ୍କ ନିକଟରୁ ୮୦ ଗ୍ରାମ ବ୍ରାଉନ୍ ସୁଗାର ଜବତ କରାଯାଇଥିଲା। ସେହିପରି ପ୍ରଭାକରପୁର ଗ୍ରାମର ନାଥ ଖିଲର (୩୦)ଙ୍କ ନିକଟରୁ ୨୮ ଲିଟର ଓ ରାଜୀବ ସେଠୀ (୪୦)ଙ୍କ ନିକଟରୁ ୧୦ ଲିଟର ଦେଶୀ ମଦ ଜବତ ହୋଇଥିଲା। ଅନ୍ୟପକ୍ଷରେ ମଲଡିଅ ଗ୍ରାମର ପଦ୍ମିନୀ ସ୍ୱାଇଁ (୩୬)ଙ୍କ ନିକଟରୁ ୨୨ ଲିଟର, ଲକ୍ଷ୍ମଠିଆ ଗ୍ରାମର ସୀତା ଭକ୍ତ (୩୫)ଙ୍କ ନିକଟରୁ ୧୫ ଲିଟର ଦେଶୀ ମଦ ଏବଂ ସନାଇଲୋଗଲା ଗ୍ରାମର ପ୍ରକାଶ ଜେନା (୪୮)ଙ୍କ ନିକଟରୁ ୨୬ ଲିଟର ଓ ଖଣ୍ଡାସାହି ଗ୍ରାମର ଅଜୟ କୁମାର ବେହେରା (୩୮)ଙ୍କ ନିକଟରୁ ୩୧ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା। ଏହି ଚଢ଼ାଉରେ ମୋଟ ୧୪୦ ଗ୍ରାମ ବ୍ରାଉନ୍ ସୁଗାର ସମେତ ୧୩୨ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ବିଭିନ୍ନ ଅବକାରୀ ମାମଲା ରୁଜୁ କରାଯିବା ସହ ୮ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉ ଅଭିଯାନରେ ଅବକାରୀ ଉପନିରୀକ୍ଷକ ରଞ୍ଜନ କୁମାର ପାତ୍ର ଓ ଶ୍ରୀ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ରଙ୍କ ସମେତ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସାମିଲ ଥିଲେ।

କେନ୍ଦ୍ରାପଡ଼ା ପୌରପାଳିକା ପକ୍ଷରୁ ସ୍ୱଚ୍ଛତା ଓ ସଚେତନତା ଅଭିଯାନ

ସ୍ୱଚ୍ଛତା ଅଭିଯାନ ସହ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟ, ବାଣିଜ୍ୟିକ କାରବାରରେ ଘରୋଇ ସିଲିଣ୍ଡର ଜବତ



କେନ୍ଦ୍ରାପଡ଼ା, (ପିପିଏସ): କେନ୍ଦ୍ରାପଡ଼ା ସହରକୁ ସ୍ୱଚ୍ଛ, ସୁନ୍ଦର, ସୁରକ୍ଷିତ ଓ ସୁସ୍ଥ ପରିବେଶଯୁକ୍ତ କରିବା ଲକ୍ଷ୍ୟରେ ବୁଧବାର କେନ୍ଦ୍ରାପଡ଼ା ପୌରପାଳିକା ପକ୍ଷରୁ ସାନ୍ତସାହିଠାରେ ଏକ ବ୍ୟାପକ ସ୍ୱଚ୍ଛତା ଓ ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା। ଏହି ଅଭିଯାନରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟର, ପୌରପାଳିକାର ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା, ପୌରପାଳିକାର କର୍ମଚାରୀ ଏବଂ ସ୍ଥାନୀୟ ବାସିନ୍ଦାମାନେ ଯୋଗଦେଇଥିଲେ। ସମସ୍ତଙ୍କ ସକ୍ରିୟ ଅଂଶ ଗ୍ରହଣରେ ଅଞ୍ଚଳର ସଫେଇ କାର୍ଯ୍ୟ କରାଯିବା ସହ ସ୍ୱଚ୍ଛତାର ଗୁରୁତ୍ୱ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ ସ୍ୱଚ୍ଛତାକୁ ଏକ ନିୟମିତ ଅଭ୍ୟାସ ଭାବେ ଗ୍ରହଣ କରିବା ସହ ସହରର ପରିବେଶକୁ ସୁସ୍ଥ ଓ ସ୍ୱଚ୍ଛ ରଖିବା ପାଇଁ ପ୍ରତ୍ୟେକ ନାଗରିକଙ୍କ ସହଯୋଗ ଅପରିହାର୍ଯ୍ୟ ବୋଲି ଗୁରୁତ୍ୱାରୋପ କରିଥିଲେ।

ସ୍ୱଚ୍ଛତା ଅଭିଯାନ ସହିତ ପୌରପାଳିକା ପକ୍ଷରୁ ଏକ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟ ମଧ୍ୟ କରାଯାଇଥିଲା। ଏହି ସମୟରେ କେତେକ ହୋଟେଲ ଓ ଜଳଖିଆ ଦୋକାନରେ ବାଣିଜ୍ୟିକ କାର୍ଯ୍ୟରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ବ୍ୟବହାର ହେଉଥିବା ଚିହ୍ନଟ କରାଯାଇଥିଲା। ନିୟମ ଉଲ୍ଲଂଘନ କରି ଏଭଳି ବ୍ୟବହାର କରାଯାଉଥିବା ଘରୋଇ ଗ୍ୟାସ୍ ସିଲିଣ୍ଡର ଗୁଡ଼ିକୁ ଅଭିଯାନ ସମୟରେ ଜବତ କରାଯାଇଥିଲା। ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ନିୟମ ଅନୁଯାୟୀ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ବ୍ୟବହାର କରିବା ଉଚିତ ବୋଲି ଏହି କାର୍ଯ୍ୟ ମାଧ୍ୟମରେ ସ୍ପଷ୍ଟ ବାର୍ତ୍ତା ଦିଆଯାଇଥିଲା। କେନ୍ଦ୍ରାପଡ଼ା ପୌରପାଳିକା ପକ୍ଷରୁ ସମସ୍ତ ନାଗରିକଙ୍କୁ ନିଜ ଆଖପାଖ ପରିବେଶ ସଫା ରଖିବା, ଏଣେତେଣେ ଅଳିଆ ଆବର୍ଜନା ନ ପକାଇବା, ନିର୍ଦ୍ଧାରିତ ସ୍ଥାନରେ ଆବର୍ଜନା ପକାଇବା ଏବଂ ପୌରପାଳିକାର ସ୍ୱଚ୍ଛତା ପଦକ୍ଷେପରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ସହରର ସ୍ୱଚ୍ଛତା କେବଳ ପୌରପାଳିକାର ଦାୟିତ୍ୱ ନୁହେଁ, ଏହା ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ। ତେଣୁ ସମସ୍ତଙ୍କ ମିଳିତ ସହଯୋଗରେ ଏକ ସ୍ୱଚ୍ଛ, ସବୁଜ, ସୁରକ୍ଷିତ ଓ ସୁସ୍ଥ କେନ୍ଦ୍ରାପଡ଼ା ଗଠନ କରିବାକୁ ପୌରପାଳିକା ପକ୍ଷରୁ ଆହ୍ୱାନ ଦିଆଯାଇଛି।

ଜେ.ବି.ଏମ୍. ସ୍ପେକ୍ଟ୍ରମ୍-୨୦୨୬

ବିଜ୍ଞାନ ମେଳା ଓ କଳା ଶିବିର ଅନୁଷ୍ଠିତ, ୧୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ



ବାଙ୍କୀ, (ପିପିଏସ୍) : କଟକ ଜିଲ୍ଲା ବାରଙ୍ଗ ବ୍ଲକ ଅନ୍ତର୍ଗତ ନରଣପୁରସ୍ଥିତ ଜେ.ବି.ଏମ୍. ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ନଭେମ୍ବର ୩ ତାରିଖ ମଙ୍ଗଳବାର ଦିନ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ପରିପ୍ରକାଶ ଉଦ୍ଦେଶ୍ୟରେ 'ଜେ.ବି.ଏମ୍. ସ୍ପେକ୍ଟ୍ରମ୍-୨୦୨୬' ଶୀର୍ଷକ ଏକ ବିଜ୍ଞାନ ମେଳା ଓ କଳା ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ବିଜ୍ଞାନ ସମେତ ହିନ୍ଦୀ, ଇଂରାଜୀ ଓ କଳା ବିଭାଗର ବିଭିନ୍ନ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା।

କାର୍ଯ୍ୟକ୍ରମରେ ସିଦ୍ଧାର୍ଥ ଦାଶ ମୁଖ୍ୟ ଅତିଥି ଏବଂ ସଫ୍ଟୱେର ଇଞ୍ଜିନିୟର ଶର୍ମିଷ୍ଠା ନାଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ଓ କଳାକୃତି ପରିଦର୍ଶନ କରିବା ସହ ସେମାନଙ୍କ ସୃଜନଶୀଳତା ଓ ଉଦ୍ଭାବନୀ ଚିନ୍ତାଧାରାକୁ ଦେଖି ଖୁସିବ୍ୟକ୍ତ କରିଥିଲେ। ଏଥିସହ ବିଦ୍ୟାଳୟର ଏଭଳି ଅଭିନବ ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ।

ଏହି ବିଜ୍ଞାନ ମେଳାରେ ୧୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରି ୧୦୦ରୁ ଅଧିକ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏଥିସହ ବିଭିନ୍ନ ପ୍ରକାରର ଆର୍ଟ ଓ କ୍ରାଫ୍ଟ ସାମଗ୍ରୀ ପ୍ରସ୍ତୁତ କରି ନିଜ ନିଜର କଳାତ୍ମକ ପ୍ରତିଭାର ପରିଚୟ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷା ଝୁନା ପରିଡ଼ା କହିଥିଲେ ଯେ, ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ କରିବା ସହ ସେମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ, ଜିଜ୍ଞାସା ଓ ସୃଜନଶୀଳ ଚିନ୍ତାଧାରା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଆଗାମୀ ଦିନରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଜରିଆରେ ଶିକ୍ଷା ସହିତ ପିଲାମାନଙ୍କ ବହୁମୁଖୀ ପ୍ରତିଭାର ବିକାଶ ଓ ପରିପ୍ରକାଶ ଉପରେ ଗୁରୁତ୍ୱ ଦିଆଯିବ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ନିର୍ଦ୍ଦେଶକ ଉଲ୍ଲାସ ପ୍ରଧାନ ଉପସ୍ଥିତ ଥିବାବେଳେ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଏହାର ସଫଳ ଆୟୋଜନରେ ସହଯୋଗ କରିଥିଲେ।

୨ କେଜି ଗଞ୍ଜେଇ ଓ ୫୦ ଲିଟର ଚୋରା ମଦ ସହ ୨ ଗିରଫ



କଳିଙ୍ଗନଗର, (ପିପିଏସ): ଯାଜପୁର ଜିଲ୍ଲା ରସୁଲପୁର ଅବକାରୀ ଟିମ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୨ କେଜି ଗଞ୍ଜେଇ ଓ ୫୦ ଲିଟର ଚୋରା ଦେଶୀ ମଦ ଜବତ କରାଯିବା ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏଥିସହ ଚୋରା ମଦ ଚାଲାଣରେ ବ୍ୟବହୃତ ଏକ ମୋଟରସାଇକେଲ ମଧ୍ୟ ଜବତ ହୋଇଛି।

ସୂଚନା ଅନୁସାରେ, ଅବକାରୀ ଅଧୀକ୍ଷକଙ୍କ

ମାଳତି ଲତା ପ୍ରଧାନଙ୍କୁ ‘ଭିକାରୀ ବଳ ସମ୍ମାନ’ ପ୍ରଦାନ



ଭୁବନେଶ୍ୱର (ପିପିଏସ୍): ‘ୟୁଥ୍’ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଭିକାରୀ ବଳଙ୍କ ଶ୍ରାଦ୍ଧ ବାର୍ଷିକି ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ, ସତନ୍ତ୍ର ଅତିଥି ଭାବେ ବିଧାୟକ ବାବୁ ସିଂ, ମୁଖ୍ୟବକ୍ତା ଭାବରେ ବରିଷ୍ଠ ନେତା ଗୋଲକ ମହାପାତ୍ର, ସମ୍ମାନୀତ ଅତିଥି ଭାବରେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ସଚିବ ଡ. ସ୍ମିତା ମହାନ୍ତି, ଗୋବିନ୍ଦ ପଟ୍ଟନାୟକ ଏବଂ ୟୁଥ୍‌ର କାର୍ଯ୍ୟକାରୀ ସଂଯୋଜକ ଅମୃତା ଲୋପାମୁଦ୍ରା ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଗୀତିକାର ରାଧାନାଥ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଆକାଶବାଣୀ ଗୀତିକାର ମାଳତି ଲତା ପ୍ରଧାନଙ୍କୁ ‘ଭିକାରୀ ବଳ ସମ୍ମାନ-୨୦୨୬ ରେ ସମ୍ମାନିତ କରାଯାଇଥିଲା। ପୂର୍ବରୁ ହୋଇଥିବା ଭଜନ ସଂଗୀତ ପ୍ରତିଯୋଗୀତାର ବିଚାରକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭିକାରୀ ବଳଙ୍କ ସଂଗୀତ ଓ ଭଜନକୁ ବ୍ରଜମୋହନ ଜୀ, ଶ୍ରୀକର ପାଢୀ, ଅଶ୍ୱିନୀ ମହାନ୍ତି, ରବୀନାରାୟଣ ଦାସ, ସାଗରିକା ପଟ୍ଟନାୟକ ପ୍ରମୁଖ ବରିଷ୍ଠ କଣ୍ଠଶିଳ୍ପୀ ଭିକାରୀ ବଳଙ୍କ ଭଜନ ପରିବେଷଣ କରିଥିଲେ। ଙ୍କ ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ, ଅମୀୟ ଜେନା, ପ୍ରଶାନ୍ତ ନାୟକ, ପ୍ରତ୍ୟୁଷ ମାନ୍ଧାତା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଶ୍ୱେତସଂକେତ’ ସାରସତ ମଞ୍ଚର ବାର୍ଷିକ ଉତ୍ସବ

ଭୁବନେଶ୍ୱର (ପିପିଏସ୍): ସାହିତ୍ୟାନୁଷ୍ଠାନ ଶ୍ୱେତସଂକେତ ସାରସତ ମଞ୍ଚର ୩୮ତମ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ ବୁଦ୍ଧମନ୍ଦିର ନୂତନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନରେ ସଭାପତି ଅମୂଲ୍ୟ କୁମାର ଦାଶଙ୍କ ପୌରହିତ୍ୟରେ ଏହି ଉତ୍ସବ ପରିଚାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଡିଆ ବିଶ୍ୱବିଦ୍ୟାଳୟ ତଥା ଉତ୍କଳ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଣ୍ଟର୍ଯ୍ୟ, ମୁଖ୍ୟବକ୍ତା ପ୍ରଗତିବାଦୀ ସମ୍ବାଦପତ୍ରର କାର୍ଯ୍ୟନିର୍ବାହୀ ସଂପାଦକ ବିରୁପାକ୍ଷ ତ୍ରିପାଠୀ, ସମ୍ମାନିତ ଅତିଥି ସାହିତ୍ୟିକ ଓ ଚିକିତ୍ସକ ଡାକ୍ତର ଇନ୍ଦ୍ରମଣି ଜେନା ଯୋଗଦେଇଥିଲେ। ପ୍ରାରମ୍ଭରେ ଉପସଭାପତି ଡ. ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଗାୟତ୍ରୀ ଶତପଥୀ ସମ୍ପାଦକୀୟ ବିବରଣୀ ପାଠକରିଥିଲେ। ଅନୁଷ୍ଠାନର ମୁଖପତ୍ର ‘ଶ୍ୱେତସଂକେତ’ର ବାର୍ଷିକ ସଂଖ୍ୟା ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ ସାହିତ୍ୟ ସାଧକ, ବାଗ୍ମୀ ଓ ସୁବକ୍ତା ଡାକ୍ତର କୃଷ୍ଣଚନ୍ଦ୍ର ଷଡ଼ଙ୍ଗୀଙ୍କୁ ‘ଶ୍ୱେତସଂକେତ ସାରସତ ସମ୍ମାନ’, ଡାକ୍ତର ଜୟକୃଷ୍ଣ ମିଶ୍ରଙ୍କୁ ‘ଦେବେନ୍ଦ୍ରନାଥ ସ୍ମୃତି ସମ୍ମାନ’, ଡ. ବିଦ୍ୟୁତ୍ ପ୍ରଭା ସାହୁ ‘ଶ୍ୱେତସଂକେତ ପ୍ରବନ୍ଧ ସମ୍ମାନ’, ଡ. ଜୟଶ୍ରୀ ନନ୍ଦ ‘ଶ୍ୱେତସଂକେତ କବିତା ସମ୍ମାନ’ ଓଁ ରୀତା ମିଶ୍ର ‘ଶ୍ୱେତସଂକେତ ପ୍ରଫେସର ବିଜୟିନୀ ଗନ୍ଥ ସମ୍ମାନ’ରେ ସମ୍ବର୍ଦ୍ଧିତ ହୋଇଥିଲେ। ସଭାପତି ଅମୂଲ୍ୟ କୁମାର ଦାଶଙ୍କ ଅଭିଭାଷଣ ପରେ ଅନୁଷ୍ଠାନର କୋଷାଧକ୍ଷ ଗୀତାଞ୍ଜଳି ନନ୍ଦ ଧନ୍ୟବାଦାର୍ପଣ କରିଥିଲେ।

ଯାଁଳା କପ୍ କ୍ରିକେଟ୍: ସେମିରେ କେସୁରା ଓ ଯାଁଳା



ଭୁବନେଶ୍ୱର(ପିପିଏସ୍): ସ୍ଥାନୀୟ ରାଧାମାଧବ କ୍ଲବ ଆନୁକୂଲ୍ୟରେ ନବମ ପଞ୍ଚାୟତ ଲେଭୁଲ୍ କର୍କ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ -୩ ମ୍ୟାଚ ଗଙ୍ଗପଡ଼ା ଏବଂ କେସୁରା ଦଳ ମଧ୍ୟରେ ହୋଇଥିଲା। ପ୍ରଥମେ, ଟଟ୍ ଜିତି ଗଙ୍ଗପଡା ବ୍ୟାଟିଂ ଆରମ୍ଭ କରିଥିଲା। ଦଳ ନିର୍ଦ୍ଧାରିତ ୧୫ ଓଭର୍ ଖେଳ ଶେଷସୁଧା ୧୪୮ରନ୍ ବିନିମୟରେ ୯ ଉଇକେଟ ହାସଲ କରିଥିଲା। ଜବାବରେ କେସୁରା ଦଳ ୮.୩ ଓଭରରେ ମ୍ୟାଚଟିକୁ ଅତି ରୋମାଞ୍ଚକ ଭାବରେ ବିଜୟୀ ଲାଭ କରିଥିଲା। ସେହିପରି ଦ୍ୱିତୀୟ କ୍ୱାଟର ଫାଇନାଲ୍-୪ ଯାଁଳା ଏବଂ ବିଁ କୁଡ଼ିଆ ମଧ୍ୟରେ ମ୍ୟାଚ ହୋଇଥିଲା। ପ୍ରଥମେ ଟଟ୍ ଜିତି ଯାଁଳା ଟିମ୍ ବ୍ୟାଟିଂ ଆରମ୍ଭ କରିଥିଲା। ଦଳ ନିର୍ଦ୍ଧାରିତ ୧୫ଓଭରରେ ଖେଳ ଶେଷସୁଧା ୨୪୫ରନ୍ ବିନିମୟରେ ୬ଉଇକେଟ ହାସଲକରିଥିଲା। ଜବାବରେ ବିଁ କୁଡିଆ ଦଳ ୧୫ ଓଭରରେ ୧୯୩ ରନ୍ ବିନିମୟରେ ୭ଉଇକେଟ ହାସଲ କରି ଦଳ ପରାଜୟ ହୋଇଥିଲା। ପ୍ରତାପ ବେହେରା ୩୫ ବଲରେ ୧୦୬ ରନ୍ ସଂଗ୍ରହ କରି ୨ ଉଇକେଟ୍ ହାସଲ କରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ।

ଏମ୍ସ ଭୁବନେଶ୍ୱରରେ ଡାକ୍ତର ଅଶୋକ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର (ପିପିଏସ୍): ଏମ୍ସ ଭୁବନେଶ୍ୱରର ପ୍ରତିଷ୍ଠାତା ନିର୍ଦ୍ଦେଶକ ପ୍ରଫେସର ଡ. ଅଶୋକ କୁମାର ମହାପାତ୍ରଙ୍କ ଅକାଳ ବିୟୋଗରେ ମଙ୍ଗଳବାର ଏମସ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ, ଡିନ୍ ଡ. ଦିଲ୍ଲୀପ କୁମାର ପରିଡ଼ା, ଡ. ମାନସିନୀ ମଙ୍ଗରାଜ, ମେଡିକାଲ୍ ଅଧୀକ୍ଷକ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ ଏବଂ ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ୍ ସରକାର ପ୍ରମୁଖ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏସନ୍‌ର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର (ପିପିଏସ୍): ଭୁବନେଶ୍ୱରରେ ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍‌ର ନବମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଲୋହିଆ ଏକାଡେମୀଠାରେ ଖୋର୍ଦ୍ଧା ଜିଲ୍ଲା କମିଟି ପକ୍ଷରୁ ଆୟୋଜିତ ଏହି ସମାବେଶରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶତାଧିକ ପେନସନଭୋଗୀ ଯୋଗଦେଇଥିଲେ। ରାଜ୍ୟ ସଭାପତି ଙ୍କ. ବିଜୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ସାମ୍ବାଦିକ ପ୍ରଦୋଷ କୁମାର ପଟ୍ଟନାୟକ, ଶ୍ରମିକ ନେତା ଜନାର୍ଦ୍ଦନ ପତି ଓ ମୁଖ୍ୟ ଉପଦେଷ୍ଟା ରଞ୍ଜନ କୁମାର ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ। ସର୍ବନିମ୍ନ ମାସିକ ପେନସନ୍ ୯ ହଜାର ଟଙ୍କାକୁ ବୃଦ୍ଧି, ମହଙ୍ଗା ଭତ୍ତା ପ୍ରଦାନ, ନିଶୁଳ୍କ ଚିକିତ୍ସା ସୁବିଧା ଏବଂ ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ ଯୋଗ୍ୟ ପେନସନଭୋଗୀଙ୍କୁ ଉଚ୍ଚତର ପେନସନ ପ୍ରଦାନ ଆଦି ଉପରେ ଆଲୋଚନା ହୋଇଥିଲା। ସଂଗଠନର ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା କହିଥିଲେ ଯେ, ୨୦୧୮ରୁ ସଂଗଠନ ଗଠନ ହେବା ପରଠାରୁ ପେନସନଭୋଗୀଙ୍କ ଦାବି ପୂରଣ ପାଇଁ ନିରନ୍ତର ଆନ୍ଦୋଳନ ଓ ଦାବିପତ୍ର ପ୍ରଦାନ କରାଯାଉଥିଲେ ମଧ୍ୟ ଏଯାଏଁ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଆଗାମୀ ଦିନରେ ନିଜ ଦାବି ହାସଲ ପାଇଁ ଆନ୍ଦୋଳନକୁ ଗାଁଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଆହୁରି ତୀବ୍ର କରାଯିବ ବୋଲି ସଭାରେ ନିଷ୍ପତ୍ତି ହୋଇଛି। ଏଥିସହ ଆସନ୍ତା ଡିସେମ୍ବର ୧୫ ଓ ୧୬ ତାରିଖରେ ନୂଆଦିଲ୍ଲୀରେ ହେବାକୁ ଥିବା ସର୍ବଭାରତୀୟ ଆନ୍ଦୋଳନରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ପ୍ରତିନିଧି ଯୋଗଦେବେ ବୋଲି ସମ୍ମତି ପ୍ରକାଶ ପାଇଛି।

ଦୁର୍ଘଟଣା ଘଟାଇଥିବା ଚାଳକକୁ ଗିରଫବେଳେ ପୁଲିସକୁ ଆକ୍ରମଣ

ଭୁବନେଶ୍ୱର (ପିପିଏସ୍): ଦୁର୍ଘଟଣା ଘଟାଇ ଫେରାର ଥିବା ଡ୍ରାଇଭରକୁ ଗିରଫ ବେଳେ ଆକ୍ରମଣର ଶିକାର ହୋଇଛି ପୁଲିସ। ଅଭିଯୁକ୍ତର ପରିବାର ଲୋକେ ମିଶି ତଦନ୍ତକାରୀ ଅଧିକାରୀଙ୍କୁ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ବେହେରା ସାହି ଛକରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୁକ୍ତକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଟକ ଜିଲ୍ଲା ବୈଦେଶ୍ୱର ଥାନା ଅନ୍ତର୍ଗତ ନୂଆଗାଁର ଗୋବିନ୍ଦ ବେହେରା (୩୦)।

ପୁଲିସ ସୂଚନାନୁସାରେ, ଗତମାସ ୧୦ ତାରିଖ ସକାଳେ ରେଞ୍ଜାଇ କଲୋନୀର ଲକ୍ଷ୍ମୀଧର ମହାରଣାଙ୍କ ପୁଅ ରୁଦ୍ର ଶଙ୍କର ମହାରଣା ସାଇକେଲ ଯୋଗେ ଅଫିସକୁ ଯାଉଥିଲେ। ଏକାମ୍ର କାନନ ନୂଆ ରାସ୍ତାର ଇନ୍ଦିରା ଗାନ୍ଧୀ ଫାର୍ମାସୀ କଲେଜ ଅତିକ୍ରମ କରୁଥିବା ବେଳେ କାରରେ ଆସୁଥିବା ଗୋବିନ୍ଦ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। କ୍ୟାପିଟାଲ ହସ୍ପିଟାଲରେ ଡାକ୍ତର ରୁଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଲକ୍ଷ୍ମୀଧରଙ୍କ ଅଭିଯୋଗକ୍ରମେ ମୈତ୍ରୀ ବିହାର ଥାନା ପୁଲିସ ମାମଲା ରୁଜୁ କରିଥିଲା। ସିସିଟିଭି ଫୁଟେଜ ଯାଞ୍ଚ କରି ଗାଡ଼ି ଓ ଚାଳକ ଗୋବିନ୍ଦକୁ ଚିହ୍ନଟ କରିଥିଲା।

ଗତକାଲି ବେହେରା ସାହି ଛକରେ ପିସିଆର୍ କର୍ମଚାରୀ ଗୋବିନ୍ଦର କାରକୁ ଅଟକାଇ ମୈତ୍ରୀ ବିହାର ଥାନାକୁ ଖବର ଦେଇଥିଲେ। ଥାନାର ତଦନ୍ତକାରୀ ଅଧିକାରୀ ତଥା ଏଏସ୍ ?ଆଇ ପ୍ରଦୀପ କୁମାର ପତି ଘଟଣାସ୍ଥଳରେ ପହଞ୍ଚି ଗାଡ଼ିର ମାଲିକ ତଥା ଚାଳକ ଗୋବିନ୍ଦକୁ ଗାଡ଼ି ସହ ଥାନାକୁ ଆସି ତଦନ୍ତରେ ସହଯୋଗ କରିବାକୁ କହିଥିଲେ। କିନ୍ତୁ ଗୋବିନ୍ଦ, ତାଙ୍କ ପତ୍ନୀ ସସ୍ମିତା ଖଟେଇ ଓ ପରିବାରର ଅନ୍ୟ ସଦସ୍ୟମାନେ ଘଟଣାସ୍ଥଳରେ ପୁଲିସକୁ ଗାଳିଗୁଲଜ କରିବା ସହ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ଗୋବିନ୍ଦକୁ ପୁଲିସ ହେପାଜତକୁ ନେବା ସମୟରେ ତାଙ୍କ ଶାଶୁ ତଦନ୍ତକାରୀ ଅଧିକାରୀଙ୍କୁ ଆକ୍ରମଣ କରିଥିଲେ ଓ ତାଙ୍କ ଭଉଣୀ ବୋଲି ଟଣାଓଟରା କରିଥିଲେ।

ଏଏସ୍‌ଆଇ ପ୍ରଦୀପ ଏନେଇ ନୂଆପଲ୍ଲୀ ଥାନା ପୁଲିସ ମାମଲା ରୁଜୁ କରି ଗୋବିନ୍ଦକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେପଟେ ମୈତ୍ରୀ ବିହାର ଦୁର୍ଘଟଣା ମାମଲାରେ ପୁଲିସ ରିମାଣ୍ଡ ଆବେଦନ କରିବ।

ଡମଣା ହାଟରେ ଶୀତଳ ଭଣ୍ଡାର ଉଦ୍‌ଘାଟିତ



ଭୁବନେଶ୍ୱର(ପିପିଏସ୍): ଡମଣା ହାଟରେ ଶୀତଳ ଭଣ୍ଡାରର ଉଦ୍‌ଘାଟନ ଓ ପାର୍କିଂ ସ୍ଥଳର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଯୁବନେତା ମନୋଜ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ଯୋଗଦେଇ ଶୀତଳ ଭଣ୍ଡାରର ଉଦ୍‌ଘାଟନ କରିବା ସହ ଭିତ୍ତିପ୍ରସ୍ତର କାର୍ଯ୍ୟର ଉଦ୍‌ଘାଟନ କରିଥିଲେ। ୨୫ ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ନିର୍ମିତ ସୌରଚାଳିତ ଶୀତଳଭଣ୍ଡାରର ୧୦ ମେଟ୍ରିକ୍ ଟନର କ୍ଷମତା ରହିଛି। ଯାହାଦ୍ୱାରା ବ୍ୟବସାୟୀମାନେ ବଳକା ପରିବାକୁ ସୁରକ୍ଷିତ ରଖି ପାରିବେ। ସେହିପରି ୧ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ୧ ଏକର ପରିମିତ ଜାଗାରେ ପାର୍କିଂ ସ୍ଥଳ ନିର୍ମାଣ କରାଯିବ। ତଳେ ପେଭରବ୍ଲକ ପଡିବା ସହ ଚତୁପାର୍ଶ୍ୱରେ ସୁରକ୍ଷା ପାଇଁ ପାଚେରୀ ନିର୍ମାଣ କରାଯିବ। ଏଥିରେ ପ୍ରାୟ ୫୦୦ ଚାରିଚକିଆ ଓ ଦୁଇ ଚକିଆ ଗାଡି ରହି ପାରିବ। ୪ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବାର ସମୟ ସୀମା ରହିଛି। ଡମଣା ହାଟରେ ଦୀର୍ଘ ଦିନ ଧରି ଗାଡି ପାର୍କିଂ ସମସ୍ୟା ରହିଥିଲା। ବ୍ୟବସାୟୀ ଓ ଗ୍ରାହକମାନେ ବାଧ ହୋଇ ରାସ୍ତା ଉପରେ ଗାଡି ପାର୍କିଂ କରୁଥିବା ବେଳେ ବିଭିନ୍ନ ସମୟରେ ଗାଡି ମଧ୍ୟ ଚୋରି ହେଉଥିଲା। ପାର୍କିଂ ସ୍ଥଳ ନିର୍ମାଣ ହେଲେ ଏସବୁ ସମସ୍ୟା ଦୂର ହେବ ବୋଲି ଲୋକମାନେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ହାଟର ସଭାପତି ଦେବେନ୍ଦ୍ର କୁମାର ସାହୁ, ସମ୍ପାଦକ ମନୋରଞ୍ଜନ ଦାଶ, ଜ୍ୟୋତିକାନ୍ତ ବେହେରା, ତୁଷାର ପ୍ରସାଦ ସାହୁ, ପ୍ରଫୁଲ କୁମାର ଭୂୟାଁ ଓ ସମସ୍ତ ବ୍ୟବସାୟୀ ଉପସ୍ଥିତ ଥିଲେ।

ଜୁଆ ଆଡ୍ଡାରେ ଚଢ଼ଉ, ୪ ଜୁଆଡ଼ି ଗିରଫ

ଭୁବନେଶ୍ୱର (ପିପିଏସ୍): ରାଜଧାନୀ ଭୁବନେଶ୍ୱରର କେଦାରପଲ୍ଲୀ ବସ୍ତିରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢ଼ଉ କରିଛି କ୍ୟାପିଟାଲ ଥାନା ପୁଲିସ। ଏହି ଚଢ଼ଉବେଳେ ୪ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଅଭିଯୁକ୍ତ ହେଉଛନ୍ତି ପିଏଚଡି ବସ୍ତିର ପ୍ରଫୁଲ୍ଲ ନାୟକ (୫୧), କେଦାରପଲ୍ଲୀ ବସ୍ତିର ଦିଲୁ ନାୟକ (୪୪), ଶରତ ନାୟକ (୫୦) ଓ ଚନ୍ଦନ କୁମାର ନାୟକ (୩୮) ବୋଲି ଜଣାପଡ଼ିଛି।

ପୁଲିସ ସୂଚନାନୁଯାୟୀ, ଗତକାଲି ରାତିରେ ବାପୁଜୀ ନଗର ଅଞ୍ଚଳରେ ଜୁଆ ଖେଳ ହେଉଥିବା ନେଇ କ୍ୟାପିଟାଲ ଥାନା ପୁଲିସ ଖବର ପାଇଥିଲା। ଏ ନେଇ ଥାନାର ଏକ ଟିମ୍ ଗଠନ କରାଯାଇ କେଦାରପଲ୍ଲୀ ବସ୍ତିରେ ଥିବା ଜନଜ୍ୟୋତି କ୍ଲବ୍ ନିକଟ ଓଭରବ୍ରିଜ୍ ତଳେ ଚଢ଼ଉ କରାଯାଇଥିଲା। ଚଢ଼ଉବେଳେ ଜୁଆ ଖେଳୁଥିବା ଲୋକେ ଟଙ୍କା ଓ ମୋବାଇଲ୍ ଛାଡ଼ି ଫେରାର ହେବାକୁ ଉଦ୍ୟମ କରିଥିଲେ। ପୁଲିସ ସେମାନଙ୍କୁ ଘେରି ଯିବାରୁ ୪ ଜଣ ଅଭିଯୁକ୍ତ ଖସି ପଳାଇବା ପାଇଁ ପୁଲିସକୁ ଧସ୍ତାଧସ୍ତି କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ଧମକଚମକ ଦେଇଥିଲେ। ତେବେ ସେମାନଙ୍କ ମଧ୍ୟରୁ ପୁଲିସ ୪ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲା। ଧରାପଡ଼ିଥିବା ଅଭିଯୁକ୍ତମାନଙ୍କୁ ଯାଞ୍ଚ କରିବାବେଳେ ଘଟଣାସ୍ଥଳରୁ ଜୁଆ ଖେଳରେ ଲାଗିଥିବା ନଗଦ ୨୪ ହଜାର ଟଙ୍କା, ୨ଟି ସ୍ମାର୍ଟଫୋନ୍, ତାସ୍ ପ୍ୟାକେଟ୍ ଓ ବସିବା ପାଇଁ ଥିବା ଆସନ ଜବତ ହୋଇଥିଲା। ପ୍ରଫୁଲ୍ଲ ଓ ଦିଲୁ ନାମରେ କ୍ୟାପିଟାଲ୍ ଥାନାରେ ପୂର୍ବରୁ ଏକାଧିକ ଅପରାଧିକ ମାମଲା ଥିବା ଜଣାପଡ଼ିଥିଲା।

ଛାତ୍ରୀଙ୍କୁ ଅସଦାଚରଣ କରି ଶିକ୍ଷକ ଜେଲ୍‌ରେ

ଭୁବନେଶ୍ୱର (ପିପିଏସ୍): ଶ୍ରୀଲିଙ୍ଗରାଜ ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଅସଦାଚରଣ ମାମଲାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ଆଡହକ ଆଡିସନାଲ୍ ସେସନ୍ସ ଜଜ୍ ଫାଷ୍ଟ ଟ୍ରାକ୍ ସ୍ପେଶାଲ୍ କୋର୍ଟ -୨ ପୋକସୋ ଅଦାଲତର ବିଚାରପତି ଜ୍ଞାନରଞ୍ଜନ ମହାନ୍ତି ଘଟଣା ସହିତ ସଂପୃକ୍ତ ମୋଟ ୮ ଜଣ ସାକ୍ଷୀଙ୍କ ଜମାନବନ୍ଦୀ ଓ ୫ ଗୋଟି ପ୍ରାସଙ୍ଗିକ ଦସ୍ତାବିଜ ଆଧାରରେ ମାମଲାର ବିଚାର ସାରିଥିଛନ୍ତି। ଆଇପିସିର ଧାରା ୩୫୪, ୩୫୪(କ) ଓ ପୋକସୋ ଆଇନର ଧାରା ୮ ଆଧାରରେ ଅବସରପ୍ରାପ୍ତ ଶିକ୍ଷକ କେଳୁଚରଣ ପାଣିଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ୩ ବର୍ଷର ସଶ୍ରମ କାରାଦଣ୍ଡ ଏବଂ ପୀଡ଼ିତାଙ୍କୁ ଦେବା ପାଇଁ ୧୦ ହଜାର ଟଙ୍କା ଜୋରିମନା ଆଦେଶ ଶୁଣାଇଛନ୍ତି। ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୧ ମାସର ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତୀତ ନାବାଳିକା ପୀଡ଼ିତାଙ୍କୁ ୫ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ରାଜୀବ ଶାସମଲ ଏହି ମାମଲାକୁ ପରିଚାଳନା କରିଥିଲେ।

ପୁଲିସ ସୂଚନାନୁଯାୟୀ, ଶିକ୍ଷକ କେଳୁଚରଣ ପାଣି ଅବସର ପରେ ପୁରୁଣା ଭୁବନେଶ୍ୱର ସ୍ଥିତ ଘରେ ଟ୍ୟୁସନ୍ କରୁଥିଲେ। ଜଣେ ଦଶମ ଶ୍ରେଣୀ ଛାତ୍ରୀ ତାଙ୍କ ଘରକୁ ଇଂରାଜୀ ଟ୍ୟୁସନ ପଢ଼ିବାକୁ ଯାଉଥିଲେ। ୨୦୨୩ ସେପ୍ଟେମ୍ବର ୩ ତାରିଖ ସକାଳ ପ୍ରାୟ ୧୦ ଟାରେ ଟ୍ୟୁସନ ଛୁଟି ହେବା ପରେ ଅନ୍ୟ ପିଲାମାନେ ପଳାଇଥିଲେ କିନ୍ତୁ ପୀଡ଼ିତା ଏକୁଟିଆ ବସି ନିଜର ନୋଟସ୍ ଲେଖୁଥିଲେ। କେଳୁଚରଣ ଏହାର ସୁଯୋଗ ନେଇ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ନାବାଳିକା ଜଣକ ବିରୋଧ କରି ସେଠାରୁ ଖସି ଆସିଥିଲେ। ଭୟଭୀତ ହୋଇ ପୀଡ଼ିତା କାନ୍ଦି କାନ୍ଦି ଘରକୁ ଫେରି ନିଜ ପିତାମାତାଙ୍କୁ ସବୁ କଥା ଜଣାଇବା ଶ୍ରୀ ଲିଙ୍ଗରାଜ ଥାନାରେ ଏତଲା ଦେଇଥିଲେ। ଥାନାର ଇନ୍ସପେକ୍ଟର ରାମହରି ସେଠୀ ଏହି ମାମଲାର ତଦନ୍ତ କରି କେଳୁଚରଣଙ୍କୁ ଗିରଫ କରିବା ସହ ତାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଏଆଇଏନ୍‌ୟୁର ଅତ୍ୟାଧୁନିକ କିଡନୀ ଓ ୟୁରୋଲୋଜି ହସ୍ପିଟାଲ୍ ଉଦ୍‌ଘାଟିତ



ଭୁବନେଶ୍ୱର (ପିପିଏସ୍): ଏସିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ନେଫ୍ରୋଲୋ

cmyk



କଟକ ୦୫-୧୧-୨୦୨୬ ପୃଷ୍ଠା: ୧୦

ଭାରତ ପାଇଁ ଖୋଲା ଅଛି ହର୍ମୁଜ୍ ଗେଟ୍ : ଇରାନ



ନୂଆଦିଲ୍ଲୀ : ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ରଣନୈତିକ ଉତ୍ତେଜନା ଏବଂ ହରମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ଉପରେ କଠୋର କଟକଣା ମଧ୍ୟରେ, ତେହେରାନ ଭାରତକୁ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ଏବଂ ଆର୍ଥିକ ଆଶ୍ୱସ୍ତି ପ୍ରଦାନ କରିଛି। ଇରାନ ଏହି ରଣନୈତିକ ସମୁଦ୍ର ମାର୍ଗ ଦେଇ ଜାହାଜ ଚଳାଚଳ ପାଇଁ ଭାରତ, ଚୀନ୍, ଇରାକ ଏବଂ କାତାରକୁ ସ୍ୱତନ୍ତ୍ର ଛାଡ ପ୍ରଦାନ କରିଛି । ବିଶ୍ୱ ଶକ୍ତି ସଙ୍କଟ ଏବଂ ଯୋଗାଣ ଶୃଙ୍ଖଳା ବିଭ୍ରାଟ ନେଇ ଚିନ୍ତା ମଧ୍ୟରେ ଏହି ନିଷ୍ପତ୍ତି ହରମୁଜ୍ ପ୍ରଣାଳୀ ଦେଇ ଭାରତୀୟ ତୈଳ ଏବଂ ବାଣିଜ୍ୟିକ ଜାହାଜ ପାଇଁ ସୁରକ୍ଷିତ ପଥ ପ୍ରଦାନ କରିଛି। ଇରାନ ସଂସଦର ଜାତୀୟ ସୁରକ୍ଷା ଏବଂ ବୈଦେଶିକ ନୀତି କମିଟିର ଉପାଧ୍ୟକ୍ଷ ଆମିର ହାୟାତ ମୋକାଦ୍ଦାମଙ୍କ ବିବୃତ୍ତି ଏବଂ କୂଟନୈତିକ ସୂତ୍ର ଅନୁଯାୟୀ, ତେହେରାନ ଏହି କଟକଣାରୁ କିଛି ରଣନୈତିକ ଅଂଶୀଦାରଙ୍କୁ ମୁକ୍ତ କରିଛି। କାତାରକୁ ମାଗଣା ପଥ ପ୍ରଦାନ କରାଯାଇଥିବା ବେଳେ, ଟ୍ରାନଜିଟ୍ ଫି ଏବଂ ସ୍ୱତନ୍ତ୍ର ରଣନୈତିକ ଚୁକ୍ତିନାମା ଅଧୀନରେ ଭାରତ ଏବଂ ଚୀନ ପାଇଁ କରିଡର ଖୋଲାଯାଇଛି। ଏହି ଛାଡ ବଦଳରେ ଭାରତର ଅତ୍ୟାବଶ୍ୟକ ଔଷଧ ଯୋଗାଣ ଏବଂ କୂଟନୈତିକ ସମର୍ଥନ ସୁରକ୍ଷିତ କରିବା ପାଇଁ ଇରାନ ଏକ ରଣନୀତି ଉପରେ କାମ କରୁଛି।

କୂଟନୈତିକ ମହଲରେ, ଏହି ପ୍ରମୁଖ ନିଷ୍ପତ୍ତିକୁ ଭାରତୀୟ ନୌସେନା ଏବଂ ବାୟୁସେନା ଦ୍ୱାରା ସାମ୍ପ୍ରତିକ ଏକ ସାହସିକ ଉଦ୍ଧାର ଅଭିଯାନ ସହିତ ମଧ୍ୟ ଯୋଡାଯାଉଛି । ଭାରତୀୟ ସୁରକ୍ଷା ବାହିନୀ ସମ୍ପ୍ରତି ଗଭୀର ସମୁଦ୍ରରେ ଫସି ରହିଥିବା ୨୦ ଜଣ ଇରାନୀ ନାବିକଙ୍କୁ ଉଦ୍ଧାର କରିଛି, ଯାହା ଦୁଇ ଦେଶ ମଧ୍ୟରେ ମାନବିକ ଏବଂ କୂଟନୈତିକ ବିଶ୍ୱାସକୁ ସୁଦୃଢ଼ କରିବାରେ ଏକ ପରିବର୍ତ୍ତନ ଭାବରେ ଦେଖାଯାଉଛି । ଭାରତର ଅଶୋଧିତ ତୈଳର ଏକ ବଡ଼ ଅଂଶ ଏହି ସଂକୀର୍ଣ୍ଣ ସମୁଦ୍ର ପଥ ଦେଇ ଯାଏ, ତେଣୁ ତେହରାନର ଏହି ପଦକ୍ଷେପକୁ ଭାରତର ଶକ୍ତି ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । ହର୍ମୁଜ୍ ପ୍ରଣାଳୀ ବିଶ୍ୱ ଶକ୍ତି ଯୋଗାଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥ। ବିଶ୍ୱର ଅଶୋଧିତ ତୈଳ ଏବଂ ଗ୍ୟାସର ଏକ ବଡ଼ ଅଂଶ ଏହା ଦେଇ ଗତି କରେ। ତେଣୁ, ପରିବହନରେ କୌଣସି ପ୍ରତିବନ୍ଧକ କିମ୍ବା ବାଧା ଆନ୍ତର୍ଜାତୀୟ ତୈଳ ବଜାର ଏବଂ ଯୋଗାଣ ଶୃଙ୍ଖଳାକୁ ପ୍ରଭାବିତ କରିପାରେ। ଏହି ମାର୍ଗ ଭାରତର ଶକ୍ତି ସୁରକ୍ଷା ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

ଜମ୍ମୁ-କାଶ୍ମୀର ରାଜକୁମାରଙ୍କ ରିସେପ୍ସନରେ ଯୋଗଦେଲେ ପ୍ରଧାନମନ୍ତ୍ରୀ ମୋଦୀ



ନୂଆଦିଲ୍ଲୀ: ଜମ୍ମୁ-କାଶ୍ମୀରର ରାଜପରିବାରର ରାଜକୁମାର ମାର୍ତ୍ତଣ୍ଡ ସିଂହ ଏବଂ ରିଆ ବାଦଲଙ୍କ ବିବାହ ଉତ୍ସବକୁ ନେଇ ଚର୍ଚ୍ଚା ଜୋର ଧରିଛି। ଯୁବରାଜ ବିକ୍ରମାଦିତ୍ୟ ସିଂହ ଏବଂ ଚିତ୍ରାଙ୍ଗଦା ରାଜେଙ୍କ ପୁଅ ରାଜକୁମାର ମାର୍ତ୍ତଣ୍ଡ, ପଞ୍ଜାବର ପୂର୍ବତନ ଅର୍ଥମନ୍ତ୍ରୀ ତଥା ବିଜେପି ଜାତୀୟ ଉପସଭାପତି ମନପ୍ରୀତ ସିଂହ ବାଦଲଙ୍କ ଝିଅ ରିଆଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ନଭେମ୍ବର ୩ ତାରିଖ ସନ୍ଧ୍ୟାରେ ନୂଆଦିଲ୍ଲୀଠାରେ ଏକ ଭବ୍ୟ ରିସେପ୍ସନ୍ ଆୟୋଜିତ ହୋଇଥିଲା। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ ଓ ଶୁଭେଚ୍ଛା ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ସାଧାରଣ ଧଳା କୁର୍ତ୍ତା, ଚୁଡ଼ିଦାର ଏବଂ ହାଫ୍ ଜାକେଟ୍ ପରିଧାନ କରି ପହଞ୍ଚିଥିଲେ। ଏହି ଉତ୍ସବରେ କନ୍ୟା ରିଆ ବାଦଲ ଏକ ଲାଲ୍ ରଙ୍ଗର ଲେହେଙ୍ଗା, ଦୁଇଟି ଦୁପଟ୍ଟା ଏବଂ ପାରମ୍ପରିକ ଗହଣା ପିନ୍ଧି ରାଜକୀୟ ଅନ୍ଦାଜରେ ନଜର ଆସିଥିଲେ। ସେହିପରି ବର ରାଜକୁମାର ମାର୍ତ୍ତଣ୍ଡ ସିଂହ ମଧ୍ୟ ଲାଲ୍ ଏବଂ ସୁନେଲି ରଙ୍ଗର ଶେରୱାନୀ, ମାଳା ଏବଂ ପଗଡ଼ି ପିନ୍ଧି ସମ୍ପୂର୍ଣ୍ଣ ରାଜପୁତାନା ଲୁକରେ ବେଶ୍ ଆକର୍ଷଣୀୟ ଦେଖାଯାଉଥିଲେ। ଏହି ଗ୍ରାଣ୍ଡ ରିସେପ୍ସନ୍ରେ ଡକ୍ଟର କରଣ ସିଂହଙ୍କ ପରିବାର ସମେତ ଦେଶର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ରାଜନେତା ଯୋଗ ଦେଇଥିଲେ।

ପ୍ରଶାନ୍ତ ଭୂଷଣଙ୍କ ଅଡୁଆ ବଢ଼ିଲା



ନୂଆଦିଲ୍ଲୀ : ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ପୁଣିଥରେ ଏକ ବଡ଼ ବିବାଦରେ ଛନ୍ଦି ହୋଇଯାଇଛନ୍ତି । ରୁଷର ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭଙ୍କର ଏକ ଭାଷଣ ସମ୍ବନ୍ଧୀୟ ଜାଲ୍ ଏବଂ ଏଆଇ ଜନିତ କଥିତ ଭିଡିଓ ସୋସିଆଲ ମିଡିଆରେ ସେୟାର କରିବା ଅଭିଯୋଗରେ ଦିଲ୍ଲୀ ପୁଲିସ ତାଙ୍କ ବିରୋଧରେ ଏଫ୍.ଆଇ.ଆର୍. ଦାଖଲ କରିଛି।

ବୁଧବାର ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଗତ ନଭେମ୍ବର ୩ ତାରିଖରେ ସାଇବର ପେଟ୍ରୋଲିଂ ବେଳେ ଏହି ମାମଲା ସାମ୍ନାକୁ ଆସିଥିଲା । ସୋସିଆଲ ମିଡିଆ ହ୍ୟାଣ୍ଡେଲ ଦାବି କରିଥିଲା ଯେ ପ୍ରଶାନ୍ତ ଭୂଷଣ ନିଜର ଅଫିସିଆଲ୍ 'ଏକ୍ସ' ହ୍ୟାଣ୍ଡେଲ 'ଅକ୍ରୁଭଷଙ୍କପ୍ଷଷବଭ୧' ଜରିଆରେ ରୁଷର ବୈଦେଶିକ ମନ୍ତ୍ରୀଙ୍କର ଏକ ତ୍ରୁଟିପୂର୍ଣ୍ଣ ଭାବେ ରୂପାନ୍ତରିତ ଭିଡିଓ ସେୟାର କରିଛନ୍ତି। ଏହି ଭିଡିଓ ଜରିଆରେ ଭାରତ ବିରୋଧୀ ଏବଂ ଭ୍ରମାତ୍ମକ ସୂଚନା ପ୍ରସାର କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା ।

ପ୍ରଶାନ୍ତ ଭୂଷଣ ନିଜର ଏକ୍ସ ଆକାଉଣ୍ଟରେ ରୁଷର ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭଙ୍କ ଭିଡିଓ କ୍ଲିପ୍ ସେୟାର କରିବା ସହ ଏକ ମନ୍ତବ୍ୟ ଲେଖିଥିଲେ । ସେ କ୍ୟାପ୍ସନରେ ଉଲ୍ଲେଖ କରିଥିଲେ ଯେ, 'ରୁଷର ବୈଦେଶିକ ମନ୍ତ୍ରୀଙ୍କ ପକ୍ଷରୁ ଭାରତକୁ ଏକ ଜୋରଦାର ଝଟକା । ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ରୁଷକୁ ଶେଷରେ କି ପ୍ରକାର ପରାମର୍ଶ ଦେଉଥିଲେ' ସେହି ଭିଡିଓରେ ରୁଷର ବୈଦେଶିକ ମନ୍ତ୍ରୀ ଲାଭରୋଭ ଭାରତର ଆଭ୍ୟନ୍ତରୀଣ ବ୍ୟାପାର ଏବଂ ରୁଷଠାରୁ ଅଶୋଧିତ ତୈଳ କ୍ରୟ କରିବା ପ୍ରସଙ୍ଗରେ ଭାରତର କଟୁ ସମାଲୋଚନା କରୁଥିବା ଦର୍ଶାଯାଇଥିଲା । ଏହି ଭିଡିଓ ଭାଇରାଲ ହେବା ପରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏବଂ ନୂଆଦିଲ୍ଲୀସ୍ଥିତ ରୁଷୀୟ ଦୂତାବାସ ପକ୍ଷରୁ ଏକ ମିଳିତ ତଥା ସ୍ୱତନ୍ତ୍ର ଫ୍ୟାକ୍ଟ-ଚେକ୍ କରାଯାଇଥିଲା । ଉଭୟ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଯେ ଏହି ଭିଡିଓଟି ସମ୍ପୂର୍ଣ୍ଣ ଭାବେ ଜାଲ୍, ଭ୍ରମାତ୍ମକ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଜରିଆରେ ପ୍ରସ୍ତୁତ କରାଯାଇଛି । ବାସ୍ତବରେ ରୁଷର ବୈଦେଶିକ ମନ୍ତ୍ରୀ ଏପରି କୌଣସି ମନ୍ତବ୍ୟ ଦେଇ ନାହାଁନ୍ତି।

ଲଢ଼ିବିନି ନିର୍ବାଚନ, ସିଧା ନେବି ସିଏମ୍ ଶପଥ : ଅଖିଳେଶ ଯାଦବ



ନୂଆଦିଲ୍ଲୀ : ସମାଜବାଦୀ ପାର୍ଟି (ଏସ୍ପି) ସୁପ୍ରିମୋ ତଥା ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ଆଗାମୀ ୨୦୨୭ ବିଧାନସଭା ନିର୍ବାଚନକୁ ନେଇ ଏକ ବଡ଼ ରାଜନୈତିକ ଘୋଷଣା କରିଛନ୍ତି। ମଙ୍ଗଳବାର ବାରାଣସୀ ଗସ୍ତ ସମୟରେ ଖବରଦାତାମାନଙ୍କ ସହ ଆଲୋଚନା କରିବା ବେଳେ ସେ ସ୍ପଷ୍ଟ କରିଛନ୍ତି ଯେ ସେ ୨୦୨୭ ବିଧାନସଭା ନିର୍ବାଚନ ନିଜେ ଲଢ଼ିବେ ନାହିଁ, ବରଂ ନିର୍ବାଚନ ଜିତି ସିଧାସଳଖ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବେ। ଯେତେବେଳେ ଖବରଦାତାମାନେ ଅଖିଳେଶ ଯାଦବଙ୍କୁ ପ୍ରଶ୍ନ କରିଥିଲେ ଯେ ସେ ୨୦୨୭ରେ ଯୁପିର କୌଣସି ଆସନରୁ ନିର୍ବାଚନ ମଇଦାନକୁ ଓହ୍ଲାଇବେ କି, ସେତେବେଳେ ସେ ଭିନ୍ନ ଅନ୍ଦାଜରେ ଜବାବ ଦେଇଥିଲେ। ଏସ୍ପି ଅଧ୍ୟକ୍ଷ କହିଥିଲେ, "ଆମେ ସେତେବେଳେ ମୁଖ୍ୟମନ୍ତ୍ରୀ ହେଉ, ଯେତେବେଳେ ନିର୍ବାଚନ ଲଢୁ ନାହୁଁ। ତେଣୁ ସେୟା କରିବୁ ଯାହା ଆମ ପାଇଁ ଶୁଭ ଅଟେ।" ଅଖିଳେଶ ୨୦୧୨ ନିର୍ବାଚନର ଉଦାହରଣ ଦେଇ ମନେ ପକାଇ ଦେଇଥିଲେ ଯେ ସେହି ସମୟରେ ମଧ୍ୟ ସେ କନ୍ନୌଜରୁ ଲୋକ ସଭା ସାଂସଦ ଥିଲେ ଏବଂ ବିଧାନସଭା ନିର୍ବାଚନଲଢ଼ି ସିଧାସଳଖ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେ କହିଥିଲେ ଯେ ଏଥର ମଧ୍ୟ ସେ ଲୋକସଭାରେ ଥାଇ ସିଧାସଳଖ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବେ।

ଏଲ୍‌ନିନୋ ପ୍ରଭାବ: ମାର୍ଚ୍ଚ ପର୍ଯ୍ୟନ୍ତ ଚାଉଳ ମହଙ୍ଗା ରହିବ




ନୂଆଦିଲ୍ଲୀ: ଏଲ୍‌ନିନୋ ପ୍ରଭାବରେ ବିଶ୍ୱରେ ଚାଉଳ ଉତ୍ପାଦନ କମିବା ଆଶଙ୍କା ରହିଛି। ଫଳରେ ଚାଉଳ ଦର ଆସନ୍ତା ୨୦୨୭ ମସିହାର ପ୍ରଥମ ତ୍ରୈମାସିକ (ଜାନୁଆରି-ମାର୍ଚ୍ଚ) ପର୍ଯ୍ୟନ୍ତ ଉଚ୍ଚା ରହିବ। ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆରେ କମ୍ ବର୍ଷା ଯୋଗୁଁ ଧାନ ଚାଷ ପ୍ରଭାବିତ ହେବା ଆଶଙ୍କା ଏହାର ମୁଖ୍ୟ କାରଣ। ଭାରତ ସମେତ ଥାଇଲାଣ୍ଡ, ଭିଏତନାମ, ଇଣ୍ଡୋନେସିଆ, ପାକିସ୍ତାନ ଓ ମାଲେସିଆରେ ଧାନ ଉତ୍ପାଦନ ଉପରେ ଏହାର ପ୍ରଭାବ ପଡ଼ିବ। ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ (ଏଫ୍.ଏଓ) ସହ ଜଡ଼ିତ ଏଗ୍ରିକଲଚରାଲ ମାର୍କେଟିଂ ଇନ୍ଫର୍ମେସନ୍ ସିଷ୍ଟମ୍ (ଏଏମ୍ଆଇଏସ୍) ଆକଳନ ଅନୁସାରେ, ୨୦୨୬-୨୭ ଋତୁରେ ବିଶ୍ୱରେ ଚାଉଳ ଉତ୍ପାଦନ ୧.୪ ପ୍ରତିଶତ କମି ୫୫୨.୪୭ ନିୟୁତ ଟନ୍କୁ ଖସିବ। ଏଲ୍‌ନିନୋ ସମୟରେ ସାଧାରଣତଃ ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆରେ ବର୍ଷା କମ୍ ହୋଇଥାଏ। ଏହି ଅଞ୍ଚଳରେ ବିଶ୍ୱର ଅଧିକାଂଶ ଧାନ ଉତ୍ପାଦନ ହେଉଥିବାରୁ ଏହାର ପ୍ରଭାବ ଅନ୍ତର୍ଜାତୀୟ ବଜାର ଉପରେ ପଡ଼ିବ। ଭାରତରେ ମଧ୍ୟ ଏଲ୍‌ନିନୋ ପ୍ରଭାବରେ ଧାନ ଉତ୍ପାଦନ କମିବା ଆଶଙ୍କା ରହିଛି। ଆମେରିକା କୃଷି ବିଭାଗର ଆକଳନ ଅନୁସାରେ, ଚଳିତ ବର୍ଷ ଭାରତରେ ଚାଉଳ ଉତ୍ପାଦନ ୪.୬ ପ୍ରତିଶତ କମି ୧୪୭ ନିୟୁତ ଟନ୍ ହେବ। ତେବେ ଏଲ୍‌ନିନୋ ଯୋଗୁଁ ଚାଉଳ ଉତ୍ପାଦନ ଉପରେ ଚାପ ପଡୁଥିଲେ ମଧ୍ୟ ବିଶ୍ୱ ବଜାରରେ ଏବେ ସମ୍ପୂର୍ଣ୍ଣ ଚାଉଳ ଅଭାବ ସ୍ଥିତି ସୃଷ୍ଟି ହୋଇନାହିଁ। ଭାରତରେ ପୂର୍ବରୁ ଗଚ୍ଛିତ ଥିବା ଚାଉଳ ମହଜୁଦ ଯୋଗୁଁ ଘରୋଇ ଯୋଗାଣକୁ କିଛି ମାତ୍ରାରେ ସୁରକ୍ଷା ମିଳିବ। କିନ୍ତୁ ଅଧିକ ମାଲ ପରିବହନ ଖର୍ଚ୍ଚ, ବୀମା ଖର୍ଚ୍ଚ ଏବଂ ଆଫ୍ରିକୀୟ ଦେଶଗୁଡ଼ିକରୁ ବଢୁଥିବା ଚାହିଦା ମଧ୍ୟ ଅନ୍ତର୍ଜାତୀୟ ବଜାରରେ ଦର ବୃଦ୍ଧିର ଅନ୍ୟ କାରଣ ହୋଇଛି।

ଆମେରିକୀୟ ସଂସଦରେ ଭାରତୀୟଙ୍କ ଦବ୍‌ଦବା; ବାଜିମାତ୍ କଲେ ପ୍ରିୟା ଡାଣ୍ଡିଆ




ୱାଶିଂଟନ : ଆମେରିକାରେ ମିଡଟର୍ମ ନିର୍ବ୍ୱାଚନର ଫଳାଫଳ ଆସିବା ଆରମ୍ଭ ହୋଇଯାଇଛି । ଏହି ନିର୍ବାଚନର ପ୍ରଭାବ ଭାରତ ଉପରେ ମଧ୍ୟ ପଡ଼ିବାର ଦେଖିବାକୁ ମିଳିବ। ଗଣତି ଚାଲିଛି ଏବଂ ଶୀଘ୍ର ଏହାର ଫଳାଫଳ ଆସିବାକୁ ଲାଗିବ। ଆମେରିକୀୟ ମିଡଟର୍ମ ନିର୍ବ୍ୱାଚନରେ ଭାରତବଂଶୀମାନେ ନିଜର ଉପସ୍ଥିତି ଦର୍ଶାଇଛନ୍ତି। ଆସନ୍ତୁ ଆପଣଙ୍କୁ ସେହି ଭାରତବଂଶୀ ଲୋକଙ୍କ ବିଷୟରେ ଜଣାଇବା, ଯେଉଁମାନେ ବିଜୟ ହାସଲ କରିଛନ୍ତି ଏବଂ ଯେଉଁମାନେ ପରାଜୟର ସମ୍ମୁଖୀନ ହେଉଛନ୍ତି। ରୋ ଖନ୍ନା, ଅମି ବେରା, ପ୍ରମିଳା ଜୟପାଲ ଏବଂ ସୁହାସ ସୁବ୍ରମଣ୍ୟମ ସେହି ଭାରତୀୟ-ଆମେରିକୀୟ ସାଂସଦମାନଙ୍କ ମଧ୍ୟରେ ଅଛନ୍ତି, ଯେଉଁମାନେ ଆମେରିକୀୟ ହାଉସ ଅଫ ରିପ୍ରେଜେଣ୍ଟେଟିଭ୍ସରେ ପୁନର୍ଜ୍ଞାର ନିର୍ବାଚିତ ହେବାକୁ ଚେଷ୍ଟା କରୁଛନ୍ତି। ଏହା ସହିତ ଡେମୋକ୍ରାଟିକ ପାର୍ଟିର ପିୟା ଡାଣ୍ଡିଆ ଏବଂ ଅମିଶ ଶାହା ମଧ୍ୟ ନିର୍ବାଚନ ମଇଦାନରେ ଅଛନ୍ତି।ଫ୍ଲୋରିଡାରୁ ଡେମୋକ୍ରାଟିକ ପ୍ରାର୍ଥୀ ପିୟା ଡାଣ୍ଡିଆ ଜିତିଛନ୍ତି। ପିୟା ଫ୍ଲୋରିଡାର ୨୨ତମ କଂଗ୍ରେସନାଲ ଜିଲ୍ଲାରୁ ବିଜୟ ହାସଲ କରିଛନ୍ତି। ଡିସିଜନ ଡେସ୍କ ଏଚ୍ୟୁ ତାଙ୍କୁ ବିଜେତା ଘୋଷଣା କରିଛି। ପିୟାଙ୍କୁ ପ୍ରାୟ ୫୨.୨ ପ୍ରତିଶତ ଭୋଟ ମିଳିଛି। ଡେମୋକ୍ରାଟିକ ପାର୍ଟିର ସୁହାସ ସୁବ୍ରମଣ୍ୟମ ଏବଂ ଅରୁଣା ମିଲର ମଧ୍ୟ ବିଜୟ ହାସଲ କରିଛନ୍ତି। ଏହି ଦୁହେଁ ପୂର୍ବରୁ ମଧ୍ୟ ନିର୍ବାଚନ ଜିତିସାରିଛନ୍ତି। ଭର୍ଜିନିଆର ୧୦ତମ କଂଗ୍ରେସନାଲ ଜିଲ୍ଲାରେ ସୁବ୍ରମଣ୍ୟମଙ୍କୁ ୬୩ ପ୍ରତିଶତ ଭୋଟ ମିଳିଛି। ପ୍ରତିନିଧି ସଭାରେ ଏହା ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ ହେବ। ୨୦୨୪ ମସିହାରେ ସେ ଭର୍ଜିନିଆରୁ କଂଗ୍ରେସରେ ପହଞ୍ଚିଥିବା ପ୍ରଥମ ଭାରତୀୟ-ଆମେରିକୀୟ ହୋଇଥିଲେ। ମେରାଇଲ୍ୟାଣ୍ଡରେ ଭାରତୀୟ ବଂଶୋଦ୍ଭବ ଅରୁଣା ମିଲର ମଧ୍ୟ ବିଜୟ ହାସଲ କରିଛନ୍ତି। ଜିତିବା ପରେ ସେ ପୁଣିଥରେ ଉପ-ଗଭର୍ନର ପଦବୀରେ ଆସୀନ ହେବେ।

ଦିଲ୍ଲୀରେ ବଢୁଛି ଶୀତ, ବିଷାକ୍ତ ହେଉଛି ପବନ



ନୂଆଦିଲ୍ଲୀ: ରାଜଧାନୀ ଦିଲ୍ଲୀ ସହିତ ଦେଶର ବହୁ ରାଜ୍ୟରେ ପାଣିପାଗରେ ପୁଣି ଦେଖାଦେଇଛି ପରିବର୍ତ୍ତନ। ଅର୍ଣ୍ଣବ ଓ ମୁରାସୁ ବାତ୍ୟାର ପ୍ରଭାବରେ ଦେଶର ଅନେକ ରାଜ୍ୟରେ ବର୍ଷା ହୋଇଥିବା ବେଳେ ଏବେ ଉତ୍ତର ଭାରତରେ ବର୍ଷାର ପ୍ରଭାବ କମିବାକୁ ଲାଗିଛି। ଅନ୍ୟପଟେ ଦକ୍ଷିଣ ଓ ପୂର୍ବ ଭାରତର କିଛି ରାଜ୍ୟରେ ଏବେ ବି ବର୍ଷା ଜାରି ରହିଛି। ଦିଲ୍ଲୀ- ଏନ୍‌ସିଆରରେ ବର୍ଷାର ପ୍ରଭାବ କମିଥିବା ବେଳେ ସକାଳ ଓ ସନ୍ଧ୍ୟା ସମୟରେ ଥଣ୍ଡା ଅନୁଭୂତ ହେଉଛି। ଏହା ସହ ବାୟୁ ପ୍ରଦୂଷଣ ମଧ୍ୟ ଚିନ୍ତା ବଢ଼ାଇଛି। ଅନେକ ଅଞ୍ଚଳରେ ବାୟୁ ଗୁଣବତ୍ତା ସୂଚକାଙ୍କ ଏକ୍ୟୁଆଇ- ୪୦୦ ଅତିକ୍ରମ କରି ଗମ୍ଭୀର ଶ୍ରେଣୀରେ ପହଞ୍ଚିଛି। ନଭେମ୍ବର ୫ରେ ଦିଲ୍ଲୀର ଆକାଶ ମୁଖ୍ୟତଃ ସଫା ରହିବା ସହ ସକାଳେ କିଛି ସ୍ଥାନରେ କୁହୁଡ଼ି ଦେଖାଯାଇପାରେ। ସର୍ବାଧିକ ତାପମାତ୍ରା ୨୭ରୁ ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୧୫ରୁ ୧୭ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିବା ଅନୁମାନ କରାଯାଇଛି। ଏଠାରେ ବର୍ଷା ନେଇ କୌଣସି ଚେତାବନୀ ଜାରି ହୋଇନାହିଁ।ଦିଲ୍ଲୀର ଜାହାଙ୍ଗୀରପୁରୀରେ ଏକ୍ୟୁଆଇ ୪୫୦ ରେକର୍ଡ ହୋଇଥିବା ବେଳେ ଓୱଓ ଦିଲ୍ଲୀରେ ୪୫୩, ଅଲିପୁରରେ ୪୨୨, ଓଞ୍ଜଡରେ ୪୨୧ ଏବଂ ବାୱାନାରେ ୪୧୧ ରହିଛି। ସେହିପରି ଆନନ୍ଦ ବିହାରରେ ୩୦୨ ଓ ଅଶୋକ ବିହାରରେ ୩୪୮ ଇଛଓ ରେକର୍ଡ ହୋଇଛି। ନୋଏଡାର ସେକ୍ଟର-୬୨ରେ ଇଛଓ ୪୨୬ ଏବଂ ସେକ୍ଟର-୧୫୦ରେ ୩୫୧ ରହିଛି। ଗାଜିଆବାଦରେ ମଧ୍ୟ ବାୟୁ ପ୍ରଦୂଷଣ ସ୍ଥିତି ଚିନ୍ତାଜନକ ରହିଛି।

ସପା- କଂଗ୍ରେସକୁ ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ଟାର୍ଗେଟ



ନୂଆଦିଲ୍ଲୀ : ଗୋରଖପୁରରେ 'ଗଣତନ୍ତ୍ର ବଞ୍ଚାଓ, ଅରାଜକତା ହଟାଓ' ପଦଯାତ୍ରା ସମୟରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କଂଗ୍ରେସ ଏବଂ ସମାଜବାଦୀ ପାର୍ଟି ଉପରେ ଖୁବ୍ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି କି, କଂଗ୍ରେସ ସପାର ଉଦ୍ଦେଶ୍ୟ ଭାରତ ଏବଂ ସମ୍ବିଧାନକୁ କାଠଗଡ଼ାରେ ଛିଡ଼ା କରିବାରେ ଅଛି। ଯେଉଁ ସାମ୍ବିଧାନିକ ସଂସ୍ଥା ବଳ ଉପରେ ଦେଶର ଲୋକତନ୍ତ୍ର ଛିଡ଼ା ହୋଇଛି ତାକୁ କମଜୋର କରିବାର ଷଡ଼ଯନ୍ତ୍ରକୁ ଗ୍ରହଣ କରାଯାଇପାରିବ ନାହିଁ। ସିଏମ୍ ଯୋଗୀ ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କୁ ଟାର୍ଗେଟ କରି କହିଛନ୍ତି କି, ସେ ଗଣତନ୍ତ୍ରର ଅର୍ଥ ବୁଝିବା ଆବଶ୍ୟକ । ଗଣତନ୍ତ୍ରରେ ପରିବର୍ତ୍ତନ ନୁହେଁ, ଜନତା ପରିବର୍ତ୍ତନ କରନ୍ତି । ୨୦୧୪ରେ ଦେଶର ଜନତା ପରିବର୍ତ୍ତନ କରିଛନ୍ତି ଏବଂ ୨୦୧୭ରେ ଉତ୍ତରପ୍ରଦେଶର ଜନତା ସରକାର ପରିବର୍ତ୍ତନ କରି ଦେଖାଇଛନ୍ତି । ଏହି ପରିବର୍ତ୍ତନ କଂଗ୍ରେସ କିମ୍ବା ସମାଜବାଦୀ ପାର୍ଟିର ଶକ୍ତିର ନୁହେଁ ବରଂ ଜନତା ଜନାର୍ଦ୍ଦନର ଶକ୍ତିରେ ହୋଇଥିଲା।

ସିଏମ୍ ଯୋଗୀ ଉତ୍ତରପ୍ରଦେଶର ବିଧାନସଭା ନିର୍ବାଚନର ଉଦାହରଣ ଦେଇ କହିଛନ୍ତି କି, ୨୦୧୭ ଏବଂ ୨୦୨୨ର ନିର୍ବାଚନରେ ସପା ଏବଂ କଂଗ୍ରେସ ମିଶି ବି ସେତିକି ଆସନ ଜିତିପାରିନଥିଲେ ଯେତିକି ବିଜେପି ଏକାକୀ ୨୦୨୨ରେ ହାସଲ କରିଥିଲା । ବିଜେପି ଉତ୍ତରପ୍ରଦେଶରରେ ୨୫୫ସିଟ୍ ଜିତିଥିଲା । ସେ କହିଛନ୍ତି କି, ଜନତା ହିଁ ସୁନିଶ୍ଚିତ କରିଥାନ୍ତି କି କାହାକ

ବ୍ରଜରାଜନଗରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

ଝାରସୁଗୁଡ଼ା: ବ୍ରଜରାଜନଗର ପୌରାଂଚଳରେ ଚାଲିଥିବା ତଥା ପ୍ରସ୍ତାବିତ ବିଭିନ୍ନ ଜନହିତକର ଓ ଉନ୍ନୟନମୂଳକ ପ୍ରକଳ୍ପର ସ୍ଥିତି ସମ୍ପର୍କରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ସମୀକ୍ଷା କରିଛନ୍ତି। ଏହି ପରିଦର୍ଶନ ଓ ଆଲୋଚନା ସମୟରେ ବ୍ରଜରାଜନଗର ପୌରପାଳିକାର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସାଇଁ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଗସ୍ତ କାଳରେ ଅଂଚଳରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ଆକର୍ଷଣୀୟ ପିକନିକ୍ ସ୍ପଟ୍ ର ବିକାଶ ତଥା ଦୀର୍ଘ ଦିନରୁ ପ୍ରତୀକ୍ଷିତ ପ୍ରସ୍ତାବିତ କୁଟାବଗା ପୋଲ ନିର୍ମାଣ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ପୋଲ ନିର୍ମାଣ ହେଲେ ସ୍ଥାନୀୟ ଯୋଗାଯୋଗ ବ୍ୟବସ୍ଥାରେ ବ୍ୟାପକ ସୁଧାର ଆସିପାରିବ ବୋଲି ଆଲୋଚନାରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ପୌରାଂଚଳରେ ଚାଲିଥିବା ନୂତନ ପାଠାଗାର ନିର୍ମାଣ କାର୍ଯ୍ୟର ସମୀକ୍ଷା କରି ଜିଲ୍ଲାପାଳ ପାଠକମାନଙ୍କ ସୁବିଧା ପାଇଁ ଉଚ୍ଚକୋଟୀର ଭିତିଭୂମି, ଉନ୍ନତମାନର ଆସବାବପତ୍ର ଏବଂ ଭଲ ପୁସ୍ତକ ସଂଗ୍ରହ ଉପରେ ସତନ୍ତ୍ର ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଆଗକୁ ଆସୁଥିବା ପବିତ୍ର ଛଠ ପୂଜା ଏବଂ କାର୍ତ୍ତିକ ପୂର୍ଣ୍ଣିମାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ନଦୀଘାଟ ପରିଦର୍ଶନ କରିଥିଲେ। ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା ଓ ସୁବିଧା ନିମନ୍ତେ ଘାଟଗୁଡ଼ିକର ସାମଗ୍ରିକ ବିକାଶ ତଥା ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେ ପୌର ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିବା ସହ ଲୋକଙ୍କୁ ଉତମ ନାଗରିକ ସେବା ଯୋଗାଇଦେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୪.୦



ଦେବଗଡ(ପିପିଏସ୍) : ଜିଲ୍ଲା ସ୍ୱାସ୍ଥ୍ୟ ସମିତି,ଦେବଗଡ ପକ୍ଷରୁ ଆଜି ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୪.୦ ଅନୁଷ୍ଠିତ ହୋଇଯାଇଛି। ଜନ ସାସ୍ଥ୍ୟଧିକାରୀ ଡକ୍ତର ପ୍ରଭାତ କୁମାର ଓଝାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରି ଜିଲ୍ଲାରେ ତମାଖୁ ନିୟନ୍ତ୍ରଣ କରିବା ବିଭିନ୍ନ ପଦକ୍ଷେପ ନେବାପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲାର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଗ୍ରାମଗୁଡିକରେ ତମାଖୁର କୁପ୍ରଭାବ ସଂପର୍କରେ ସଚେତନ କରିବା ଏବଂ ତମାଖୁ ସେବନ ଅଧିକାଂଶ ଅଣ ସଂକ୍ରାମକ ରୋଗ ଓ କର୍କଟ ରୋଗର ମୁଖ୍ୟ କାରଣ ବୋଲି କହିଥିଲେ। ଏହି ଅଭିଯାନ ୨୯.୧୦.୨୦୨୬ ରୁ ୨୮.୧୨.୨୦୨୬ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ତମାଖୁ ଛାଡିବା ପାଇଁ ଦେୟମୁକ୍ତ ନମ୍ବର ୧୮୦୦-୧୧-୨୩୫୬ ରେ ଯୋଗାଯୋଗ କରିପାରିବେ।ବୈଠକରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ରାଜେନ୍ଦ୍ର ମିଞ୍ଜ,ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଂଜନ ସୂତାର, ଡିପିଏମ୍ଏନ୍ଏଚ୍ଏମ୍ ସୁଶାନ୍ତ କୁମାର ପ୍ରହରାଜ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିଆମାଳ ଆଦିତ୍ୟ କୁମାର ପଣ୍ଡା ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଶିଶୁ ଶ୍ରମମୁକ୍ତ ସଚେତନତା ରଥର ଶୁଭାରମ୍ଭ

ସୁବର୍ଣ୍ଣପୁର: ସୁବର୍ଣ୍ଣପୁର ଜିଲ୍ଲାର ପ୍ରତ୍ୟେକ ଗ୍ରାମ ପଂଚାୟତକୁ ଶିଶୁ ଶ୍ରମମୁକ୍ତ କରିବା ଲକ୍ଷ୍ୟରେ ଚାଲିଥିବା ୪୪ ଦିନିଆ ସଚେତନତା ଅଭିଯାନର ଅଂଶସ୍ୱରୂପ ଆଜି ସକାଳ ୧୦ଟାରେ ଜିଲ୍ଲାପାଳ ଶ୍ରୀ ଦେବାଶିଷ ସିଂହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଅଧିକରୁ ଅଧିକ ଜନସାଧାରଣଙ୍କ ନିକଟରେ ଶିଶୁ ଶ୍ରମିକ ନିରାକରଣର ବାର୍ତ୍ତା ପହଂଚାଇବା ଏହି ରଥର ମୁଖ୍ୟ ଉଦ୍ଦେଶ୍ୟ। ଏହି ୪୪ ଦିନିଆ ଅଭିଯାନ ଗତ ଅକ୍ଟୋବର ୨ ତାରିଖରୁ ଆରମ୍ଭ ହୋଇ ଆସନ୍ତା ନଭେମ୍ବର ୧୪ ତାରିଖ ଶିଶୁ ଦିବସରେ ଶେଷ ହେବ। ଏହି ଅଭିଯାନ ଜିଲ୍ଲାର ବିଭିନ୍ନ ବ୍ଲକ ଓ ଗ୍ରାମ ପଂଚାୟତରେ ଚାଲୁ ରହିଛି। ଏହି ଅଭିଯାନ ଅନ୍ତର୍ଗତ ଜିଲ୍ଲା ପ୍ରଶାସନ, ଶ୍ରମ ବିଭାଗ ଓ ଶିଶୁ ମଙ୍ଗଳ କମିଟିର ମିଳିତ ଟିମ୍ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇଛି। ଆଗାମୀ ଦିନରେ ମଧ୍ୟ ଏହି ଚଢ଼ଉ ଓ ଉଦ୍ଧାର କାର୍ଯ୍ୟ ଜାରି ରହିବ। ଏଥିସହ ଶିଶୁମାନଙ୍କୁ କୌଣସିବିପଜ୍ଜନକ କାର୍ଯ୍ୟରେ ନିୟୋଜିତ ନକରିବା ଏବଂ ସେମାନଙ୍କ ଦ୍ୱାରା ଶ୍ରମ କରାଇବାରୁ ନିବୃତ୍ତ ରହିବା ପାଇଁ ଜନସାଧାରଣ ଓ ନିଯୁକ୍ତିଦାତାଙ୍କୁ ସଚେତନ କରାଯିବ। ୧୪ ବର୍ଷରୁ କମ୍ ବୟସର କୌଣସିଶିଶୁଙ୍କୁ ଶ୍ରମ କାର୍ଯ୍ୟରେ ନିୟୋଜିତ କରାଯାଇପାରିବ ନାହିଁ। ସେହିପରି ୧୫ରୁ ୧୮ ବର୍ଷ ବୟସର କିଶୋରମାନଙ୍କୁ କୌଣସିବିପଜ୍ଜନକ କାର୍ଯ୍ୟରେ ନିୟୋଜିତ କରିବା ନିଷିଦ୍ଧ। ଶିଶୁ ଶ୍ରମିକ ନିୟୋଜନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ଜିଲ୍ଲା ଶ୍ରମ ଅଧିକାରୀ ସୁଶ୍ରୀ କନ୍ୟା କୁମାରୀ ସାହୁ କହିଛନ୍ତି ଯେ, ଏହି ଅଭିଯାନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିବା ସହ ଏକ ସୁସ୍ଥ ଓ ଶିଶୁ ଶ୍ରମମୁକ୍ତ ସମାଜ ଗଠନ ପାଇଁ ସମସ୍ତେ ଆଗେଇ ଆସିବା ଆବଶ୍ୟକ। ଏଥିପାଇଁ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ସହଯୋଗ ଓ ସକ୍ରିୟ ଭାଗୀଦାରିଜରୁରୀ। ଯଦିକୌଣସି ସ୍ଥାନରେ ୧୪ ବର୍ଷରୁ କମ୍ ବୟସର ଶିଶୁ ଶ୍ରମ କରୁଥିବା କିମ୍ବା ୧୮ ବର୍ଷରୁ କମ୍ ବୟସର କିଶୋର ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ ଥିବା ଦେଖାଯାଏ, ତେବେ ଜନସାଧାରଣ ଚାଇଲ୍ଡଲାଇନ୍ ନମ୍ବର ୧୦୯୮କୁ ଫୋନ୍ କରି ସୂଚନା ଦେଇପାରିବେ। ଏହି କାର୍ଯ୍ୟକ୍ରମରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଦିଲେଶ୍ୱର ଖାଖା, ଜିଲ୍ଲା ଶ୍ରମ ଅଧିକାରୀ କନ୍ୟାକୁମାରୀ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର, କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ସହକାରୀ ଶ୍ରମ ଅଧିକାରୀ, ବିନିକା ଚିନ୍ମୟ ମେହେର, ସହକାରୀ ଶ୍ରମ ଅଧିକାରୀ, ଉଲୁଣ୍ଡା, ଲିଫକରାଜ ନାୟକ, ସହକାରୀ ଶ୍ରମ ଅଧିକାରୀ, ବୀରମହାରାଜପୁର, ଶାଶ୍ୱତ ସୌମ୍ୟକାନ୍ତ, ସହକାରୀ ଶ୍ରମ ଅଧିକାରୀ, ତରଭା, ସପ୍ରତିଭ ପ୍ରଧାନଙ୍କ ସମେତ ଶ୍ରମ ବିଭାଗର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

୧୯ରୁ ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ



ବଲାଙ୍ଗିର,(ପିପିଏସ୍) : ପୃଥ୍ୱୀରାଜ ହାଇସ୍କୁଲ ବଲାଙ୍ଗିର ୧୯୭୭ ସାମାଜିକ ସାଂସ୍କୃତିକ ସଂଘ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ଆନ୍ତଃ ସ୍କୁଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୯ ତାରିଖରୁ ଟାଉନ ହାଇସ୍କୁଲ ପଡିଆରେ ହେବ। ସଂପାଦକ ଡା. ସୁକାନ୍ତ ପୁରୋହିତ ଙ୍କ ଅଧ୍ୟକ୍ଷତାରେ ଟାଉନ ହାଇସ୍କୁଲ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ କୋଷାଧ୍ୟକ୍ଷ ବ୍ରଜବନ୍ଧୁ ସାଏ, ଆବାହକ ଡା. ସିଦ୍ଧେଶ୍ୱର ମିଶ୍ର, କାର୍ଯ୍ୟକାରୀ କମିଟି ସଦସ୍ୟ ନରେନ୍ଦ୍ର ଆରୁର୍ଯ୍ୟ, ରାଜ କିଶୋର ଦାଶ, ସଲିମ ଖାନ, ସତ୍ୟନାରାୟଣ ପଣ୍ଡା, ଭଗବାନ ବଗର୍ତ୍ତୀ, ସଦସ୍ୟ ଅମରଦୀପ ପାଣିଗ୍ରାହୀ ଓ ରାଜେନ୍ଦ୍ର ମିଶ୍ର ମଂଚାସିନ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପୃଥ୍ୱୀରାଜ ହାଇସ୍କୁଲ, ପଲ୍ଲିଶ୍ରୀ ହାଇସ୍କୁଲ ଏକାଡେମୀ, ସରକାରୀ ହାଇସ୍କୁଲ ଭାଲେର, ନବଜୀବନ ବିଦ୍ୟାପୀଠ, ଫଟାୟତ ହାଇସ୍କୁଲ ଚନ୍ଦନଭାଟି ଓ ଟାଉନ ହାଇସ୍କୁଲ ବଲାଙ୍ଗିର ଅଂଶଗ୍ରହଣ କରିବେ। ଫ୍ରେଣ୍ଡସ କ୍ଲବ ସଭାପତି ଲୋଟସ ଷଡଙ୍ଗୀ, ସଂପାଦକ ଜଗନ୍ନାଥ ମିଶ୍ର, କ୍ରୀଡା ସଂଗଠକ ଶଶୀ ଶେଖର ପଣ୍ଡା, ଜିଲ୍ଲା କ୍ରୀଡା ସଂସଦ ଫୁଟବଲ ସଂପାଦକ ଶରତ କୁମାର ନନ୍ଦ, କ୍ରୀଡାବିତ ସୁନୀଲ ଚନ୍ଦ୍ର ବିଶ୍ୱାଳ, ଭୁପେନ୍ଦ୍ର ପ୍ରସାଦ ସିଂ, ନିଶାରକାନ୍ତ ନାଗ, ଭରତ ଡାଙ୍ଗ, ଶଶାଙ୍କର ପଟ୍ଟନାୟକ, ପ୍ରଧାନ ଶିକ୍ଷକ ପବିତ୍ର ମୋହନ ଗୁରୁ, ହେମନ୍ତ ପ୍ରଧାନ, ଜଗନ୍ନାଥ ସାହୁ, ରଞ୍ଜିତ ବେହେରା, ଦଧିବାବନ ବାଗ, ରାଜେଶ କୁମାର, ବିକାଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ବ୍ରଜବନ୍ଧୁ ସାଏ ଧନ୍ୟବାଦ ଦେଇଥିଲେ।

ବ୍ଲକ୍ ଓ ପୌରାଞ୍ଚଳସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ଜୟପୁର: ରାଷ୍ଟ୍ରଦୀପ ପ୍ରସାର ସମିତି, ଦାମନଯୋଡି ତରଫରୁ ସେବା ସଂକଳ୍ପ ଅଭିଯାନ ଅବସରରେ ସ୍ଥାନୀୟ ଜୟପୁର ସିଟି ହାଇସ୍କୁଲ ଠାରେ ଯଥାକ୍ରମେ ଜୟପୁର ବ୍ଲକ ଓ ପୌରାଂଚଳ ସ୍ତରୀୟ 'ମୋ ସପ୍ନର ଭାରତବର୍ଷ' ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା; ଯେଉଁଥିରେକି ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଶଶୀ ଭୂଷଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାକାର୍ଯ୍ୟ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୋମନାଥ ଗାଦବା ମୁଖ୍ୟ ଅତିଥି ରୂପେ ଏବଂ ସ୍ଥାନୀୟ ବିଦ୍ୟାଳୟର ଅଧ୍ୟକ୍ଷ ସୁଧାକର ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ପୌରାଞ୍ଚଳ ସ୍ତରୀୟ ପ୍ରତିଯୋଗିତାରେ ଜାଭିୟର ହାଇସ୍କୁଲର ଏନ.ସାଇ ତୀକ୍ଷଣା, ସିଟି ହାଇସ୍କୁଲର ଜି. ପବନସାଇଦେବ, ମଡର୍ଣ୍ଣ ଇଂଲିଶ ସ୍କୁଲର ଉନ୍ନତି ତ୍ରିପାଠୀ, ଅରବିନ୍ଦ ନଗର ସରସ୍ୱତୀ ବିଦ୍ୟା ମନ୍ଦିରର ଅଲିଭା ଗମାଙ୍ଗ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ସାନ୍ତ୍ୱନାମୂଳକ ସ୍ଥାନ ଅଧିକାର କରିଥିଲେ। ବ୍ଲକ୍ ସ୍ତରୀୟ ପ୍ରତିଯୋଗିତାରେ ଡିମଳା ହାଇସ୍କୁଲର ଖୁସି ଗୌଡ଼ ଏବଂ ଗଡପଦର ହାଇସ୍କୁଲର ଜିତୁ ଟାକରି ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସଂଯୋଜକ ପ୍ରତାପ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅମର ପାଳ, ପ୍ରିୟମ୍ବଦା ମହାରଣା, ରିତୁ ଦାସ, ଦିପ୍ତିମୟୀ ମିଶ୍ର, ଆଏସା ଗୌଡ଼ ଏବଂ ସଂଯୁକ୍ତା ବାଡତ୍ୟା ସମସ୍ତ କାର୍ଯ୍ୟକ୍ରମ ତଥା ପ୍ରତିଯୋଗିତାର ପରିଚାଳନା କରିଥିଲେ। ରାଷ୍ଟ୍ରଦୀପ ପ୍ରସାର ସମିତି କେବଳ ପ୍ରତିଯୋଗିତା କରେ ନାହିଁ ବରଂ ଶିକ୍ଷା, ସମାଜସେବା, ପରିବେଶ ସୁରକ୍ଷା, ରାଷ୍ଟ୍ରବାଦୀ ବୁଦ୍ଧିଜୀବୀ ସମ୍ମିଳନୀ କରି ଏ ଭାରତକୁ ବସୁଧୈବ କୁଟୁମ୍ବକମ୍ ରେ ପରିଣତ କରିବା ପାଇଁ ପ୍ରୟାସ ଜାରି ରଖିଛି ବୋଲି ବନବାସୀ କଲ୍ୟାଣ ଆଶ୍ରମ ଯୁବା ଆୟାମ ବିଭାଗର ସହ-ପ୍ରାନ୍ତ ସଂଯୋଜକ ତଥା ଜିଲ୍ଲା କାର୍ଯ୍ୟକ୍ରମ ସମନ୍ୱୟ ସଂଯୋଜକ ସଦସ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ପ୍ରକାଶ କରିଥିଲେ। ପ୍ରତିଭାଗୀ ମାନଙ୍କୁ ମଣିଷ ପରି ମଣିଷଟିଏ ହେବାକୁ ଆଶ୍ରୀବଚନ ପ୍ରଦାନ କରିବା ସହ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଭାଗୀ ମାନେ ଚଳିତ ମାସ ୧୧ ତାରିଖ ଦିନ କୋରାପୁଟ ଠାରେ ଆୟୋଜିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ।

ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ପ୍ରସ୍ତୁତିର ସମୀକ୍ଷା କଲେ ଜିଲ୍ଲାପାଳ

ପ୍ରଦର୍ଶନୀ ସହିତ ଚାଷୀଙ୍କୁ ଉନ୍ନତ ଜ୍ଞାନକୌଶଳ ଓ ଆଧୁନିକ କୃଷି ପଦ୍ଧତି ସମ୍ପର୍କରେ ଦିଆଯିବ ପରାମର୍ଶ



ବୌଦ୍ଧ,(ପିପିଏସ୍) : ଚଳିତମାସର ଆସନ୍ତା ୨୫ ଓ ୨୬ ତାରିଖରେ ବୌଦ୍ଧ ଜିଲ୍ଲାର ସ୍ଥାନୀୟ କଚେରି ପଡ଼ିଆଠାରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହେବ। ଏହି ମେଳାର ସଫଳ ଆୟୋଜନ ଓ ସୁପରିଚାଳନା ନିମନ୍ତେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଏବଂ ଉପଜିଲ୍ଲାପାଳ ବିନୟ କୁମାର ଭୋଇ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀସମ୍ପଦ ଅଧିକାରୀ ଡା. ଦିଲ୍ଲୀପ କୁମାର କବିରାଜ ଉପସ୍ଥିତ ସମସ୍ତ ଅତିଥି ଓ ଅଧିକାରୀଙ୍କୁ ସ୍ୱାଗତ କରିବା ସହିତ ବୈଠକର ଉଦ୍ଦେଶ୍ୟ ଓ ମେଳାର ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ମେଳାରେ ମୋଟ ୩୦ଟି ଷ୍ଟଲ୍‌ର ବ୍ୟବସ୍ଥା କରାଯିବ। ଏଥିମଧ୍ୟରୁ ପ୍ରାଣୀସମ୍ପଦ ବିଭାଗର ୫ଟି, ମତ୍ସ୍ୟ ବିଭାଗର ୫ଟି, ଅନ୍ୟାନ୍ୟ ବିଭାଗର ୧୦ଟି ଏବଂ ଜୀବନ୍ତ ପଶୁପକ୍ଷୀ ଓ ମତ୍ସ୍ୟସମ୍ପଦର ପ୍ରଦର୍ଶନ ନିମନ୍ତେ ୧୦ଟି ଷ୍ଟଲ୍ ରହିବ। ଏହି ଷ୍ଟଲ୍‌ଗୁଡ଼ିକ ମାଧ୍ୟମରେ ଚାଷୀମାନେ ବିଭିନ୍ନ ଉନ୍ନତ ପ୍ରଜାତି, ଆଧୁନିକ ଚାଷ ପଦ୍ଧତି, ସରକାରୀ ଯୋଜନା ଓ ନୂତନ ଜ୍ଞାନକୌଶଳ ସମ୍ପର୍କରେ ଅବଗତ ହୋଇପାରିବେ। ମେଳାର ପ୍ରତ୍ୟେକ ଦିନ ଜିଲ୍ଲାର ବିଭିନ୍ନ ବ୍ଲକ୍ ?ରୁ ପ୍ରାୟ ୫୦୦ ଜଣ ଚାଷୀ ଓ ହିତାଧିକାରୀ ଏବଂ ୧୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ। କୃଷି, ଉଦ୍ୟାନ କୃଷି, ମତ୍ସ୍ୟଚାଷ ଓ ପ୍ରାଣୀସମ୍ପଦ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଜିଲ୍ଲାର ସଫଳ ଚାଷୀମାନଙ୍କୁ ମେଳାରେ ସମ୍ବର୍ଦ୍ଧିତ କରାଯିବ। ଏଥିସହିତ ସେମାନେ ନିଜ ନିଜର ସଫଳତାର ଅନୁଭୂତି ଓ କାହାଣୀ ଅନ୍ୟ ଚାଷୀମାନଙ୍କ ସହ ବାଣ୍ଟିବେ, ଯାହା ଅନ୍ୟମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରେରଣା ଯୋଗାଇବ। ଚାଷୀମାନଙ୍କୁ ଆଧୁନିକ ଓ ଉନ୍ନତ ଜ୍ଞାନକୌଶଳ ସମ୍ପର୍କରେ ଶିକ୍ଷା ଦେବା ଉଦ୍ଦେଶ୍ୟରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଓ ବୈଜ୍ଞାନିକମାନଙ୍କୁ ନେଇ ଆଲୋଚନାଚକ୍ର ଓ ସିମ୍ପୋସିୟମ୍ ଆୟୋଜନ କରାଯିବ। ଏହାଦ୍ୱାରା ଚାଷୀମାନେ ବୈଜ୍ଞାନିକ ପଦ୍ଧତିରେ ଚାଷ କରିବା, ଉତ୍ପାଦନ ବୃଦ୍ଧି, ଆୟ ବୃଦ୍ଧି ଓ ଆତ୍ମନିଯୁକ୍ତିର ସୁଯୋଗ ସୃଷ ସମ୍ପର୍କରେ ଉପଯୁକ୍ତ ମାର୍ଗଦର୍ଶନ ପାଇପାରିବେ। ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅଙ୍କିତା ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତପନ କୁମାର ଦାସ, ଏସ୍ ?ଡିଭିଓ ଡା. ତପନ କୁମାର ଦ୍ୱିବେଦୀ, ଏଡିଏଚ୍ ଶୁଭେନ୍ଦୁ କୁମାର ବିଶ୍ୱାସ, ଏଡିଭିଓ ଡା. ଅଭିମନ୍ୟୁ ରାଉତ, ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ଲିସା ବେହେରା, ଏଫ୍ ?ଓ ଚିନ୍ମୟୀ ବେହେରା, ଏଲ୍‌ଡିଏମ୍ ଡନ୍ ବସ୍କୋ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ଜିଲ୍ଲାପାଳ ଶ୍ରୀ ନାୟକ ମେଳାର ସଫଳ ଆୟୋଜନ ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା, ଷ୍ଟଲ୍‌ଗୁଡ଼ିକର ସୁବ୍ୟବସ୍ଥା, ଚାଷୀ ଓ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ ଏବଂ ଆବଶ୍ୟକୀୟ ଭିତିଭୂମି ଓ ଅନ୍ୟାନ୍ୟ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ।

ଜନ ଅଭିଯୋଗ ଶୁଣାଣି ଶିବିର

ମାଲକାନଗିରି : ପଡ଼ିଆ ଫଂଚାୟତ ସମିତି ସଭାଗୃହ ପରିସରରେ ଜିଲ୍ଲା ପ୍ରଶାସନ ତରଫରୁ ଏକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଅଧକ୍ଷତା କରିଥିବା ବେଳେ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ପଡିଆ ବିଡିଓ ଅରବିନ୍ଦ ପ୍ରଧାନ ଏବଂ ସହାୟକ ଜିଲ୍ଲାପାଳ ପ୍ରୀତମ ଦେବତା ଉପସ୍ଥିତ ରହି ସାଧାରଣ ଜନତାଙ୍କ ବିଭିନ୍ନ ଅଭିଯ

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିନିକିଆ; ୫ ୱିକେଟ୍‌ରେ ହାରିଲା ନ୍ୟୁଜିଲାଣ୍ଡ



ଅକଲାଣ୍ଡ: ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ଭାରତର ଦମ୍‌ଦାର ବିଜୟ ହୋଇଛି । ବୁଧବାର ଅକଲାଣ୍ଡର ଇଡେନ୍ ପାର୍କରେ ଖେଳାଯାଇଥିବା ମ୍ୟାଚ୍‌ରେ ଡକ୍‌ୱର୍ଥ-ଲୁଇସ୍-ଷ୍ଟନର ନିୟମ ଅନୁସାରେ ଭାରତ ୫ ୱିକେଟ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି । ଏହି ବିଜୟ ସହ ଭାରତ ସିରିଜ୍‌ରେ ୧-୦ରେ ଅଗ୍ରଣୀ ହାସଲ କରିଛି । ଭାରତ ପକ୍ଷରୁ ବିରାଟ କୋହଲି ୫୧ ବଲ୍‌ରେ ୭୪ ରନ୍‌ର ଚମତ୍କାର ଇନିଂସ ଖେଳି ଦଳର ବିଜୟକୁ ସହଜ କରିଥିଲେ। ବର୍ଷା ଯୋଗୁଁ ମ୍ୟାଚ୍‌ରେ ଏକାଧିକ ଥର ବାଧା ସୃଷ୍ଟି ହୋଇଥିଲା। ଫଳରେ ଭାରତକୁ ୩୨ ଓଭରରେ ୧୪୩ ରନ୍‌ର ସଂଶୋଧିତ ଲକ୍ଷ୍ୟ ମିଳିଥିଲା। ଭାରତ ୨୨.୫ ଓଭରରେ ୫ ୱିକେଟ୍ ହରାଇ ଏହି ଲକ୍ଷ୍ୟ ହାସଲ କରିନେଇଥିଲା। ଟସ୍ ଜିତି ଭାରତ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ କରିବାକୁ ଆସିଥିବା ନ୍ୟୁଜିଲାଣ୍ଡ ୪୦.୨ ଓଭରରେ ମାତ୍ର ୧୮୫ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଓପନର ଟିମ୍ ସିଫର୍ଟ ସର୍ବାଧିକ ୩୮ ରନ୍ କରିଥିଲେ । ସେ ୩ଟି ଚୌକା ଓ ୨ଟି ଛକା ମାରିଥିଲେ । ଏହାଛଡ଼ା ଏକାଦଶ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ବ୍ଲେୟାର ଟିକନର ୩୪ ରନ୍ କରି ଦଳର ସ୍କୋରକୁ ୧୫୦ ପାର କରାଇବାରେ ସହାୟତା କରିଥିଲେ । ଭାରତ ପକ୍ଷରୁ ଅର୍ଶଦୀପ ସିଂ ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ।

୧୪୩ ରନ୍‌ର ଲକ୍ଷ୍ୟ ପିଛା କରିବାକୁ ଆସି ଭାରତ ପ୍ରଥମ ଓଭରରେ ହିଁ ରୋହିତ ଶର୍ମାଙ୍କ ୱିକେଟ୍ ହରାଇଥିଲା। ତେବେ ବିରାଟ କୋହଲି ଓ ଶୁଭମନ ଗିଲ୍ ଦ୍ୱିତୀୟ ୱିକେଟ୍ ପାଇଁ ୧୦୪ ବଲ୍‌ରେ ୧୧୩ ରନ୍‌ର ମହତ୍ତ୍ୱପୂର୍ଣ୍ଣ ଭାଗୀଦାରି କରିଥିଲେ । ଗିଲ୍ ୫୬ ବଲ୍‌ରେ ୫ଟି ଚୌକା ସହ ୩୭ ରନ୍ କରି ଆଉଟ୍ ହୋଇଥିଲେ । ଅନ୍ୟପଟେ ବିରାଟ ନିଜ ଆକ୍ରମଣାତ୍ମକ ବ୍ୟାଟିଂ ଜାରି ରଖି ୫୧ ବଲ୍‌ରେ ୭୪ ରନ୍ କରିଥିଲେ। ତାଙ୍କ ଇନିଂସରେ ୧୩ଟି ଚୌକା ଓ ଗୋଟିଏ ଛକା ସାମିଲ ଥିଲା।

ଏସୀୟ ମହିଳା ହକି ଚାମ୍ପିଅନ୍ସ ଟ୍ରଫି-୨୦୨୬

ମାଲେସିଆ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ ଭାରତ



ଭୋପାଳ: ଘରୋଇ ମାଟିରେ ପୁଣି ଥରେ ନିଜର ଦବ୍‌ଦବା ଦେଖାଇବା ପାଇଁ ସଜବାଜ ହେଲାଣି ଭାରତୀୟ ମହିଳା ହକି ଟିମ୍। ଚଳିତ ମାସ ୧୯ ତାରିଖରୁ ଭୋପାଳସ୍ଥିତ ନାଥୁ ବର୍ଖେଦା ଅନ୍ତର୍ଜାତୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସର ନବନିର୍ମିତ ହକି ଷ୍ଟାଡିୟମ୍‌ରେ ଆରମ୍ଭ ହେବାକୁ ଯାଉଛି ବହୁପ୍ରତୀକ୍ଷିତ 'ମହିଳା ଏସୀୟ ଚାମ୍ପିଅନ୍ସ ଟ୍ରଫି'। ଲଗାତାର ତୃତୀୟ ଥର ପାଇଁ ଚାମ୍ପିଅନ୍ ହୋଇ ଟାଇଟଲ୍ ହ୍ୟାଟ୍ରିକ୍ ସଫଳତା ହାସଲ କରିବା ଲକ୍ଷ୍ୟ ନେଇ ମୈଦାନକୁ ଓହ୍ଲାଉଥିବା ଘରୋଇ ଟିମ୍ ଇଣ୍ଡିଆ, ଉଦ୍‌ଘାଟନୀ ଦିବସରେ ମାଲେସିଆ ବିପକ୍ଷରେ ଖେଳି ନିଜର ଅଭିଯାନ ଆରମ୍ଭ କରିବ।

ଏହି ୬ ରାଷ୍ଟ୍ରୀୟ ପ୍ରତିଯୋଗିତାରେ ଆୟୋଜକ ଭାରତ ସମେତ ଜାପାନ, ଚୀନ୍, ମାଲେସିଆ, ଥାଇଲାଣ୍ଡ ଏବଂ ଦକ୍ଷିଣ କୋରିଆ ଭାଗ ନେଉଛନ୍ତି। ଟୁର୍ଣ୍ଣାମେଣ୍ଟ ଫର୍ମାଟ୍ ଅନୁଯାୟୀ ପ୍ରତ୍ୟେକ ଦଳ ନିଜ ନିଜ ମଧ୍ୟରେ ଗୋଟିଏ ଲେଖାଏଁ ଲିଗ୍ ମ୍ୟାଚ୍ ଖେଳିବେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ମାଲେସିଆକୁ ଭେଟିବା ପରେ ଭାରତୀୟ ଦଳ ୨୧ ତାରିଖରେ ଦକ୍ଷିଣ କୋରିଆ, ୨୨ରେ ଥାଇଲାଣ୍ଡ, ୨୪ରେ ଚୀନ୍ ଏବଂ ୨୫ ତାରିଖରେ ଜାପାନ ବିପକ୍ଷରେ ମୁହାଁମୁହିଁ ହେବ। ଲିଗ୍ ପର୍ଯ୍ୟାୟ ଶେଷରେ ପଏଣ୍ଟ ଟେବୁଲର ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲ୍‌ରେ ପ୍ରବେଶ କରିବେ। ସେହିପରି ଟେବୁଲର ଶେଷ ଦୁଇ ସ୍ଥାନରେ ଥିବା ଟିମ୍ ୫ମ ଓ ୬ଷ୍ଠ ସ୍ଥାନ ପାଇଁ ଲଢ଼େଇ କରିବେ। ଏହି ସମସ୍ତ ମ୍ୟାଚ୍ ୨୭ ତାରିଖରେ ଖେଳାଯିବାକୁ ଥିବା ବେଳେ ୨୮ ତାରିଖରେ ଫାଇନାଲ୍ ଏବଂ କାଂସ୍ୟ ପଦକ ମୁକାବିଲା ଅନୁଷ୍ଠିତ ହେବ।

କୋହଲିଙ୍କ 'ଧନୁତୀର' ଷ୍ଟାଇଲ୍‌ରେ ସେଲିବ୍ରେସନ୍



ଅକଲାଣ୍ଡ: ବୁଧବାର ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଏକଦିବସୀୟ କ୍ରିକେଟ ମ୍ୟାଚ୍‌ରେ ଭାରତର ଷ୍ଟାର ବ୍ୟାଟ୍‌ସମ୍ୟାନ ବିରାଟ କୋହଲିଙ୍କ ୫୧ ବଲ୍‌ରେ ୭୧ ରନ୍ ଇନିଂସ ଅନେକ ରେକର୍ଡ ସୃଷ୍ଟି କରିଛି।

ଏହି ଇନିଂସ ପରେ ଭାରତୀୟ ଖେଳାଳିଭାବେ ଏକଦିବସୀୟ ମ୍ୟାଚରେ ସର୍ବାଧିକ ରେନ୍ ଚେଜ୍ କରିବାର ରେକର୍ଡ ଏବେ ବିରାଟଙ୍କ ନାଁରେ ଲେଖା ହୋଇଛି। ପୂର୍ବରୁ ଏହି ରେକର୍ଡ କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ନାମରେ ଥିଲା । ସଚିନ ୨୪୨ଟି ମ୍ୟାଚ୍ ଖେଳି ୮,୭୨୦ ରନ୍ ଚେଜ୍ କରିଥିଲେ, ଯେଉଁଥିରେ ୧୭ ଶତକ ଓ ୫୨ ଅର୍ଦ୍ଧଶତକ ଥିଲା। ଏହି ସମୟରେ ସଚିନଙ୍କ ଆଭରେଜ୍ ଥିଲା ୪୨.୩୩ ପ୍ରତିଶତ । ତେବେ ବୁଧବାର ନ୍ୟୁଜିଲାଣ୍ଡ ବିପକ୍ଷରେ ନିଜ ୭୪ ରନ୍‌ର ଇନିଂସ ପରେ ବିରାଟଙ୍କ ରନ୍ ଚେଜ ସ୍କୋର ୮୭୪୧ରେ ପହଂଚିଛି । କେହଲି ମାତ୍ର ୧୬୯ ଇନିଂସରୁ ଏହା ହସଲ କରିଥିବା ବେଳେ ଏଥିମଧ୍ୟରେ ୩୦ଟି ଶତକ ଓ ୪୬ଟି ଅର୍ଦ୍ଧଶତକ ରହିଛି । ଏହି ସମୟରେ କେହଲିଙ୍କ ଆଭରେଜ ସ୍କୋର ରହିଛି ୬୬.୨୧ ପ୍ରତିଶତ । ଏଥିସହ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରି ୧୩୦୦୦ ରନ୍ ପୂରଣ କରିବାରେ କୋହଲି ବିଶ୍ୱର ପ୍ରଥମ ବ୍ୟାଟ୍‌ସମ୍ୟାନ ପାଲଟିଛନ୍ତି। ଚଳିତବର୍ଷ ବିରାଟ ୧୦ଟି ଏକଦିବସୀୟ ଖେଳି ମୋଟ ୬୨୬ ରନ୍ ସ୍କୋର କରିଛନ୍ତି ଯାହା ମଧ୍ୟରେ ୨ଟି ଶତକ ଓ ୪ଟି ଅର୍ଦ୍ଧଶତକ ରହିଛି। ବିରାଟଙ୍କ ୱିକେଟ୍ ପତନ ପରେ ଭାରତ ଅକ୍ଷର ପଟେଲଙ୍କ ୱିକେଟ୍ ମଧ୍ୟ ହରାଇଥିଲା। ପରେ ଶ୍ରେୟସ ଆୟର ୧୫ ରନ୍ କରି ଆଉଟ୍ ହୋଇଥିଲେ।ଦଳ ୧୩୬ ରନ୍‌ରେ ପଞ୍ଚମ ୱିକେଟ୍ ହରାଇଥିଲା । ଶେଷରେ କେଏଲ୍ ରାହୁଲ ଓ ନମନ ଧୀର ଅପରାଜିତ ରହି ଭାରତକୁ ବିଜୟୀ କରାଇଥିଲେ। ଉଭୟ ଷଷ୍ଠ ୱିକେଟ୍ ପାଇଁ ୬ ବଲ୍‌ରେ ୭ ରନ୍‌ର ଅଭିଭାଜିତ ଭାଗୀଦାରି କରିଥିଲେ। ନମନ ଧୀର ବିଜୟ ସୂଚକ ଚୌକା ମାରି ଭାରତର ବିଜୟୀ କରିଥିଲେ।

ଆଇସିସି ରାଙ୍କିଂ: ଷ୍ଟାର୍କ ପୁଣି ଟେଷ୍ଟ ନମ୍ବର-୧ ବୋଲର

ଟି-୨୦ ଟପ୍-୧୦ରେ ଶ୍ରେୟସ, ଅଭିଷେକ ଓ ଇଶାନ



ଦୁବାଇ: ଆନ୍ତର୍ଜାତୀୟ କ୍ରିକେଟ୍ କାଉନସିଲ୍ ପକ୍ଷରୁ ବୁଧବାର ଜାରି ହୋଇଥିବା ସଦ୍ୟତମ ରାଙ୍କିଂରେ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି। ଅଷ୍ଟ୍ରେଲିଆର ଅଭିଜ୍ଞ ଦ୍ରୁତ ବୋଲର ମିଚେଲ୍ ଷ୍ଟାର୍କ ପୁଣିଥରେ ଟେଷ୍ଟ ବୋଲିଂ ରାଙ୍କିଂର ଶୀର୍ଷ ସ୍ଥାନ ଦଖଲ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଟେଷ୍ଟରେ ୯ଟି ୱିକେଟ୍ ନେଇଥିବା ଷ୍ଟାର୍କ ୮୮୧ ରେଟିଂ ପଏଣ୍ଟ ସହ ଦକ୍ଷିଣ ଆଫ୍ରିକାର ମାର୍କୋ ୟାନସେନ (୮୭୫ ପଏଣ୍ଟ)ଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନକୁ ଉଠିଛନ୍ତି। ଟେଷ୍ଟ ବୋଲିଂ ଟପ୍-୫ରେ ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନରୀ (୩ୟ), ଇଂଲଣ୍ଡର ଓଲି ରବିନ୍‌ସନ (୪ର୍ଥ) ଏବଂ ଭାରତର ଯଶପ୍ରୀତ ବୁମ୍ରା (୫ମ) ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟପଟେ ତୃତୀୟ ଟେଷ୍ଟରେ ୧୦ଟି ୱିକେଟ୍ ନେଇଥିବା ଦକ୍ଷିଣ ଆଫ୍ରିକାର ସ୍ପିନର ସାଇମନ୍ ହାର୍ମର ୯ଟି ସ୍ଥାନ ଉପରକୁ ଉଠି ସପ୍ତମ ସ୍ଥାନରେ ପହଞ୍ଚିଛନ୍ତି। ଫଳରେ ଟି-୨୦ ବ୍ୟାଟିଂ ଟପ୍-୧୦ରେ ଭାରତର ୩ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଅଭିଷେକ ଶର୍ମା ପ୍ରଥମ ସ୍ଥାନରେ ରାଜୁତି କରୁଥିବା ବେଳେ ଇଶାନ କିଶନ ତୃତୀୟ ସ୍ଥାନରେ ରହିଛନ୍ତି।

ଟେଷ୍ଟ ଅଲ୍‌ରାଉଣ୍ଡର ରାଙ୍କିଂରେ ମାର୍କୋ ୟାନସେନ ନିଜର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଏହି ରାଙ୍କିଂରେ ଭାରତର ରବୀନ୍ଦ୍ର ଜାଡେଜା ଦ୍ୱିତୀୟ, ଦକ୍ଷିଣ ଆଫ୍ରିକାର ୱିଆନ୍ ମୁଲଡର ତୃତୀୟ, ବାଂଲାଦେଶର ମେହଦୀ ହାସନ ମିରାଜ ଚତୁର୍ଥ ଏବଂ ସାଇମନ୍ ହାର୍ମର ପଞ୍ଚମ ସ୍ଥାନରେ ରହିଛନ୍ତି।

ଫିଟ୍ ଘୋଷିତ ହେଲେ ପ୍ରସିଦ୍ଧ କୃଷ୍ଣ



ବେଙ୍ଗାଲୁରୁ: ଭାରତୀୟ ଦ୍ରୁତ ବୋଲର ପ୍ରସିଦ୍ଧ କୃଷ୍ଣଙ୍କୁ ବିସିସିଆଇର ସେଣ୍ଟର ଅଫ୍ ଏକ୍ସଲେନ୍ସ ପକ୍ଷରୁ ସମ୍ପୂର୍ଣ୍ଣ ଫିଟ୍ ଘୋଷଣା କରାଯାଇଛି। ରେ ଦୁଇଦିନିଆ ଫିଟ୍‌ନେସ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ପରେ ଡାକ୍ତରୀ ଦଳ ତାଙ୍କୁ ସମସ୍ତ ଫର୍ମାଟ୍‌ରେ ଖେଳିବା ପାଇଁ ଅନୁମତି ଦେଇଛନ୍ତି। ଫିଟ୍‌ନେସ୍ ଲିୟରାନ୍ସ ପାଇବା ପରେ ପ୍ରସିଦ୍ଧ ଖୁବ୍ ଶୀଘ୍ର ନ୍ୟୁଜିଲାଣ୍ଡ ଗସ୍ତ କରିବେ। ନଭେମ୍ବର ୭ରୁ ଆରମ୍ଭ ହେବାକୁ ଥିବା ଭାରତ 'ଏ' ଓ ନ୍ୟୁଜିଲାଣ୍ଡ 'ଏ' ମଧ୍ୟରେ ୩ୟ ଅନୌପଚାରିକ ଟେଷ୍ଟ ମ୍ୟାଚ୍‌ରେ ସେ ପ୍ରତିନିଧିତ୍ୱ କରିବା ନେଇ ଲକ୍ଷ୍ୟ ରଖିଛନ୍ତି। ଏହି ମ୍ୟାଚ୍‌ରେ ତାଙ୍କର ପ୍ରଦର୍ଶନ ଭଲ ରହିଲେ, ଆଗାମୀ ନ୍ୟୁଜିଲାଣ୍ଡ ବିପକ୍ଷ ମୁଖ୍ୟ ଟେଷ୍ଟ ଶୃଙ୍ଖଳା ପାଇଁ ସେ ଜାତୀୟ ଦଳରେ ସ୍ଥାନ ପାଇପାରନ୍ତି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୩୦ରେ ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷ ୨ୟ ଦିନିକିଆ ମ୍ୟାଚ୍‌ରେ ପ୍ରସିଦ୍ଧ ଆହତ ହୋଇଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ତିନୋଟି ଦିନିକିଆ ପାଇଁ ତାଙ୍କୁ ଟିମ୍‌ରେ ରଖାଯାଇଥିଲେ ମଧ୍ୟ ଫିଟ୍‌ନେସ୍ ପାସ୍ କରିବା ସର୍ତ୍ତ ରହିଥିଲା। ମାତ୍ର ସଠିକ୍ ସମୟରେ ଫିଟ୍‌ନେସ୍ ପ୍ରମାଣପତ୍ର ନମିଳିବାରୁ ତାଙ୍କ ସ୍ଥାନରେ ଆର୍ଚିବ୍ ନବିଙ୍କୁ ସାମିଲ କରାଯାଇଥିଲା। ଫଳରେ ସେ ଆଗାମୀ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାରୁ ବାଦ୍ ପଡ଼ିସାରିଛନ୍ତି।

ଆସନ୍ତା ୨୦ରୁ ଜିଏଫ୍‌ଆଇ ଗଲ୍ଫ ଟୁର ଓଡ଼ିଶା ପର୍ଯ୍ୟାୟ

ଭୁବନେଶ୍ୱର: ନିଶା ମୁକ୍ତ ଭାରତ ସହ ଭାରତୀୟ ସଂସ୍କୃତି ଓ ସଂସ୍କାର ସୁରକ୍ଷାର ବାର୍ତ୍ତା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ସ୍ୱପ୍ନକୁ ଘରେଘରେ ପହଞ୍ଚାଇବାର ଲକ୍ଷ୍ୟ ନେଇ ଆୟୋଜିତ ହେଉଥିବା ଜିଏଫ୍‌ଆଇ ଗଲ୍ଫ ଟୁର ଓଡ଼ିଶାରେ ପାଦ ଥାପିବାକୁ ଯାଉଛି। ରାୟପୁର, ବେଙ୍ଗାଲୁରୁ ଭଳି ୫ଟି ସ୍ଥାନରେ ଆୟୋଜିତ ହୋଇସାରିବା ପରେ ଭାରତର ଏହି ସର୍ବବୃହତ୍ ଗଲ୍ଫ ମହୋତ୍ସବର ଓଡ଼ିଶା ପର୍ଯ୍ୟାୟ ସ୍ଥାନୀୟ ଭୁବନେଶ୍ୱର ଗଲ୍ଫ କୋର୍ସ (ବିଜିସି)ଠାରେ ଚଳିତ ମାସ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଆୟୋଜିତ ହେବ। ଭାରତୀୟ ଗଲ୍ଫ ମହାସଂଘ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାରେ ଥିବା ପାଞ୍ଚଟି ଗଲ୍ଫ କ୍ଲବ୍ ଗୋପାଳପୁର, ପରାଦୀପ, ସମ୍ବଲପୁର, ୧୨୦ ବାଟାଲିୟନ ଓ ବିଜିସିର ପାଖାପାଖି ୧୪୦ଜଣ ଗଲ୍‌ଫର ଅଂଶଗ୍ରହଣ କରିବେ। ଭାରତର ୨୮ଟି ଯାକ ରାଜ୍ୟରେ ରାଜ୍ୟସ୍ତରୀୟ ଆୟୋଜନ ପରେ ଜାତୀୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେବ। ଏହାର ବିଜେତା ଓ ଉପବିଜେତାଙ୍କୁ ଯଥାକ୍ରମେ ୨୦ ଲକ୍ଷ ଏବଂ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଯେ ଏହି ନିଆରା ଅଭିଯାନ ୨୦୨୨ ମସିହାରୁ ଆରମ୍ଭ ହୋଇଛି। ଗଲ୍ଫ ମାଧ୍ୟମରେ ସାମାଜ ଗଠନ ହେଉଛି ଏହାର ମୂଳଲକ୍ଷ୍ୟ।

ପୂର୍ବାଞ୍ଚଳ ଅନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି



ରାଉରକେଲା: ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଚାଲିଥିବା ପୂର୍ବାଞ୍ଚଳ ଅନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି ପ୍ରତିଯୋଗିତାରେ ବୁଧବାର ୩ଟି ମ୍ୟାଚ୍ ଖେଳାଯାଇଛି। ନିଜର ପ୍ରଥମ ମ୍ୟାଚ୍‌ରେ ସଦ୍ଗୁ ଗହୀର ଗୁରୁ ବିଶ୍ୱବିଦ୍ୟାଳୟଠାରୁ ପରାଜିତ ହୋଇଥିବା କିସ୍ (ଭୁବନେଶ୍ୱର) ଆଜି ଚମତ୍କାର ପ୍ରତ୍ୟାବର୍ତ୍ତନ କରିଛି। ଆଜି ଦଳ ସଂପୂର୍ଣ୍ଣ ଏକତରଫା ଭାବେ ୯-୦ ଗୋଲ୍‌ରେ ଭି.ବି.ୟୁନିଭର୍ସିଟି (ହଜାରିବାଗ)କୁ ପରାସ୍ତ କରିଛି। ଦଳର ଖେଳାଳିମାନେ ପ୍ରାରମ୍ଭରୁ ହିଁ ଆକ୍ରମଣାତ୍ମକ ଶୈଳୀ ଆପଣେଇ ପ୍ରତିପକ୍ଷକୁ କୌଣସି ସୁଯୋଗ ଦେଇନଥିଲେ। ଅନ୍ୟପଟେ ଦ୍ୱିତୀୟ ମ୍ୟାଚ୍‌ରେ ପଣ୍ଡିତ ରବିଶଙ୍କର ଶୁକ୍ଲ ବିଶ୍ୱବିଦ୍ୟାଳୟ (ରାୟପୁର) ଚମତ୍କାର ପ୍ରଦର୍ଶନ କରି ୫-୦ ଗୋଲ୍‌ରେ ଦୀନ ଦୟାଲ ଉପାଧ୍ୟାୟ ବିଶ୍ୱବିଦ୍ୟାଳୟ (ଗୋରଖପୁର)କୁ ପରାସ୍ତ କରିଛି। ମଣିପୁର ବିଶ୍ୱବିଦ୍ୟାଳୟ ଓ ହେମଚନ୍ଦ ଯାଦବ ବିଶ୍ୱବିଦ୍ୟାଳୟ ମଧ୍ୟରେ ଖେଳାଯାଇଥିବା ତୃତୀୟ ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ନିର୍ଦ୍ଧାରିତ ସମୟ ସୁଦ୍ଧା ଉଭୟ ଦଳ ୨-୨ ଗୋଲ୍‌ରେ ବରାବର ରହିଥିଲେ। ତେବେ ସୁଟ୍ ଆଉଟ୍‌ରେ ମଣିପୁର ବିଶ୍ୱବିଦ୍ୟାଳୟ ୩-୨ ଗୋଲ୍‌ରେ ବାଜିମାରିନେଇଥିଲା।

ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୦୧-୦୭ ନଭେମ୍ବର ୨୦୨୬ ସଙ୍କଟରେ ଭବିଷ୍ୟତ !



ଜାତୀୟ: କିପରି କ୍ଷତି ନିୟବଣ କରୁଛନ୍ତି ନିର୍ବାଚନ ଆୟୋଗ ?
ଅନ୍ତର୍ଜାତୀୟ: ଶାନ୍ତିଚୁକ୍ତି ଚାହୁଁଛନ୍ତି ସାଉଦି ଆରବ ଏବଂ ଇରାନ୍ ...
ବିଶେଷ ପ୍ରସଙ୍ଗ: ଅସ୍ତିତ୍ୱ ସଙ୍କଟରେ ଗୁଜୁରାଟର 'ଆଫ୍ରିକୀୟ' ଜନଜାତି...
କ୍ଷୁଦ୍ରଗଳ୍ପ : ଅତୃପ୍ତ ଆତ୍ମା...
ନାରୀ : ସିଙ୍ଗଲ୍ ମଦର୍ ହେବା ସହଜ ନୁହେଁ...
ଚଳଚ୍ଚିତ୍ର : ଟାଇଗର ଶ୍ରଫ୍‌ଙ୍କ ଘର ଉପରେ ଗୁଳିମାଡ଼ ପଛରେ ବଡ଼ ଷଡଯନ୍ତ୍ର !
ଖେଳ: ସଚିନଙ୍କ ଫିଟ୍‌ନେସ୍ ମନ୍ତ୍ର...

ଏଥିରେ ଅଛି ମୀନାବଜାର : ବାପା ସବୁ ଜାଣନ୍ତି.., ଚର୍ଚ୍ଚାରେ: ନେପାଳୀ ଛାତ୍ରୀ ପ୍ରକୃତି..., ବିଜ୍ଞାନ: ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ କାହିଁକି ବଦଳେନି ଆଙ୍ଗୁଠିର ଛାପ ?, ପର୍ଯ୍ୟଟନ: ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା 'କୌସାନୀ'...,

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


ପ୍ରକାଶ ପାଇଲା ସଂଗ୍ରହ କରନ୍ତୁ

ଡକ୍ଟର ହରେକୃଷ୍ଣ ମହତାବଙ୍କ

ଗାଁ ମଜଲିସ୍

(ତୃତୀୟ ଖଣ୍ଡ)

ISBN: 978-93-95591-03-4



ମୂଲ୍ୟ:୩୫୦ ଟଙ୍କା ମାତ୍ର

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Kataka - 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583